ଶ୍ରୀହନୁମାନ ଚାଲୀସା

ସ୍ୱାମୀ ତେଜୋମୟାନନ୍ଦ

ଶ୍ରୀହନୁମାନ ଚାଲୀସା

ବ୍ୟାଖ୍ୟାକାର

ସ୍ୱାମୀ ତେଜୋମୟାନନ୍ଦ

ଅନୁବାଦକ

ବ୍ରହ୍ମଚାରୀ ସିଦ୍ଧାର୍ଥ ଚୈତନ୍ୟ

ସେଣ୍ଟ୍ରାଲ୍ ଚିନ୍ମୟ ମିଶନ୍ ଟ୍ରଷ୍ଟ

ମୁମ୍ବାଇ - ୪୦୦ ୦୭୨

© ସେଣ୍ଟ୍ରାଲ ଚିନ୍ମୟ ମିଶନ୍ ଟ୍ରଷ୍ଟ
ମୁମ୍ବାଇ - ୪୦୦୦୭୨

ପ୍ରଥମ ସଂସ୍କରଣ - ୨୦୦୯
ମୁଦ୍ରଣ ସଂଖ୍ୟା - ୧୦୦୦
ଦ୍ୱିତୀୟ ସଂସ୍କରଣ - ୧୦୧୨
ମୁଦ୍ରଣ ସଂଖ୍ୟା - ୧୦୦୦

ସଂପାଦନା :
ବ୍ରହ୍ମଚାରୀ ସିଦ୍ଧାର୍ଥ ଚୈତନ୍ୟ

ପ୍ରକାଶନ :
ସେଣ୍ଟ୍ରାଲ୍ ଚିନ୍ମୟ ମିଶନ ଟ୍ରଷ୍ଟ୍
ଓଡ଼ିଆ ପ୍ରକାଶନ ବିଭାଗ, ଚିନ୍ମୟ ସୁଦର୍ଶନ,
ପ୍ଲଟ୍ ନଂ - ୧୮୦, ଭି.ଆଇ.ପି. ଏରିଆ,
ଆଇ.ଆର୍.ସି ଭିଲେଜ୍, ଭୁବନେଶ୍ୱର-୧୫

ମୁଦ୍ରଣ :
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା.ଲିଃ
ପ୍ଲଟ୍ ନଂ - ଏଫ୍ ୬୬/୧ ଓ ଏଫ୍ ୬୬/୨,
ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଏରିଆ,
ଭୁବନେଶ୍ୱର - ୨୪

ମୂଲ୍ୟ :

ଓଁ ଶ୍ରୀହନୁମତେ ନମଃ !

-: ଶ୍ରୀହନୁମାନ ଚାଳୀସା :-

(ଦୋହା)

ଶ୍ରୀଗୁରୁ ଚ଼ରନ ସରୋଜ ରଜ, ନିଜ ମନୁ ମୁକୁର ସୁଧାରି ।
ବରନଉଁ ରଘୁବର ବିମଲ ଜସୁ, ଜୋ ଦାୟକୁ ଫଲ ଚାରି ।।
ବୁଦ୍ଧିହୀନ ତନୁ ଜାନିକେ, ସୁମିରୌଂ ପବନ କୁମାର ।
ବଲ ବୁଦ୍ଧି ବିଦ୍ୟା ଦେହୁ ମୋହିଂ, ହରହୁ କଲେସ ବିକାର ।।

(ଚୌପାଈ)

ଜୟ ହନୁମାନ ଜ୍ଞାନ ଗୁନ ସାଗରଫ । ଜୟ କପୀସ ତିହୁଁ ଲୋକ ଉଜାଗର ।।
ରାମ ଦୂତ ଅତୁଲିତ ବଲ ଧାମା । ଅଞ୍ଜନି-ପୁତ୍ର ପବନ-ସୁତ ନାମା ।।
ମହାବୀର ବିକ୍ରମ ବଜରଙ୍ଗୀ । କୁମତି ନିୱାର ସୁମତି କେ ସଙ୍ଗୀ ।।
କଞ୍ଚନ ବରନ ବିରାଜ ସୁବେଶା । କାନନ କୁଣ୍ଡଲ କୁଞ୍ଚିତ କେଶା ।।
ହାଥ ବଜ୍ର ଔ ଧ୍ୱଜା ବିରାଜୈ । କାନ୍ଧେ ମୁଁଜ ଜନେଉ ସାଜୈ ।।
ଶଙ୍କର ସ୍ୱୁନ କେଶରୀ ନନ୍ଦନ । ତେଜ ପ୍ରତାପ ମହା ଜଗ ବନ୍ଦନ ।।
ବିଦ୍ୟାୱାନ ଗୁଣୀ ଅତି ଚାତୁର । ରାମ କାଜ କରିବେ କୋ ଆତୁର ।।
ପ୍ରଭୁ ଚ଼ରିତ ସୁନିବେ କୋ ରସିୟା । ରାମ ଲଖନ ସୀତା ମନ ବସିୟା ।।
ସୂକ୍ଷ୍ମ ରୂପ ଧରି ସିୟହିଁ ଦିଖାୱା । ବିକଟ ରୂପ ଧରି ଲଙ୍କ ଜରାୱା ।।
ଭୀମ ରୂପ ଧରି ଅସୁର ସଂହାରେ । ରାମଚ଼ନ୍ଦ୍ର କେ କାଜ ସଂୱାରେ ।।
ଲାୟ ସଂଜୀୱନ ଲଖନ ଜିୟାୟେ । ଶ୍ରୀ ରଘୁବୀର ହରଷି ଉର ଲାୟେ ।।

ରଘୁପତି କିହ୍ନୀ ବହୁତ ବଡ଼ାଈ । ତୁମ ମମ ପ୍ରିୟ ଭରତ ସମ ଭାଈ ।।

ସହସ୍ର ବଦନ ତୁହ୍ମରୋ ଜସ ଗାୱୈ । ଅସ କହି ଶ୍ରୀପତି କଣ୍ଠ ଲଗାୱୈ ।।

ସନାକାଦିକ ବ୍ରହ୍ମାଦି ମୁନୀସା । ନାରଦ ସାରଦ ସହିତ ଅହୀସା ।।

ଯମ କୁବେର ଦଗପାଲ ଜହାଁତେ । କବି କୋବିଦ କହି ସକୈ କହାଁତେ ।।

ତୁମ ଉପକାର ସୁଗ୍ରୀବ ହିଁ କୀହ୍ନା । ରାମ ମିଲାୟ ରାଜ ପଦ ଦୀହ୍ନା ।।

ତୁହ୍ମରୋ ମନ୍ତ୍ର ବିଭୀଷନ ମାନା । ଲଙ୍କେଶ୍ୱର ଭଏ ସବ ଜଗ ଜାନା ।।

ଯୁଗ ସହସ୍ର ଯୋଜନ ପର ଭାନୂ । ଲୀଲ୍ୟୋ ତାହି ମଧୁର ଫଲ ଜାନୂ ।।

ପ୍ରଭୁ ମୁଦ୍ରିକା ମେଲି ମୁଖ ମାହୀଁ । ଜଲଧି ଲାଂଘି ଗୟେ ଅଚରଜ ନାହୀଁ ।।

ଦୁର୍ଗମ କାଜ ଜଗତ କେ ଯେତେ । ସୁଗମ ଅନୁଗ୍ରହ ତୁହ୍ମରେ ତେତେ ।।

ରାମ ଦୁଆରେ ତୁମ୍ ରଖୱାରେ । ହୋତ ନ ଆଜ୍ଞା ବିନୁ ପୈସାରେ ।।

ସବ ସୁଖ ଲହୈ ତୁହ୍ମାରୀ ସରନା । ତୁମ ରକ୍ଷକ କାହୁକୋ ଡ଼ରନା ।।

ଆପନ ତେଜ ସହ୍ମାରୋ ଆପୈ । ତୀନୋଁ ଲୋକ ହାଁକ ତେଁ କାଁପୈ ।।

ଭୂତ ପିସାଚ୍ ନିକଟ ନହିଁ ଆୱୋ । ମହାବୀର ଜବ ନାମ ସୁନାୱୈ ।।

ନାସୈ ରୋଗ ହରୈ ସବ ପୀରା । ଜପତ ନୀରନ୍ତର ହନୁମତ ବୀରା ।।

ସଂକଟ ତେ ହନୁମାନ ଛୁଡ଼ାୱୈ । ମନ କ୍ରମ ବଚନ ଧ୍ୟାନ ଜୋ ଲାୱୈ ।।

ସବ ପର ରାମ ତପସ୍ୱୀ ରାଜା । ତିନ କେ କାଜ ସକଲ ତୁମ ସାଜା ।।

ଔର ମନୋରଥ ଜୋ କୋଇ ଲାୱୈ । ସୋଇ ଅମିତ ଜୀବନ ଫଲ ପାୱୈ ।।

ଚାରୋ ଯୁଗ ପରତାପ ତୁହ୍ମାରା । ହୈ ପରସିଦ୍ଧ ଜଗତ ଉଜିୟାରା ।।

ସାଧୁ ସନ୍ତ କେ ତୁମ୍ ରଖୱାରେ । ଅସୁର ନିକନ୍ଦନ ରାମ ଦୁଲାରେ ।।

ଅଷ୍ଟ ସିଦ୍ଧି ନବ ନିଧି କେ ଦାତା । ଅସ ବର ଦୀନ ଜାନକୀ ମାତା ।।

ରାମ ରସାୟନ ତୁହ୍ମରେ ପାସା । ସଦା ରହୋ ରଘୁପତି କେ ଦାସା ।।

ତୁହ୍ମରେ ଭଜନ ରାମ କୋ ପାଓ୍ୱେ । ଜନମ ଜନମ କେ ଦୁଃଖ ବିସରାଓ୍ୱେ ।।
ଅନ୍ତ କାଲ ରଘୁବର ପୁର ଜାଇ । ଜହାଁ ଜନ୍ମ ହରିଭକ୍ତ କହାଇ ।।
ଓ୍ୱୌର ଦେବତା ଚିତ୍ତ ନ ଧରଇ । ହନୁମତ ସେଇ ସର୍ବ ସୁଖ କରଇ ।।
ସଙ୍କଟ କଟୈ ମିଟୈ ସବ ପୀରା । ଜୋ ସୁମିରୈ ହନୁମତ ବଲବୀରା ।।
ଜୈ ଜୈ ଜୈ ହନୁମାନ ଗୋସାଇଁ । କୃପା କରହୁ ଗୁରୁଦେବ କୀ ନାଇଁ ।।
ଜୋ ଶତବାର ପାଠ କର କୋଇ । ଛୁଟହିଁ ବନ୍ଦି ମହାସୁଖ ହୋଇ ।।
ଜୋ ୟହ ପଢ଼ୈ ହନୁମାନ ଚାଲିସା । ହୋୟ ସିଦ୍ଧ ସାଖୀ ଗୌରୀସା ।।
ତୁଲସୀଦାସ ସଦା ହରିଚେ଼ରା । କୀଜୈ ନାଥ ହୃଦୟ ମହଁ ଡେ଼ରା ।।

(ଦୋହା)

ପଓ୍ୱନ ତନୟ ସଂକଟ ହରନ, ମଙ୍ଗଲ ମୂରତି ରୂପ ।
ରାମ ଲଖନ ସୀତା ସହିତ, ହୃଦୟ ବସହୁ ସୁର ଭୂପ ।।

(ଇତି ଗୋସ୍ୱାମୀ ତୁଲସୀଦାସ ବିରଚିତ ହନୁମାନ ଚାଲୀସା ସମାପ୍ତ)

* * *

(ଶ୍ରୀ ହନୁମାନ ଚାଳୀସା ବ୍ୟାଖ୍ୟା)

ବ୍ୟାଖ୍ୟାକାର :- ପରମ ପୂଜ୍ୟ ସ୍ୱାମୀ ତେଜୋମୟାନନ୍ଦ

ନୀଲାମ୍ବୁଜଶ୍ୟାମଲକୋମଲାଙ୍ଗଂ

ସୀତାସମାରୋପିତବାମଭାଗମ୍ ।

ପାଣୌ ମହାସାୟକଚାରୁଚାପଂ

ନମାମି ରାମଂ ରଘୁବଂଶନାଥମ୍ ।।

ଅତୁଳିତ ବଲଧାମଂ ହେମଶୈଲାଭଦେହଂ

ଦନୁଜବନକୃଶାନୁଂ ଜ୍ଞାନିନାମଗ୍ରଗଣ୍ୟମ୍ ।

ସକଲ ଗୁଣନିଧାନଂ ବାନରଣାମଧୀଶଂ

ରଘୁପତିପ୍ରିୟଭକ୍ତଂ ବାତଜାତଂ ନମାମି ।।

ଗୋସ୍ୱାମୀ ତୁଳସୀ ଦାସଙ୍କ ସ୍ୱରଚିତ ସୁପ୍ରସିଦ୍ଧ ଗ୍ରନ୍ଥ- 'ଶ୍ରୀରାମ ଚରିତମାନସ ।' ଏହା ବ୍ୟତୀତ ତାଙ୍କର ଯେଉଁ ଅତ୍ୟନ୍ତ ଲୋକପ୍ରିୟ ରଚନା ହେଉଛି, - "ଶ୍ରୀହନୁମାନ ଚାଳୀସା" । ତାଙ୍କର ଏଭଳି ଆଉ ଅନେକ ଗ୍ରନ୍ଥ ରହିଛି, ଯଥା :- କବିତାବଳୀ, ଦୋହାବଳୀ, ଗୀତାବଳୀ ବିନୟ ପତ୍ରିକା ଇତ୍ୟାଦି । କିନ୍ତୁ ଏସବୁ ଗ୍ରନ୍ଥଗୁଡିକ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ ହେଉଛି ତାଙ୍କର 'ଶ୍ରୀ ହନୁମାନ ଚାଳୀସା' । ଏଥିରେ ଶ୍ରୀହନୁମାନ୍‌ଙ୍କର ଚାଳିସଟି ଚୌପାଇ ମାଧ୍ୟମରେ ଯଶଗାନ କରାଯାଇଛି । ଏହାର ମହିମା ଏହିକି, ଯିଏ ସଂକଟ କାଳରେ ଏହାକୁ ପଢ଼େ ତା'ର ସମସ୍ତ ସଙ୍କଟ ଦୂର ହୋଇଥାଏ ଏବଂ ଯାହାର କୌଣସି ପ୍ରାପ୍ତିଲାଗି ମନରେ କାମନା ଥାଏ, ତେବେ ଏହି ହନୁମାନ ଚାଳୀସାକୁ ନିତ୍ୟପାଠ ଫଳରେ ସେହି ଇଚ୍ଛାଗୁଡ଼ିକ ପୂର୍ଣ୍ଣ ହୋଇପାରେ । ଯଦି ପାଠକର ରାମଭକ୍ତି ପାଇବାକୁ ଇଚ୍ଛା ଅଛି, ତେବେ ତା' ପାଇଁ ଏକମାତ୍ର ଉତ୍ତମ ଉପାୟ ହେଉଛି, ଅତ୍ୟନ୍ତ ଶ୍ରଦ୍ଧାପୂର୍ବକ ନିୟମିତ ଭାବରେ ହନୁମାନ ଚାଳୀସା ପାଠ

କରିବା। ଏହି ଚାଳୀସା ପାଠ ଏତେ ସୁନ୍ଦର ଏବଂ ଲୋକପ୍ରିୟ ତଥା ସରଳ ଭାଷାରେ ରଚିତ ହୋଇଛି ଯେ, ପ୍ରାୟ ଲୋକଙ୍କୁ ଏହା ଉପରେ ଅଧିକ ବିଚାର କରିବାକୁ ଆବଶ୍ୟକ ପଡ଼େନାହିଁ। କାରଣ, ତା'ର ପାଠ ମାତ୍ରକେ ଅର୍ଥ ବୋଧଗମ୍ୟ ହୋଇଯାଏ। କିନ୍ତୁ ଯଦି ଆମେ ଏହା ଉପରେ ବିଚାର କରିବା, ତେବେ ବହୁ ମୂଲ୍ୟ ତଥ୍ୟ ଆମେ ସେଥିରୁ ପାଇ ପାରିବା।

ଏହି "ହନୁମାନ ଚାଳୀସା"ରେ ହନୁମାନଙ୍କ ଯଶ ଗାୟନ କରାଯାଇଛି। ସୁତରାଂ, ସର୍ବ ପ୍ରଥମ ହନୁମାନ କିଏ ? ଆମେ ସଂକ୍ଷେପରେ ଜାଣିବା ଆବଶ୍ୟକ ଏବଂ ତା'ପରେ ପ୍ରସଙ୍ଗ ଅନୁସାରେ ବିସ୍ତାର ପୂର୍ବକ ଦେଖିବା। ଯଦି କଦାପି କାହାର ପରିଚୟ ଦିଆଯାଏ, ତେବେ ତା'ର ନାମ, ରୂପ, ସ୍ୱଭାବ, ଜାତି, ସମ୍ବନ୍ଧ, ଇତ୍ୟାଦି ଦ୍ୱାରା ହିଁ ଦିଆଯାଏ। ଅତଏବ, ଏଠାରେ ନାମ ହେଉଛି – 'ହନୁମାନ' ଓ ରୂପ – 'ବାନର' ହୋଇଥିବାରୁ ସ୍ୱଭାବିକ ଜାତି – 'ପଶୁ'। କିନ୍ତୁ ସ୍ୱରୂପ ବା ସ୍ୱଭାବ ହନୁମାନଙ୍କର ହେଉଛି – 'ସାକ୍ଷାତ୍ ବ୍ରହ୍ମ'। ଯେତେବେଳେ ପ୍ରଭୁ ଶ୍ରୀରାମ ଲୀଳା କରୁଥିଲେ, ସେତେବେଳେ ହନୁମାନଙ୍କର ପ୍ରଭୁଙ୍କ ସହିତ 'ସେବକ ବା ଦାସ' ରୂପେ ସମ୍ବନ୍ଧ ଥିଲା। ଶ୍ରୀରାମ ପରଂବ୍ରହ୍ମ ହୋଇ ମଧ୍ୟ ମହାରାଜା ଦଶରଥ ଓ ରାଣୀ କୌଶଲ୍ୟାଙ୍କର ପୁତ୍ର ରୂପେ ଅବତରିତ ହୋଇଥିଲେ। ଏହିପରି ହନୁମାନ ମଧ୍ୟ ବ୍ରହ୍ମସ୍ୱରୂପ ହୋଇ 'ଅଞ୍ଜନୀ ନନ୍ଦନ' ରୂପେ ନିଜକୁ ପ୍ରକଟ କରିଥିଲେ। ଅଞ୍ଜନୀ ଓ କେଶରୀ ହନୁମାନଙ୍କ ମାତା-ପିତା ଥିଲେ। ଅବତାର ଦୃଷ୍ଟିରୁ ହନୁମାନ ହେଉଛନ୍ତି – ସ୍ୱୟଂ ରୁଦ୍ରାବତାର, ଶଙ୍କର ରୂପ ଓ ବାୟୁ ଦେବତାଙ୍କ ପୁତ୍ର – 'ପବନସୁତ' ରୂପେ ପରିଚିତ। ଏହିପରି ତାଙ୍କର ଅନେକ ରୂପ ରହିଛି ତଥା ସବୁ ବ୍ୟବହାରରେ ତାଙ୍କର ବିଲକ୍ଷଣତା ଦେଖାଯାଏ।

ବର୍ତ୍ତମାନ ଦେଖିବା ଯେ, ହନୁମାନଙ୍କର କି କର୍ମ ଥିଲା ? ଏଭଳି ପୁରାଣ-ଇତିହାସ ଆଦିରେ ବର୍ଣ୍ଣନା ମିଳେ କି "କର୍ମାପ୍ୟେକମ୍ ତଦ୍ ଦେବସ୍ୟ ସେବା"। ତାଙ୍କର ଜୀବନର ଏକମାତ୍ର ପ୍ରୟୋଜନ ଥିଲା – 'ଭଗବାନଙ୍କର

ସେବା କରିବା।' ତେଣୁ ସେ ନିଜକୁ ପ୍ରଭୁ ଶ୍ରୀରାମଙ୍କ ସେବାରେ ପରମ ସେବକ ରୂପେ ନିୟୋଜିତ କରିଥିଲେ। ତାଙ୍କର ଶ୍ରୀରାମଙ୍କ ପ୍ରତି ଅନନ୍ୟ ପ୍ରେମାଭକ୍ତି ଥିବାରୁ ତାଙ୍କୁ ଜଣେ ଆଦର୍ଶ ରାମଭକ୍ତ କୁହାଯାଇଛି। ଭକ୍ତି ସାଧନାରେ ମଧ୍ୟ 'ଦାସ୍ୟ-ଭକ୍ତି'କୁ ସର୍ବୋତ୍କୃଷ୍ଟ ମାନ୍ୟତା ଦିଆଯାଏ- ଏହା ହେଉଛି ତାଙ୍କର ବିଶେଷତା। ଅର୍ଜୁନ, ଉଦ୍ଧବ ଆଦି ଏସବୁ ଭଗବାନ ଶ୍ରୀକୃଷ୍ଣଙ୍କ ସଖା-ଭକ୍ତ ଥିଲେ। ତେଣୁ ସେମାନଙ୍କ ଭକ୍ତିକୁ 'ସଖ୍ୟ-ଭକ୍ତି' ଆଖ୍ୟା ଦିଆଯାଏ।

ତୈତ୍ତରୀୟ ଉପନିଷଦ୍‌ରେ ବର୍ଣ୍ଣନା ଆସେ କି 'ବ୍ରହ୍ମ ପୁଚ୍ଛଂ ପ୍ରତିଷ୍ଠା' - ଏଥିରେ 'ପୁଚ୍ଛ' ଶବ୍ଦର ଅର୍ଥ ଲାଞ୍ଜ। ହନୁମାନ ବାନର (ପଶୁ)ରୂପ ହୋଇଥିବାରୁ ତାଙ୍କର ଏକ ଲାଞ୍ଜ ଥିଲା ଏବଂ ନିଜର ଲାଞ୍ଜ ପ୍ରତି ସାଧାରଣତଃ ବାନରଙ୍କର ଅତ୍ୟଧିକ ମମତା ଥାଏ। ସୁତରାଂ, ଏହି ପୁଚ୍ଛ ହେଉଛି ସ୍ୱତଃ ବ୍ରହ୍ମସ୍ୱରୂପ, ବ୍ରହ୍ମଜ୍ଞାନୀ। କିନ୍ତୁ ତାଙ୍କର ବାନର ରୂପ ଦେଖି ପଶୁରୂପେ ମାନ୍ୟତା ଦେଲେ ଆମ ବୁଦ୍ଧିର ମନ୍ଦତା ବୋଲି କୁହାଯିବ। ନାମ, ରୂପ, ସ୍ୱରୂପ (ସ୍ୱଭାବ), କର୍ମ ଓ ସମ୍ବନ୍ଧ ପରେ ଆସେ ଗୁଣ। ସୁତରାଂ, ହନୁମାନଙ୍କ ଗୁଣ ସମ୍ବନ୍ଧରେ କୁହାଯାଇଛି ଯେ, 'ସକଳ ଗୁଣ ନିଧାନଂ' - ଅର୍ଥାତ୍, ସମସ୍ତ ସଦ୍‌ଗୁଣଗୁଡ଼ିକର ସେ ହେଉଛନ୍ତି ନିଧାନ ବା ଭଣ୍ଡାର, ଖଣି। ସବୁ ଗୁଣଗୁଡ଼ିକ ମଧ୍ୟରେ ସର୍ବଶ୍ରେଷ୍ଠ ଗୁଣ ହେଉଛି - ନିରହଂକାରିତା ଓ ସତ୍ୟବାଦିତା ବା ସତ୍ୟନିଷ୍ଠତା। ହନୁମାନଙ୍କର ଅହଂକାର ପରିବର୍ତ୍ତେ ନମ୍ରତା, ଦୀନତା ଆଦି ସୁନ୍ଦର ସଦ୍‌ଗୁଣଗୁଡ଼ିକ ଥିଲା। ବ୍ୟକ୍ତିର ଅହଂକାର ସମସ୍ତ ସଦ୍‌ଗୁଣକୁ କଳୁଷିତ କରିଦିଏ ଅଥବା ଢାଙ୍କିଦିଏ।

ବର୍ତ୍ତମାନ ପ୍ରଶ୍ନ ଉଠେ କି ହନୁମାନଙ୍କର ଆମେ କାହିଁକି ଯଶଗାନ କରିବା? ତାଙ୍କର ଯଶ ଆମେ ଗାଇଲେ ଆମର ବାଣୀ, ମନ, ବିଚାର, ବ୍ୟବହାର ଇତ୍ୟାଦି ଶୁଦ୍ଧ ହୋଇ ତାଙ୍କ କୃପାରୁ ଆମ ହୃଦୟରେ ପ୍ରଭୁ-ପ୍ରେମ (ଭକ୍ତି) ଉଦୟ ହେବ ତଥା ସେହି ଅନନ୍ୟ ଭକ୍ତି ଫଳରେ ଆମକୁ ମୁକ୍ତି ପ୍ରାପ୍ତ ହେବ। ଯେତେବେଳେ ପ୍ରଭୁଙ୍କର ବା ତାଙ୍କର ଅନନ୍ୟ ପ୍ରେମୀ ଭକ୍ତର ଯଶଗାନ ବା ସ୍ତୁତିପାଠ କରାଯାଏ, ସେତେବେଳେ ତାହାକୁ ଏକ ପ୍ରକାରର ଉପସନା

କୁହାଯାଏ। ତାହାଦ୍ୱାରା ଉପାସ୍ୟର ଗୁଣ-ଧର୍ମ ଉପାସକ ଠାରେ ଆସିଯାଏ। ଏହାହିଁ ଉପାସନାର ସର୍ବୋତ୍କୃଷ୍ଟ ଫଳ ବା ପ୍ରୟୋଜନ। ତେଣୁ ଉପାସ୍ୟ ସମସ୍ତଙ୍କର ସର୍ବଦା ଶ୍ରେଷ୍ଠ ବା ଉତ୍କୃଷ୍ଟ ହେବା ଉଚିତ୍। 'ଉପାସନା'ର ଅର୍ଥ ପାଖରେ, ସନ୍ନିକଟରେ ରହିବା। 'ଉପ' ଅର୍ଥାତ୍ ସମୀପ, ଅତି ପାଖାପାଖି। ଉପାସ୍ୟର ସନ୍ନିଧିରେ, ସନ୍ନିକଟରେ ରହି ସେବା କରିବା ଫଳରେ ତାଙ୍କର ଗୁଣ-ଧର୍ମ ଉପାସକ ପାଖକୁ ଆସିଯାଏ।

ଏହି ହନୁମାନ ଚାଳୀସାର ପ୍ରାରମ୍ଭରେ ଗୋସ୍ୱାମୀ ତୁଳସୀଦାସ ଦୁଇଟି ଦୋହା ଲେଖିଛନ୍ତି ଓ ତା'ପରେ ଚୌପାଇ। ତେଣୁ ସର୍ବପ୍ରଥମ ଆମେ ସେହି ଦୋହା ଦୁଇଟିର ବିଚାର କରିବା।

ଶ୍ରୀଗୁରୁ ଚ଼ରନ ସରୋଜ ରଜ, ନୀଜମନୁ ମୁକୁର ସୁଧାରି।
ବରନଉଁ ରଘୁବର ବିମଲ ଜସୁ, ଜୋ ଦାୟକୁ ଫଲ ଚାରି॥ ୧॥
ବୁଦ୍ଧିହୀନ ତନୁ ଜାନିକେ, ସୁମିରୌଂ ପବନ-କୁମାର।
ବଲ ବୁଦ୍ଧି ବିଦ୍ୟା ଦେହୁ ମୋହି, ହରହୁ କଲେସ ବିକାର॥ ୨॥

ପ୍ରଥମ ଦୋହାରେ- ଗୋସ୍ୱାମୀଜୀ ଶ୍ରୀଗୁରୁଙ୍କ ପାଦଯୁଗଳକୁ 'ଚ଼ରନ ସରୋଜ' କହି ବର୍ଣ୍ଣନା କରିଛନ୍ତି। ଅର୍ଥାତ୍, ପାଦ-ପଦ୍ମ ଓ 'ରଜ' ଅର୍ଥାତ୍ ଧୂଳି। ଅତଏବ, ସଦ୍‌ଗୁରୁଙ୍କ ଚ଼ରଣ-କମଳର ଧୂଳିରେ 'ନିଜ ମନୁ ମୁକୁରୁ ସୁଧାରି' ନିଜର ମନରୂପୀ ଦର୍ପଣକୁ ସଫା କରି ସ୍ୱଚ୍ଛ କରିବା ପରେ 'ବରନଉଁ' ବର୍ଣ୍ଣନା କରୁଛି- 'ରଘୁବ୍‌ର ବିମଲ ଜସୁ'। ଅର୍ଥାତ୍, ମୁଁ ରଘୁବର ଶ୍ରୀରାମଙ୍କ ନିର୍ମଳ ଯଶକୁ ବର୍ଣ୍ଣନା କରୁଛି। କାହିଁକି, 'ଜୋଦାୟକୁ ଫଲ ଚାରି'- ଏହି ଯଶ ଚାରି ପ୍ରକାରର ଫଳ (ଅର୍ଥ, କାମ, ଧର୍ମ ଓ ମୋକ୍ଷ) ପ୍ରଦାନ କରିବାରେ ସମର୍ଥ। ଗୋସ୍ୱାସୀଜୀଙ୍କ ଶ୍ରୀରାମଚ଼ରିତ ମାନସର (୨ୟ ସୋପାନ) ଅଯୋଧ୍ୟା କାଣ୍ଡରେ ମଧ୍ୟ ଏହି ଦୋହା ରଚ଼ିତ ହୋଇଛି। ସଂସ୍କୃତ ଶ୍ଳୋକରେ ପ୍ରାରମ୍ଭିକ ବନ୍ଦନା (ମଙ୍ଗଳାଚ଼ରଣ) କରିବା ପରେ ତୁଳସୀଦାସ ଏହି ଦୋହାକୁ ଲେଖିଛନ୍ତି। ସେଠାରେ 'ରଘୁବର' ଅର୍ଥ ଶ୍ରୀରାମଚ଼ନ୍ଦ୍ର। ଅଯୋଧ୍ୟା କାଣ୍ଡରେ ଦୁଇଭାଗ ଅଛି,

ଯଥା-ପୂର୍ବାର୍ଦ୍ଧ ଓ ଉତ୍ତରାର୍ଦ୍ଧ। ପୂର୍ବାର୍ଦ୍ଧରେ (ପ୍ରଥମ ଭାଗ) ଶ୍ରୀରାମଙ୍କ ଯଶଗାନ କରାଯାଇଛି ଏବଂ ଉତ୍ତରାର୍ଦ୍ଧରେ (ଦ୍ୱିତୀୟ ଭାଗ) ଭରତଙ୍କ ସୁନ୍ଦର ନିର୍ମଳ ଯଶ ଓ ମହିମା ଗାୟନ ହୋଇଛି। ତେଣୁ 'ରଘୁବର' ଶବ୍ଦର ଅର୍ଥ ସ୍ପଷ୍ଟ ଯେ, ରଘୁବଂଶର ଶ୍ରେଷ୍ଠ ପୁରୁଷ। ଏହି ଦୃଷ୍ଟିରୁ ବିଚାର କଲେ ଉଭୟ ଶ୍ରୀରାମ ଓ ଭରତ ରଘୁବଂଶର ଶ୍ରେଷ୍ଠ ପୁରୁଷ (ରାଜକୁମାର) ରୂପେ ପରିଗଣିତ ହୁଅନ୍ତି। କିନ୍ତୁ 'ହନୁମାନ ଚାଳୀସାରେ' ହନୁମାନଙ୍କ ଯଶ ଗାନକରି ଗୋସାମୀ କିପରି ତାଙ୍କୁ 'ରଘୁବର' ଆଖ୍ୟା ଦେଇଛନ୍ତି ? ଏହାର ତାତ୍ପର୍ଯ୍ୟ ବୁଝିବା ପାଇଁ କେତେକ ପ୍ରାରମ୍ଭିକ ତଥ୍ୟର ଆବଶ୍ୟକତା ହୁଏ, ଯୁକ୍ତିର ମଧ୍ୟ ଆବଶ୍ୟକତା ଅଛି।

ଆମେ ଦେଖୁ ଯେ, ଜୀବନରେ ଯେଉଁ ସବୁ ସମ୍ବନ୍ଧ ହୁଏ, ତାହା କେବଳ ଜନ୍ମରୁ ହୋଇ ନ ଥାଏ। ଗୋଟିଏ ପରିବାରରେ ଜନ୍ମ ନେଇଥିବା ଦୁଇ ଭାଇ ବହୁତ ଲଢ଼ାଇ-ଝଗଡା ପରସ୍ପର ମଧ୍ୟରେ କରିଥାନ୍ତି। କିନ୍ତୁ ବେଳେ ବେଳେ ଦେଖାଯାଏ କି ଯାହା ସହିତ ଆମର କୌଣସି ରକ୍ତଗତ ଅଥବା ଜନ୍ମଗତ ସମ୍ବନ୍ଧ ନାହିଁ, ସେମାନଙ୍କ ସହିତ ଆମର ସମ୍ପର୍କ ଅତି ପ୍ରଗାଢ଼ ହୋଇଥାଏ। ଆମେ କାହାକୁ ମାତା, କାହାକୁ ପିତା, କାହାକୁ ଭାଇ ଓ ଅନ୍ୟ କାହାକୁ ଭଉଣୀ ରୂପେ ମାନ୍ୟତା ଦେଉ। ଏହି ଦୃଷ୍ଟିରୁ ବିଚାର କଲେ, ଯଦିଓ ହନୁମାନଙ୍କ ଜନ୍ମ ରଘୁବଂଶରେ ହୋଇ ନ ଥିଲା, ତଥାପି ଶ୍ରୀରାମ ଓ ସୀତାମାତା ତାଙ୍କୁ ନିଜ ପୁତ୍ର ରୂପେ ମାନ୍ୟତା ଦେଉଥିଲେ। ତେଣୁ ହନୁମାନଙ୍କୁ ରଘୁବର ସଂଜ୍ଞା ଦିଆଯାଇଛି। ଅନେକ ସମୟରେ ଆମର ଘରେ ସେବାକାର୍ଯ୍ୟରେ ନିଯୁକ୍ତ ବିଶ୍ୱସ୍ତ ସେବକଙ୍କୁ ମଧ୍ୟ ଆମେ ନିଜ ପରିବାରର ଜଣେ ସଭ୍ୟରୂପେ ପରିଚୟ ଦେଇଥାଉ । ଗୁଣ-ଧର୍ମ, କ୍ରିୟା ସମ୍ବନ୍ଧରେ ସେମାନଙ୍କ ସହିତ ଆମର ସମ୍ବନ୍ଧ ପ୍ରଗାଢ଼ ହୋଇଥାଏ।

ସୁନ୍ଦରକାଣ୍ଡରେ ଯେତେବେଳେ ହନୁମାନ ସୀତା-ମାତାଙ୍କ ଅନ୍ୱେଷଣରେ ଲଙ୍କାଗଡ଼କୁ ଯାଇ ପ୍ରଥମେ ସୀତାଙ୍କୁ ଦେଖିବା ପରେ 'ଜନନୀ-ଜନନୀ' କହି ସମ୍ବୋଧନ କରିଛନ୍ତି, ମା'- ମା' କହି ସୀତାଙ୍କୁ ଡ଼ାକିଛନ୍ତି।

ତା'ପରେ ସୀତା ମଧ୍ୟ ହନୁମାନଙ୍କୁ 'ପୁତ୍ର' ରୂପେ ସମ୍ବୋଧନ କରିଛନ୍ତି (ହେ ସୁତ କପି ସବ ତୁହ୍ମହି ସମାନା) । କାରଣ, ହନୁମାନଜୀ ସୀତାଙ୍କୁ ଖୋଜିବା ପାଇଁ ଲଙ୍କାଗଡ଼ରେ ଅତି ଲଘୁରୂପ (ମଶକ ସମାନା) ଧାରଣ କରି ପ୍ରବେଶ କରିଥିଲେ । ସେଠାରେ ସୀତା-ମାତାଙ୍କୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରାବଣର ଅଶୋକ ବାଟିକାରେ ଦେଖିଲା ପରେ ହନୁମାନ ତାଙ୍କୁ ମାତାରୂପେ ଡ଼ାକିବା ସହିତ ତାଙ୍କ ମନରେ ସାହସ, ଧୈର୍ଯ୍ୟ ଆଣିବା ଲାଗି କହିଥିଲେ- 'ହେ ମାତା ! ଆପଣ ଚିନ୍ତା କରନ୍ତୁ ନାହିଁ, ପ୍ରଭୁ ଶ୍ରୀରାମ ସମସ୍ତ ବାନରସେନାଙ୍କ ସହାୟତାରେ ରାକ୍ଷସକୂଳ ବିନାଶ କରି ଖୁବ୍ ଶୀଘ୍ର ଆପଣଙ୍କୁ ଏଠାରୁ ମୁକ୍ତ କରିବେ'। ସେତେବେଳେ ହନୁମାନଙ୍କର ସୂକ୍ଷ୍ମରୂପ ଦେଖି ସୀତାଙ୍କୁ ସଙ୍କା ହେଲା କି ଯଦି ସମସ୍ତ ବାନର ଏଭଳି ଛୋଟ ଛୋଟ ହୋଇଥିବେ, ତେବେ ରାକ୍ଷସମାନଙ୍କୁ କିପରି ବିନାସ କରିପାରିବେ ? ତେଣୁ ସେ ହନୁମାନଙ୍କୁ ସେଭଳି କହିଥିଲେ । କିନ୍ତୁ ହନୁମାନ ସଂଗେ ୨ ତାଙ୍କର ସିଦ୍ଧି ବଳରେ ବିଶାଳ (ମହିମା) ରୂପ ସୀତାଙ୍କ ସମ୍ମୁଖରେ ପ୍ରକଟ କରିଥିଲେ । ଏହିପରି ପୁନର୍ବାର ସୀତାଙ୍କ ଦର୍ଶନ ଓ ସଂକେତସ୍ୱରୂପ ତାଙ୍କର ମଥାମଣି ଆଣି ଶ୍ରୀରାମଙ୍କ ପାଖକୁ ଯେତେବେଳେ ହନୁମାନ କିଷ୍କିନ୍ଧାକୁ ଫେରିଆସିଲେ ଶ୍ରୀରାମ ମଧ୍ୟ ଅତ୍ୟନ୍ତ ଆନନ୍ଦିତ ହୋଇ ତାଙ୍କୁ 'ସୁତ' କହି ସମ୍ବୋଧିତ କହିଥିଲେ । ଏହିପରି ହନୁମାନଙ୍କୁ 'ରଘୁବର' ଆଖ୍ୟା ଦିଆଯାଇଛି । ଉପରୋକ୍ତ ପ୍ରସଙ୍ଗରୁ ଆମେ ବୁଝିବା ଉଚିତ୍ କି ଆମେ ସାଧାରଣ ପୁରୁଷର ଯଶଗାନ (ସ୍ତୁତି) କରିବା ଅପେକ୍ଷା ସର୍ବୋଚ୍ଚ, ଶ୍ରେଷ୍ଠ ବ୍ୟକ୍ତିର ଯଶଗାନ କଲେ ଆମକୁ ଚତୁର୍ବର୍ଗ ଫଳ ପ୍ରାପ୍ତି ହୋଇଥାଏ, ପୂଣ୍ୟ ମିଳିଥାଏ । ଯାହା ଆମର ଶରୀର-ମନ-ବୁଦ୍ଧି-ଚିତ୍ତକୁ ସୁଧ କରେ, ତାହାକୁ 'ପୂଣ୍ୟ' କହନ୍ତି, ଧର୍ମ ମଧ୍ୟ କହନ୍ତି । ତେଣୁ ଉଭୟ ବାହ୍ୟକରଣ (ସ୍ଥୁଳ-ଶରୀର) ଓ ଅନ୍ତଃକରଣ (ସୂକ୍ଷ୍ମ-ଶରୀର) ଦ୍ୱାରା ପୂଣ୍ୟ ବା ଧର୍ମ କରିବା ଉଚିତ୍ । ସେହିପରି 'ଅର୍ଥର' ସାମାନ୍ୟତଃ ଧନକୁ 'ଅର୍ଥ' କୁହାଯାଏ । କିନ୍ତୁ ଧନ ଇତ୍ୟାଦି ଆମେ ଆମର ସୁରକ୍ଷା ପାଇଁ ଉପାର୍ଜନ ଓ ସଞ୍ଚୟ ଆଦି କରିଥାଉ । 'କାମ' ଅର୍ଥାତ୍,ସବୁ ପ୍ରକାରର ଭୋଗଇଚ୍ଛା ଏବଂ 'ମୋକ୍ଷ' ଅର୍ଥାତ୍, ଏସବୁ ବନ୍ଧନରୁ,

ଆସକ୍ତିରୁ ଓ ମମତ୍ୱରୁ ଅନାସକ୍ତ, ସ୍ୱତନ୍ତ୍ର ଓ ମୁକ୍ତ ହେବା। ହନୁମାନଙ୍କ ଯଶଗାନ କଲେ ଜଣେ ସାଧକ ଉପରୋକ୍ତ ସିଦ୍ଧି ଓ ପୁରୁଷାର୍ଥ ଗୁଡ଼ିକୁ ପ୍ରାପ୍ତ କରେ।

ସଦ୍‌ଗୁରୁ ଦେବଙ୍କ ଚ଼ରଣ-କମଳର ପରାଗରେଣୁ ଅର୍ଥାତ୍ ପାଦଧୂଳି (ପଦରଜ)କୁ ଯଦି ସାଧକଜନ ନିଜ ଶରୀର ଓ ମଥାରେ ଲଗାନ୍ତି, ତେବେ ତାହାଦ୍ୱାରା କାୟା, ମନ ଓ ବାଣୀ ଶୁଦ୍ଧ-ପବିତ୍ର ହୋଇ ଆତ୍ମ ଜ୍ଞାନ ହୃଦୟରେ ଉଦୟ ହୋଇଥାଏ। ତେଣୁ ଗୋସ୍ୱାମୀ ରାମଚ଼ରିତ ମାନସର ବାଳକାଣ୍ଡ-ପ୍ରାରମ୍ଭରେ ଲେଖିଛନ୍ତି-

ବନ୍ଦଉଁ ଗୁରୁପଦ ପୁଦୁମ ପରାଗା।
ସୁରୁଚ଼ି ସୁବାସ ସରସ ଅନୁରାଗା॥
ଅମିଅ ମୂରିମୟ ଚୂରନ ଚାରୂ।
ସମନ ସକଲ ଭବ ରୁଜ ପରିବାରୂ॥

ଉପରୋକ୍ତ ଚୌପାଇରେ ଗୋସ୍ୱାମୀ ଗୁରୁଦେବଙ୍କ ପାଦଧୂଳିକୁ ବନ୍ଦନା କରି ଲେଖିଛନ୍ତି ଯେ, ତାହା ସାଧାରଣ ଧୂଳି ନୁହେଁ। ତାହା ହେଉଛି ପଦ୍ମଫୁଲର କେଶରରୁ ବାହାରୁଥିବା ପରାଗ, ମକରନ୍ଦ ବା ମହୁ ସଦୃଶ। ସେଥିରେ ଥିବା ବିଶେଷ ଗୁଣଗୁଡ଼ିକ ହେଉଛି- 'ସୁରୁଚି' ଅର୍ଥାତ୍ ଅତ୍ୟନ୍ତ ରୁଚିକର, ସ୍ୱାଦିଷ୍ଟ, 'ସୁବାସ'-ମହକପୂର୍ଣ୍ଣ, ସୁବାସିତ, ସୁଗନ୍ଧଯୁକ୍ତ ଏବଂ 'ସରସ'-ରସଯୁକ୍ତ, ଅନୁରାଗ ବା ପ୍ରେମପୂର୍ଣ୍ଣ। ଏହି ପାଦ- ଧୂଳି ହେଉଛି, 'ଅମିୟ'-ଅମୃତ ଅର୍ଥାତ୍ ସଂଜୀବନୀବୁଟୀ, ଅମୃତମୟ ଚୂର୍ଣ୍ଣଭଳି ଯାହାକି ଆମର 'ଭବରୋଗ'-ସଂସରଣ (ଜନ୍ମ-ମୃତ୍ୟୁ) ରୂପୀ ବନ୍ଧନ କାଟିଦିଏ, ବିନଷ୍ଟ କରିଦିଏ। ଏହାର ପରିବାର ମଧ୍ୟ ଖୁବ୍ ବଡ଼ ଏବଂ ଏହାର ମୂଳ ହେଉଛି- 'ମୋହ, ଭ୍ରମ, ଅଜ୍ଞାନ'ଇତ୍ୟାଦି। ଏହି ମୂଳ ଅବିଦ୍ୟା ବା ଅଜ୍ଞାନରୁ କାମ, କ୍ରୋଧ, ଲୋଭ, ରାଗ, ଦ୍ୱେଷ, ମାତ୍ସର୍ଯ୍ୟ ଆଦି ବଡ଼ ପରିବାର ଉତ୍ପନ୍ନ ବା ବିସ୍ତାର ହୁଏ। ଏହି ସାରା ପରିବାର ଗୁରୁ-ସରୋଜ-ରଜ ଦ୍ୱାରା ନଷ୍ଟ ହୋଇଥାଏ- ଏହାହିଁ ଗୁରୁ ପଦରଜର ମହିମା।

ଆମର ଭାରତୀୟ ସଂସ୍କୃତି ଅନୁସାରେ ଓ ହିନ୍ଦୁ ସନାତନ ଶାସ୍ତ୍ର ତଥା

ଗୁରୁ-ଶିଷ୍ୟ ପରମ୍ପରାରେ ସଦ୍‌ଗୁରୁଙ୍କ ଚରଣ-କମଳର ଧୂଳିକୁ ବହୁତ ମହିମାନ୍ୱିତ କରାଯାଇଛି, ବାସ୍ତବରେ ତା'ର ଶ୍ରେଷ୍ଠତା ମଧ୍ୟ ରହିଛି। କାରଣ, ବିନା ଗୁରୁ କୃପାରେ ଶାସ୍ତ୍ର-କୃପା ବା ଶାସ୍ତ୍ରୀୟ ବୈଦିକ ଜ୍ଞାନ ପ୍ରାପ୍ତ ହୁଏ ନାହିଁ। ଶାସ୍ତ୍ରୀୟ ତାତ୍ପର୍ଯ୍ୟ (ଗୂଢାର୍ଥ ବା ଲକ୍ଷ୍ୟାର୍ଥକୁ) ଜଣେ ସ୍ୱୟଂ ପଢ଼ି ପାଣ୍ଡିତ୍ୟ ଅର୍ଜନ କରିପାରେ, କିନ୍ତୁ ସେ ବ୍ରହ୍ମଜ୍ଞାନ ବା ଆତ୍ମାନୁଭୂତି କରିପାରିବ ନାହିଁ। ତେଣୁ ଗୁରୁ-ସରୋଜ-ରଜ (ପାଦ ଧୂଳି) ଧାରଣ କରିବା ଅର୍ଥ ଗୁରୁଙ୍କ ପାଦସେବା କରିବା ପାଇଁ ପାତ୍ରତା ଆବଶ୍ୟକ। ଯେପର୍ଯ୍ୟନ୍ତ ବ୍ୟକ୍ତିଠାରେ ଶ୍ରଦ୍ଧା, ସମର୍ପଣ ଓ ସଦ୍‌ଜ୍ଞାନ ପାଇଁ ଜିଜ୍ଞାସା ପ୍ରକଟ ନ ହୋଇଛି, ସେପର୍ଯ୍ୟନ୍ତ ସେ ଏଭଳି ସେବାକାର୍ଯ୍ୟରୁ ବଞ୍ଚିତ ରହିବ। ପାଦ-ସେବା ପାଇଁ କେବଳ ନୁହେଁ, ଚରଣ-ପାଦୁକା ସ୍ପର୍ଶ କରିବା ପାଇଁ ମଧ୍ୟ ଯୋଗ୍ୟତା ଆମଠାରେ ରହିବା ଆବଶ୍ୟକ। ଶ୍ରୀମଦ୍ ଭାଗବତ୍‌ରେ ବର୍ଣ୍ଣନା ହୋଇଛି କି, ଯେତେବେଳେ ଭରତ ବ୍ରାହ୍ମଣ କୁଳରେ ଜନ୍ମ ନେଲେ ସେ ଜଡ଼ବତ୍ ଆଚରଣ କଲେ। ରାଜା ରହୂଗଣଙ୍କୁ ଉପଦେଶ କରି ସେ କହିଲେ- "ଦେଖନ୍ତୁ ରାଜନ୍! ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ମହାପୁରୁଷଙ୍କ ଚରଣ-ଧୂଳିରେ ସ୍ନାନ ନ କରିଛି, ତା'ର ସଂସାରରୋଗ ଦୂର ହେବ ନାହିଁ।" ଏଭଳି ଉକ୍ତିର ଅଭିପ୍ରାୟ ହେଉଛି କି ଅତ୍ୟନ୍ତ ଦୀନତା, ନମ୍ରତା ପୂର୍ବକ ସଦ୍‌ଗୁରୁଙ୍କ ସେବାପୂର୍ବକ ତାଙ୍କ ସହିତ ନିରନ୍ତର ସତ୍‌ସଙ୍ଗ କରିବା ଆବଶ୍ୟକ। ତେବେ ଧୀରେ ଧୀରେ ଅନ୍ତଃକରଣ ଶୁଦ୍ଧ ହୋଇ ଆତ୍ମଜ୍ଞାନ ଉଦୟ ହେବ। ଏଠାରେ 'ଶ୍ରୀଗୁରୁ' କହିବାର ତାତ୍ପର୍ଯ୍ୟ, ଯିଏ ବ୍ରହ୍ମ-ବିଦ୍ୟା ବା ଆତ୍ମଜ୍ଞାନ ଶିକ୍ଷା ଦିଅନ୍ତି ଏବଂ 'ସଦ୍‌ଗୁରୁ' ଅର୍ଥାତ୍ ଯିଏ ସେହି ସତ୍‌ତତ୍ତ୍ୱ ଆତ୍ମା ବା ବ୍ରହ୍ମ-ଜ୍ଞାନରେ ପରିନିଷ୍ଠିତ ହୋଇଥାନ୍ତି। 'ଶ୍ରୀ'ର ଅର୍ଥ ସମ୍ପତ୍ତି, ଐଶ୍ୱର୍ଯ୍ୟ, ଲକ୍ଷ୍ମୀ ଇତ୍ୟାଦି। ଏଥିଲାଗି ଆତ୍ମଦର୍ଶୀ ବା ବ୍ରହ୍ମଜ୍ଞାନୀ ମହାତ୍ମାଙ୍କୁ ସଦ୍‌ଗୁରୁ, ଶ୍ରୀଗୁରୁ କୁହାଯାଏ। ଲୌକିକ ବିଦ୍ୟାର ଗୁରୁଙ୍କ ଅପେକ୍ଷା ବ୍ରହ୍ମ-ବିଦ୍ୟାର ଗୁରୁ ଶ୍ରେଷ୍ଠ ଅଟନ୍ତି ଏବଂ ତାଙ୍କର ବିଶେଷତା ରହିଛି। ରାମଚରିତ ମାନସର ବାଳକାଣ୍ଡରେ ଗୋସ୍ୱାମୀଜୀ ଏଭଳି ମଧ୍ୟ ଲେଖିଛନ୍ତି-

"ଗୁରୁପଦ ରଜ ମୃଦୁ ମଂଜୁଳ ଅଂଜନ ।
ନୟନ ଅମିଅ ଦୃଗ ଦୋଷ ବିଭଂଜନ ।।"

ଏହି ଚୌପାଇରେ ଗୋସ୍ୱାମୀଜୀ ଗୁରୁପାଦ-ଧୂଳିକୁ 'ଅଞ୍ଜନ' ରୂପେ ବର୍ଣ୍ଣନା କରିଛନ୍ତି । ସାମାନ୍ୟତଃ, ଅଂଜନ ବା କଜ୍ଜ୍ୱଳ (କଳା) ଆଖିପତାରେ ଲଗାଇଲେ ଆଖିଦୋଷ ଅର୍ଥାତ୍ ଆଖିରୁ ଲୁହ ବୋହିବା ଓ ଆଖିରେ ଲେଞ୍ଚରା ହେବା ବନ୍ଦ ହୋଇ ଦୃଷ୍ଟି ନିର୍ମଳ ହେବାକୁ ଲାଗେ । କିନ୍ତୁ ସେହି ଅଂଜନ ବା କଳାକୁ ଲଗାଇବା ବେଳେ ଆଖିକୁ ବହୁତ କଷ୍ଟହୁଏ, ଆଖିରେ ଜ୍ୱଳନ ହୁଏ, ଆଖିରୁ ଲୁହ ମଧ୍ୟ ନିର୍ଗତ ହୋଇଥାଏ । ଗୋସ୍ୱାମୀଙ୍କ ଦୃଷ୍ଟିରେ ଏଭଳି ଦୋଷ ଗୁରୁପଦରଜରେ ନାହିଁ । ଏହା ଅମୃତଭଳି ଶୀଳ ଓ ଶାନ୍ତି ଦାୟକ । କେବଳ ଏତିକି ନୁହେଁ, ଏହାକୁ ଆଖିରେ ଲଗାଇଲେ ସମସ୍ତ ଦୃଷ୍ଟି-ଦୋଷ ଦୂର ହୁଏ (ଦୃଗ-ଦୋଷ ବିଭଞ୍ଜନ) । ଏହା ଦ୍ୱାରା ସାଧକକୁ ବିବେକ-ପ୍ରଜ୍ଞା (ଦିବ୍ୟ-ଦୃଷ୍ଟି) ପ୍ରାପ୍ତ ହୁଏ । ତୁଳସୀଦାସ ସ୍ୱୟଂ ରାମଚରିତରେ କହିଛନ୍ତି କି 'ଏଭଳି ବିବେକ-ଦୃଷ୍ଟି ପ୍ରାପ୍ତ କରି ସେ ଶ୍ରୀରାମ ପ୍ରଭୁଙ୍କ ବିମଳଯଶ ଗାନ କରିଛନ୍ତି' । ଏଥିରେ ଦୁଇଟି ଯୋଗ୍ୟତାକୁ ବ୍ୟକ୍ତ କରାଯାଇଛି- ପ୍ରଥମତଃ ମାନସିକ ଶୁଦ୍ଧତାରୁ ପ୍ରାପ୍ତ- 'ବିବେକ ଦୃଷ୍ଟି' ଓ ଦ୍ୱିତୀୟତଃ, 'ଶାରୀରିକ ଚକ୍ଷୁ-ଦୃଷ୍ଟି ।' ଏହି ଉଭୟ ଦୃଷ୍ଟି ପ୍ରାପ୍ତ ହେଲାପରେ ଆମର ଯେଉଁ ଅନୁଭବ ହୁଏ, ତାହାକୁ ଶୁଦ୍ଧ-ଚୈତନ୍ୟ-ତତ୍ତ୍ୱହ ଆତ୍ମାନୁଭୂତି ବା ଆତ୍ମ ସାକ୍ଷାତ୍କାର କହନ୍ତି ।

ଏହି ପ୍ରସଙ୍ଗରେ 'ହନୁମାନ ଚାଳୀସା' ଅଥବା 'ଶ୍ରୀରାମ ଚରିତ ମାନସ'ରେ ଗୋସ୍ୱାମୀଜୀ ତାଙ୍କର ଇଷ୍ଟଦେବଙ୍କର ଯେଉଁ ଯଶ-ଗାନ କରିଛନ୍ତି, ତାହା କୌଣସି ପାଠାଗାରରେ ବସି ପୁସ୍ତକ ଅଧ୍ୟୟନ କରିବାର ଫଳ ନୁହେଁ । "ନିଜ ମନୁ ମୁକୁର ସୁଧାରି"- 'ମୁକୁର', ଅର୍ଥାତ୍ ଦର୍ପଣ ଏବଂ 'ସୁଧାରି'-ସ୍ୱଚ୍ଛ କରିବା ପରେ । ସର୍ବୋପରି, ନିଜର ମନରୂପୀ ମଳିନ-ଦର୍ପଣକୁ ଗୁରୁପଦରଜ ରୂପୀ ଅତ୍ୟନ୍ତ କୋମଳ, ମଂଜୁଳ, ଅଂଜନ ଦ୍ୱାରା ସ୍ୱଚ୍ଛ (ଶୁଦ୍ଧ) କରିବା ପରେ ହିଁ ଏହି ପ୍ରଭୁଙ୍କର (ଶ୍ରୀରାମ ଓ ହନୁମାନ) ଉଭୟଙ୍କର ଯଶ ଗାନ କରିଛନ୍ତି ।

ଶୁଦ୍ଧାନ୍ତଃକରଣରେ, ଅର୍ଥାତ୍ ଶୁଦ୍ଧ ମନ-ବୁଦ୍ଧିରେ ହିଁ ଆତ୍ମ-ସାକ୍ଷାତ୍କାର ବା ଚିତ୍-ପ୍ରତିବିମ୍ବ ପଡ଼ିଥାଏ। ଯେଭଳି କୁହାଯାଇଛି କି "ଗୁରୁ କୃପା ଅଂଜନ ପାୟୋ ମେରେ ଭାଇ, ରାମ ବିନା କୁଛ ଦେଖତ ନାହୀଁ" ଏହି ଗୁରୁକୃପାରୂପୀ ଅଂଜନ ଯାହାକୁ ପ୍ରାପ୍ତ ହୋଇଯାଏ, ତାକୁ ସାରା ଜଗତ ରାମମୟ ଦେଖାଇ ଦିଏ।

'ବୁଦ୍ଧିହୀନ ତନୁ ଜାନିକେ, ସୁମିରୌଂ ପବନ କୁମାର।
ବଲ ବୁଦ୍ଧି ବିଦ୍ୟା ଦେହୁ ମୋହିଂ, ହରହୁ କଲେସ ବିକାର ॥'

ଏହି ଦୋହାରେ ଗୋସ୍ୱାମୀଜୀ ପବନ-କୁମାର ହନୁମାନଙ୍କୁ ସ୍ମରଣ କରିଛନ୍ତି। ଏଭଳି ବହୁବାର ସ୍ମରଣ କରିବା ପରେ ହନୁମାନଜୀ ଗୋସ୍ୱାମୀଙ୍କ ଉପରେ ପ୍ରସନ୍ନ ହୋଇ ଦର୍ଶନ ଦେଇ କହିଲେ "ତୁମର କ'ଣ ଆବଶ୍ୟକ ମୋତେ କୁହ ?" ଗୋସ୍ୱାମୀଜୀ କହିଲେ- "ମହାରାଜ ! ମୋ'ର ବହୁତ କିଛି ଆବଶ୍ୟକତା ରହିଛି, ଯଥା:- "ବଲ ବୁଦ୍ଧି ବିଦ୍ୟା ଦେହୁ ମୋହିଁ। ହରହୁ କଲେସ ବିକାର" ॥ ଏସବୁ ଆବଶ୍ୟକତାଗୁଡ଼ିକ ପୂରଣ କରିବା ପରେ ଆପଣ ମୋ' ମନରେ ଥିବା ସବୁ କ୍ଳେଶ ଓ ବିକାରଗୁଡ଼ିକୁ ଦୂର କରିଦିଅନ୍ତୁ। ଏଠାରେ ମାନସିକ ବିକାରଗୁଡ଼ିକ ହେଉଛି- କାମ, କ୍ରୋଧ, ଲୋଭ, ମୋହ, ଈର୍ଷ୍ୟା, ରାଗ, ଦ୍ୱେଷ ଇତ୍ୟାଦି। ଏଥିରୁ ରାଗ-ଦ୍ୱେଷ ତଥା ଅବିଦ୍ୟା, ଅସ୍ମିତା ଓ ଅଭିନିବେଶ- ଏହି ପାଞ୍ଚଟିକୁ ଯୋଗଶାସ୍ତ୍ରରେ 'ପଞ୍ଚକ୍ଳେଶ' କୁହାଯାଇଛି।

'ଅବିଦ୍ୟା'ର ଅର୍ଥ ଅଜ୍ଞାନ ଓ ଅବିଦ୍ୟାରୁ ଅସ୍ମିତା ଉତ୍ପନ୍ନ ହୁଏ, ଯାହାର ଅର୍ଥ ହେଉଛି- 'ଅହଂକାର ବା ଅହଂଭାବ।' 'ଅସ୍ମି' ଅର୍ଥାତ୍, 'ମୁଁ ଏଭଳି, ମୁଁ ସେଭଳି' ଇତ୍ୟାଦି 'ଅହଂ ଇଦଂ ଅସ୍ମି ଇତି ଭାବଃ- ଅସ୍ମିତା'। ସେହିପରି 'ରାଗ-ଦ୍ୱେଷ'- ଆମର କାହା ପ୍ରତି ରାଗ ହୁଏ ଏବଂ ଅନ୍ୟ କାହାପ୍ରତି ଦ୍ୱେଷ ହୁଏ। 'ଅଭିନିବେଶ'ର ଅର୍ଥ- ଭୟ, ଯେପରିକି ମୃତ୍ୟୁଭୟ ସମସ୍ତଙ୍କ ମନରେ ନିରନ୍ତର ବସାବାନ୍ଧି ରହିଥାଏ।

ଅତଏବ, ଉପରୋକ୍ତ ମାନସିକ କ୍ଳେଶ ଓ ବିକାରଗୁଡ଼ିକୁ ଦୂର କରିବା ପାଇଁ ବହୁତ ପ୍ରଚେଷ୍ଟା ଓ ବଳ ମଧ୍ୟ ଆବଶ୍ୟକ। ରାଗ-ଦ୍ୱେଷ ଯୋଗୁଁ ମଧ୍ୟ

ଆମର ମନ ନିର୍ବଳ ହୋଇଥାଏ । ଏଗୁଡିକୁ ଦୂର କରିବାକୁ ହେଲେ କେବଳ ଶାରୀରିକ ବଳ ବା ଚେଷ୍ଟା ଯଥେଷ୍ଟ ନୁହେଁ । ଏଥିପାଇଁ ମାନସିକ-ବଳ ମଧ୍ୟ ଆବଶ୍ୟକ । ସୁତରାଂ, ଶ୍ରୀମଦ୍ ଭଗବଦ୍ ଗୀତାରେ ବଳର ପରିଭାଷା ଦେଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

'ବଳଂ ବଳବତାଂ ଚାହଂ କାମରାଗବିବର୍ଜିତମ୍ ।' (ଭ.ଗୀତା-୭.୧୧)

ଅର୍ଥାତ୍, ବଳବାନ୍‌ମାନଙ୍କ ମଧ୍ୟରେ ଥିବା ବଳ ହେଉଛି ମୁଁ । କିପରି ବଳ ? ଯେଉଁ ବଳ କାମ ଓ ରାଗ ରହିତ, ସେହି ବଳ ହେଉଛି ବାସ୍ତବରେ ଆତ୍ମ-ବଳ ବା ଶକ୍ତି । ଯେତେବେଳେ ଆମ ମନରେ ଇଚ୍ଛା ଓ ଆସକ୍ତି ଆସେ, ସେତେବେଳେ ଏହାଦ୍ୱାରା ଆମର ବଳ ସ୍ଥିର ରହେ ନାହିଁ । ଉଦାହରଣାର୍ଥ— ଯଦି ଆମେ ନିଶ୍ଚୟ କଲେ ଯେ, 'ପ୍ରତ୍ୟହ ପ୍ରାତଃ ସମୟରେ ଶଯ୍ୟା ତ୍ୟାଗ କରିବା, ନିତ୍ୟ-କର୍ମ ସାରିବା ।' କିନ୍ତୁ ପ୍ରାୟତଃ ଏଭଳି ହୁଏ କି ଆମର ଏହି ନିଶ୍ଚୟ ସ୍ଥିର, ଦୃଢ ରହେ ନାହିଁ । କାରଣ, ଏଥିପାଇଁ ମାନସିକ ଶକ୍ତିର ଆବଶ୍ୟକତା ହୁଏ । ସେହିପରି ଧର୍ମ-ପାଳନ କରିବା ପାଇଁ ମଧ୍ୟ ବଳର ଆବଶ୍ୟକତା ହୋଇଥାଏ । ଗୋସ୍ୱାମୀଜୀ ବଳ ସହିତ ବୁଦ୍ଧି ଓ ବିଦ୍ୟା ମଧ୍ୟ ହନୁମାନଙ୍କୁ ମାଗିଥିଲେ । କେତେକ ଏହି ଦୁଇଟି ଶବ୍ଦର ଅର୍ଥକୁ ଏକାଭଳି ମନେକରନ୍ତି । କିନ୍ତୁ ବୁଦ୍ଧି ହେଉଛି- ସାଧନ ଓ ବିଦ୍ୟା ସାଧ୍ୟ, ଅର୍ଥାତ୍ ବୁଦ୍ଧିଦ୍ୱାରା ହିଁ ବିଦ୍ୟାପ୍ରାପ୍ତି ହୋଇପାରେ । ବାସ୍ତବରେ ଆମ ସମସ୍ତଙ୍କଠାରେ ବୁଦ୍ଧି ଥାଇ ମଧ୍ୟ ଆମେ ବିଦ୍ୟାରୂପୀ ମହାଧନକୁ ପ୍ରାପ୍ତ କରିପାରି ନ ଥାଉ । 'ବିଦ୍ୟା'ର ପରିଭାଷା ଦିଆଯାଇଛି କି 'ସା ବିଦ୍ୟା ଯା ବିମୁକ୍ତୟେ'-ଯେଉଁ ବିଦ୍ୟା ବା ସାଧନ ଆମକୁ ସମସ୍ତ ବନ୍ଧନରୁ ମୁକ୍ତ କରିଦିଏ, ବାସ୍ତବରେ ତାହାହିଁ ବିଦ୍ୟା । ଆମେ ପଢିବା, ଲେଖିବା, ଶିଖିବା ପରେ ପଇସା ରୋଜଗାର, ଘର ଚଳାଇବା, ବ୍ୟବସାୟ କିପରି କରିବା ଇତ୍ୟାଦି ଶିଖିଲେ ମଧ୍ୟ- ଏସବୁ ଲୌକିକ ଶିକ୍ଷାର ଅନ୍ତର୍ଗତ ଆସିବ, ଯାହାକି ଆମକୁ ଅଧିକରୁ ଅଧିକ ମୋହ ଅଥବା ବନ୍ଧନରେ ବାନ୍ଧିବାକୁ ସମର୍ଥ । କିନ୍ତୁ ବିଦ୍ୟାର ପରିଭାଷା ଆମେ ଦେଖିଲେ, ଯାହାକି

ଏହାର ସଂପୂର୍ଣ୍ଣ ବିପରୀତ ଧର୍ମ। ଯେଉଁଭଳି ଭଗବଦ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି କି - 'ସମସ୍ତ ବିଦ୍ୟାଗୁଡ଼ିକ ମଧ୍ୟରେ ଆତ୍ମବିଦ୍ୟା ହେଉଛି ମୁଁ'। 'ଆଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍'। (ଭ.ଗୀତା- ୧୦.୩୨)

ଯେହେତୁ ବିଦ୍ୟାଗୁଡ଼ିକ ମଧ୍ୟରେ ଆତ୍ମବିଦ୍ୟା ବା ଅଧ୍ୟାତ୍ମବିଦ୍ୟାକୁ 'ଶ୍ରେଷ୍ଠ ଅର୍ଥାତ୍ ରାଜବିଦ୍ୟା' କୁହାଯାଇଛି। ତେଣୁ ଏଠାରେ ଗୋସ୍ୱାମୀଜୀ ହନୁମାନଙ୍କୁ ଧର୍ମାନୁଷ୍ଠାନ କରିବାର ବଳ ଏବଂ ସତ୍-ଅସତ୍‌କୁ ବିବେକ କରିବାର ବୁଦ୍ଧି ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି। ତାଙ୍କର ଏଭଳି ବୁଦ୍ଧି ଆବଶ୍ୟକ, ଯେଉଁ ବୁଦ୍ଧି ଦ୍ୱାରା ସେ ଭଲ-ମନ୍ଦ, ପାପ-ପୂଣ୍ୟ ବିଚାର କରିବାକୁ ସମର୍ଥ ହେବେ। କେବଳ ଅର୍ଥ ଉପାର୍ଜ୍ଜନ ଅଥବା ଭୋଗ ସାମଗ୍ରୀ ସଂଗ୍ରହ କରିବା ପାଇଁ ନୁହେଁ।

'ବୁଦ୍ଧିହୀନ ତନୁ ଜାନ୍ହିକୈ'- ଏହି ଉକ୍ତିରୁ ସ୍ପଷ୍ଟ ହୁଏ ଯେ, ଗୋସ୍ୱାମୀ ଭଲ ଭାବରେ ଜାଣିଥିଲେ, ତାଙ୍କର ଶରୀର ବୁଦ୍ଧିହୀନ। ଆମେ ମଧ୍ୟ ସମସ୍ତେ ଜାଣୁ ଯେ, ଆମର ଶରୀର ଜଡ଼ରୂପ, ଏଥିରେ ସ୍ୱତଃ କୌଣସି ଚେତନା ନାହିଁ। ଅନ୍ୟ ପକ୍ଷରେ ବିଚାର କଲେ, ଶରୀରକୁ ନିଜର ସ୍ୱରୂପ (ଆତ୍ମା) ମାନିନେବା ହିଁ ବୁଦ୍ଧିହୀନତା। କାରଣ, ଆତ୍ମତତ୍ତ୍ୱ ହେଉଛି ସୂକ୍ଷ୍ମ ଓ ଚୈତନ, ସ୍ୱପ୍ରକାଶରୂପ। ଯିଏ ଏହି ଅସ୍ଥି-ମଜ୍ଜା, ରକ୍ତ-ପୁରୀଷ, ମଳ-ମୂତ୍ରରେ ପରିପୂର୍ଣ୍ଣ ଶରୀରକୁ 'ଆତ୍ମା ବା ମୁଁ' ରୂପେ ମାନ୍ୟତା ଦିଏ, ତା'ର ବଳ-ବୁଦ୍ଧି ସେହି ଶରୀରରେ ହିଁ ସୀମିତ ରହିଯାଏ। ସେହି ବ୍ୟକ୍ତି କଦାପି ଧର୍ମ ପାଳନ କରିପାରିବ ନାହିଁ।

ଜୟ ହନୁମାନ ଜ୍ଞାନ ଗୁନ ସାଗର। ଜୟ କପୀସ ତିହୁଁ ଲୋକ ଉଜାଗର॥

ରାମଦୂତ ଅତୁଲିତ ବଳ ଧାମା। ଅଂଜନୀ ପୁତ୍ର ପବନସୁତ ନାମା॥

ମହାବୀର ବିକ୍ରମ ବଜରଂଗୀ। କୁମତି ନିୱାର ସୁମତି କେ ସଂଗୀ॥

କଂଚନ ବରନ ବିରାଜ ସୁବେସା। କାନନ କୁଣ୍ଡଲ କୁଞ୍ଚିତ କେଶା॥

ଉପରୋକ୍ତ ପ୍ରଥମ ଚୌପାଇରେ ଗୋସ୍ୱାମୀଜୀ ହନୁମାନଙ୍କର ଜୟ ଜୟକାର କରିଛନ୍ତି। କାରଣ, ହନୁମାନ ହେଉଛନ୍ତି- 'ଜ୍ଞାନ ଗୁନ ସାଗର'। 'ଜୟ କପୀସ' କହିବାର ଅର୍ଥ-ବାନରମାନଙ୍କ ରାଜାଙ୍କ ଜୟ ହେଉ ! କିନ୍ତୁ ହନୁମାନ ବାନର ରାଜା ନ ଥିଲେ। ବାଳି ଓ ସୁଗ୍ରୀବ- ଏହି ଦୁଇଭାଇ ବାନରମାନଙ୍କର ରାଜା ଥିଲେ। ବାଳି ଓ ସୁଗ୍ରୀବଙ୍କ ପରିବର୍ତ୍ତେ ହନୁମାନଙ୍କୁ 'କପୀସ' ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଉଛି କି ସେ ସମସ୍ତଙ୍କ ହୃଦୟକୁ ଜୟକରି ପାରିଥିଲେ। ଯିଏ ସମସ୍ତଙ୍କ ହୃଦୟ ଉପରେ ରାଜତ୍ୱ କରନ୍ତି, ବାସ୍ତବରେ ସେ ହିଁ ରାଜାପଦବାଚ୍ୟ। ତା'ପରେ ଗୋସ୍ୱାମୀ କହିଛନ୍ତି- ହନୁମାନଜୀ, ' ଆପଣଙ୍କ ନାମ ଓ ଯଶ ତିନି ଲୋକରେ ବିସ୍ତାରିତ, ପ୍ରକାଶିତ'- 'ତିହୁଂ ଲୋକ ଉଜାଗର'। 'ରାମଦୂତ ଅତୁଲିତ ବଲଧାମା'- ଆପଣ ରାମଙ୍କର ଦୂତ (ସେବକ) ଏବଂ ଅତୁଳନୀୟ ବଳବାନ ଅଟନ୍ତି। ଅଂଜନ ପୁତ୍ର ପବନସୁତ ନାମା'- ଆପଣ ଅଂଜନୀ ଦେବୀଙ୍କ ପୁତ୍ର ତଥା ପବନ ସୁତ ନାମରେ ଆପଣ ବିଖ୍ୟାତ।

ଏହି ଚୌପାଇରେ 'ହନୁମାନ' ନାମ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। କାରଣ, ଆମେ ସମସ୍ତେ ହନୁମାନଙ୍କୁ ଜାଣୁ। କିନ୍ତୁ ତାଙ୍କ ନାମର ଅର୍ଥ ବା ମହିମା ଆମକୁ ଜଣା ନାହିଁ। 'ହନୁ'ର ଅର୍ଥ ଥୋଡ଼ି। ଅତଏବ 'ହନୁମାନ' ଅର୍ଥ 'ହନୁ ଅସ୍ୟ ଅସ୍ତି' ଯାହାର ହନୁ (ଥୋଡ଼ି) ଅଛି, ସେ ହନୁମାନ୍। ଏହି ଦୃଷ୍ଟିରୁ ଦେଖିଲେ ଆମ ସମସ୍ତଙ୍କର ଥୋଡ଼ି ବା ହନୁ ଅଛି। ତେବେ ଆମେ କ'ଣ ସମସ୍ତେ ହନୁମାନ ହୋଇପାରିବା ?, କଦାପି ନୁହେଁ। କାରଣ, ଏହି ନାମର ବିଶେଷତ୍ୱ ରହିଛି। ଯେତେବେଳେ ତାଙ୍କର ଜନ୍ମ ହେଲା ଏବଂ ସେ ଅତ୍ୟନ୍ତ କୋମଳ ଶିଶୁ ଥିଲେ, ସେତେବେଳେ ଉଦୟକାଳୀନ ସୂର୍ଯ୍ୟଙ୍କୁ ଆକାଶରେ ଫଳ ଝୁଲୁଥିବାଭଳି ମନେକରି ଲମ୍ଫମାରି ଗିଳିବାକୁ ଲାଗିଲେ। ଇନ୍ଦ୍ରଦେବ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ କି ଏ କି ବାଳକ, କେଉଁଠାରୁ ଆସିଲା, ଯିଏ ସୂର୍ଯ୍ୟଙ୍କୁ ଗିଳିବାକୁ ଯାଉଛି। ତେଣୁ ସେ ତାଙ୍କରେ ବଜ୍ର ପ୍ରହାର କରି ସୂର୍ଯ୍ୟଙ୍କୁ ହନୁମାନଙ୍କ ମୁହଁରୁ ରକ୍ଷା କରିଥିଲେ ଏବଂ ସେହି କଠିନ ବଜ୍ରାଘାତରେ ହନୁମାନଙ୍କ ଉପର

ଥୋଡ଼ି ବା ଓଠ କଟିଯାଇଥିଲା । ତଳ ଓ ସମ୍ପୂର୍ଣ୍ଣ ମୁହଁ, ଫୁଲିଗଲାଭଳି ଦେଖାଯାଏ । ତେଣୁ ଅଂଜନୀପୁତ୍ର ବା ପବନସୁତଙ୍କୁ 'ହନୁମାନ'କୁହାଯାଏ ।

ବଜ୍ରର ଆଘାତ ସହନ କରିବାକୁ ତିନି ଲୋକରେ ଏଭଳି କେହି ଶକ୍ତିଶାଳୀ ପୁରୁଷ ନାହିଁ । ତେଣୁ ବଜ୍ରର ଆଘାତରେ ମୃତ୍ୟୁ ସୁନିଶ୍ଚିତ । କିନ୍ତୁ ହନୁମାନଜୀ ତାଙ୍କର ଜନ୍ମପରେ ଶୈଶବାବସ୍ଥାରେ ବଜ୍ରାଘାତକୁ ସହନ କରିପାରିଥିଲେ, ତା' ଦ୍ୱାରା ତାଙ୍କର ମୃତ୍ୟୁ ହୋଇ ନ ଥିଲା । ଏହି ଘଟଣାର ତାତ୍ପର୍ଯ୍ୟ ହେଉଛି ଯେ, ହନୁମାନ ଯେହେତୁ ଭୟଙ୍କର ଅସ୍ତ୍ରାଘାତ ଅଥବା କୌଣସି ବଡ଼ ସଂକଟକୁ ସହନ କରିବାର ଶକ୍ତି ରଖନ୍ତି, ତେଣୁ ତାଙ୍କୁ ହନୁମାନ କୁହାଯାଇଛି । ହନୁମାନ, ଜ୍ଞାନ ଓ ଗୁଣର ସାଗର ଅଟନ୍ତି । ଯେତେସବୁ ସଦ୍‌ଗୁଣ,ଦିବ୍ୟଗୁଣ ରହିଛି, ଯଥା- ବିବେକ, ବୈରାଗ୍ୟ,ଶମ, ଦମ, ଦୟା, ଶାନ୍ତି, ପ୍ରେମ, ମୈତ୍ରୀ- ଏସବୁର ସେ ହେଉଛନ୍ତି ନିଧାନ ଅର୍ଥାତ୍ ଭଣ୍ଡାର । ଏଠାରେ 'ସାଗର' କହିବାର ତାତ୍ପର୍ଯ୍ୟ ହନୁମାନଙ୍କର ଜ୍ଞାନ ଓ ଗୁଣର ସୀମା ନାହିଁ, ତାହାକୁ ଆମେ ଗଣନା କରିପାରିବା ନାହିଁ, ତୁଳନା କରିପାରିବା ନାହିଁ । କିନ୍ତୁ କୌଣସି ଉପସ୍ଥିତ ପରିସ୍ଥିତିରେ ତାଙ୍କର ଏସବୁ ଗୁଣଗୁଡ଼ିକ ଆଂଶିକ ରୂପେ ପ୍ରକଟ ହୋଇଥାଏ । ଯେଭଳି ଦୁଷ୍ଟ ଲୋକମାନେ ସନ୍ଥମାନଙ୍କୁ ଦୁଃଖ-କଷ୍ଟ ଦେଲେ ମଧ୍ୟ ସନ୍ଥମାନେ ତାଙ୍କୁ କ୍ଷମା କରିଦିଅନ୍ତି । ସେତେବେଳେ ମହାତ୍ମାମାନଙ୍କ କ୍ଷମା ଗୁଣ ପ୍ରକଟ ହେବାର ଆମକୁ ଜଣାପଡ଼େ । ଯଦି ଦୁଷ୍ଟଲୋକ ସନ୍ଥମାନଙ୍କୁ କଷ୍ଟ ନ ଦେବେ, ତେବେ ସେମାନଙ୍କର ଏହି 'କ୍ଷମାଶୀଳତା' ଗୁଣ ଜଣାପଡ଼ିବ ନାହିଁ । ଏହି ପ୍ରକାର ହନୁମାନଙ୍କର ଜ୍ଞାନ ମଧ୍ୟ ଅତୁଳନୀୟ । ତାଙ୍କର ଚରିତ୍ର ଅନୁଧ୍ୟାନ କଲେ ଜଣାଯାଏ କି ତାଙ୍କର ସାହିତ୍ୟ, ସଂଗୀତ, ବ୍ୟାକରଣ, ବେଦ-ବେଦାନ୍ତ, ରାଜନୀତି, ଲୋକ-ବ୍ୟବହାର, ଭକ୍ତି, ଓ ବୈରାଗ୍ୟାଦି ଜ୍ଞାନ ଥିଲା ।

ହନୁମାନଙ୍କୁ 'କପୀସ' କହିବାର ମଧ୍ୟ ତାତ୍ପର୍ଯ୍ୟ ରହିଛି । ଯଦି କେହି ଅସ୍ତ୍ର-ଶସ୍ତ୍ର ବଳରେ ବା ଭୟ ଦେଖାଇ କୌଣସି ରାଜ୍ୟ ଜୟକରେ, ତେବେ

ସେ ସର୍ବଦା ରାଜା ହୋଇ ରହିପାରିବ ନାହିଁ । କିଛି ସମୟ ପାଇଁ ଲୋକମାନେ ତାଙ୍କୁ ରାଜାର ମାନ୍ୟତା ଦେବେ, ସର୍ବଦା ପାଇଁ ନୁହେଁ । କିନ୍ତୁ ଏଠାରେ ହନୁମାନ ସମସ୍ତଙ୍କର ହୃଦୟକୁ ତାଙ୍କର ପ୍ରେମ ଦ୍ୱାରା, ଭକ୍ତି, ସେବା, ସମର୍ପଣ ଦ୍ୱାରା ଜୟକରିପାରି ଥିବାରୁ ତାଙ୍କୁ 'କପୀସ' କୁହାଯାଇଛି । 'କପୀସ' ଶବ୍ଦରେ 'କ'ର ଅର୍ଥ-ବ୍ରହ୍ମସୁଖ ଓ 'ପି'ର ଅର୍ଥ ପାନକରୁଥିବା ବ୍ୟକ୍ତି । 'କଂ ବ୍ରହ୍ମସୁଖଂ ପିବତି ୟଃ ସଃ- କପିଃ', ଯିଏ ନିରନ୍ତର ବ୍ରହ୍ମାନନ୍ଦରେ ମଗ୍ନ ରହେ ତାଙ୍କୁ କପୀସ କହନ୍ତି । ହନୁମାନ ଅନ୍ୟ ସମସ୍ତ ବାନରଙ୍କ ଅପେକ୍ଷା ବିଶେଷ ଅଟନ୍ତି । ଯେହେତୁ ଶ୍ରୀରାମ ହେଉଛନ୍ତି, ସଚ୍ଚିଦାନନ୍ଦଘନ ବ୍ରହ୍ମସ୍ୱରୂପ ଏବଂ ହନୁମାନ ତାଙ୍କର ପରମ ପ୍ରେମୀ ଭକ୍ତ ଓ ସେବକ । ତେଣୁ ନିରନ୍ତର ବ୍ରହ୍ମାନନ୍ଦରେ ମଗ୍ନ ରହୁଥିଲେ ତଥା ପରମ ଜ୍ଞାନୀ ଥିବାରୁ ତାଙ୍କୁ ଆତ୍ମଜ୍ଞାନ ମଧ୍ୟ ପ୍ରାପ୍ତ ହୋଇଥିଲା ।

ଗୋସ୍ୱାମୀଜୀ ହନୁମାନଙ୍କର ରାମଚରିତ ମାନସରେ ଯେଭଳି ବନ୍ଦନା କରିଛନ୍ତି- 'ଅତୁଳିତ ବଲଧାମଂ ହେମଶୈଲାଭ ଦେହଂ', ଏଥିରେ ପ୍ରଥମତଃ ହନୁମାନଙ୍କଠାରେ ଅତୁଳନୀୟ ଶାରୀରିକ ବଳ ଥିବା ଦେଖାଯାଏ । ତା' ସହିତ ମଧ୍ୟ ମନର ନୈତିକ ବଳ ମଧ୍ୟ ଥିଲା, ଯାହାକି ବଡ଼ ବଡ଼ ଦୁଷ୍ଟ ଲୋକଙ୍କୁ (ରାକ୍ଷସମାନଙ୍କୁ) ପରାଭୂତ କରି ପାରିଥିଲା, ବିନଷ୍ଟ କରିଦେଉଥିଲା । ତାଙ୍କୁ ଅଷ୍ଟସିଦ୍ଧି ଓ ନବନିଧି ପ୍ରାପ୍ତ ଥିଲା । ଯାହାବଳରେ ସେ ସଂକଳ୍ପ ମାତ୍ରକେ ସବୁକିଛି ହାସଲ କରିପାରୁଥିଲେ । ତାଙ୍କର ନୈତିକ ମାନସିକ ବଳ କାମ ଓ ରାଗ ରହିତ ଥିଲା । କିନ୍ତୁ ବ୍ୟବହାରରେ ସେ ନିଜକୁ ଶ୍ରୀରାମ ପ୍ରଭୁଙ୍କ ଦୂତ-ସେବକ ରୂପେ ପରିଚୟ ଦେଉଥିଲେ ।

"ଅଂଜନୀପୁତ୍ର ପବନସୁତ ନାମା'- ଅଂଜନୀ ହନୁମାନଙ୍କ ମାତା ଓ ଏକ ବାନରୀ ଥିଲେ ତଥା ତାଙ୍କର ବିବାହ 'କେଶରୀ' ନାମକ ବାନର ସହିତ ହୋଇଥିଲା । ଏହି ଉଭୟଙ୍କର ପୁତ୍ର ହନୁମାନ । ଯେତେବେଳେ ଲଙ୍କାଗଡ଼ରେ ରାବଣର ଅତ୍ୟାଚାର ବଢିବାକୁ ଲାଗିଲା, ସେତେବେଳେ ସେ ତିନିଲୋକର ଅଧିବାସୀଙ୍କୁ ତା'ର ପରାକ୍ରମ ବଳରେ ଭୟଭୀତ କରାଇ ରଖିଥିଲା । କିନ୍ତୁ ସେ

ତା'ପୂର୍ବରୁ ଘୋର ତପ କରି ବ୍ରହ୍ମାଙ୍କଠାରୁ ଏଭଳି ବରଦାନ ପ୍ରାପ୍ତ କରିଥିଲା ଯେ, ନର ଓ ବାନରଙ୍କୁ ଛାଡ଼ି ଅନ୍ୟ କେହି ତାକୁ ମାରିପାରିବେ ନାହିଁ। ସେ ନିଶ୍ଚିତ ଥିଲା କି ଦେବତା, ଅସୁର, ଗନ୍ଧର୍ବ, ଯକ୍ଷ, ନାଗ, କିନ୍ନର ଓ ବିଦ୍ୟାଧର ଇତ୍ୟାଦି ଯଦି କେହି ତାକୁ ମାରିପାରିବେ ନାହିଁ, ତେବେ ଏହି ନର ଓ ବାନର ତା' ସମ୍ମୁଖରେ କ'ଣ ? ଅର୍ଥାତ୍, ସଂପୂର୍ଣ୍ଣ ଅକ୍ଷମ। ତା'ର ଅତ୍ୟାଚାର ସହନ ନକରିପାରି ଋଷି, ଦେବତା, ମୁନି ସମସ୍ତେ ଭୟଭୀତ, ଆଶଙ୍କିତ ହୋଇ ଭଗବାନ୍‌ଙ୍କୁ ପ୍ରାର୍ଥନା କଲେ ଯେ, 'ହେ ପ୍ରଭୁ ! ଆମକୁ ରକ୍ଷା କରନ୍ତୁ !' ତେଣୁ ଭଗବାନ କହିଲେ- 'ମୁଁ ନରରୂପରେ ଅବତରିତ ହୋଇ ତୁମକୁ ରକ୍ଷା କରିବି ଓ ରାବଣର ସବଂଶ ବିନାଶ କରିବି।' ବ୍ରହ୍ମାଜୀ ସମସ୍ତ ଦେବତାଙ୍କୁ ଏଥିଲାଗି ବାନର ରୂପରେ ପୃଥ୍ୱୀ ଉପରେ ଅବତରିତ ହୋଇ ଭଗବାନ୍ ବିଷ୍ଣୁଙ୍କୁ ଶ୍ରୀରାମ ରୂପରେ ସହାୟତା ଦେବା ପାଇଁ ଆଦେଶ ଦେଲେ। ତା'ପରେ ସମସ୍ତ ଦେବଗଣ ନିଜ ନିଜ ତେଜ ଦ୍ୱାରା ଅନେକ ବାନର ଉତ୍ପନ୍ନ କଲେ ଏବଂ ସେମାନଙ୍କ ମଧ୍ୟରେ ଯିଏ ବାୟୁ ଦେବତା, ତାଙ୍କ ତେଜ ଦ୍ୱାରା ଯେଉଁ ପୁତ୍ରକୁ ଜନ୍ମ ଦେଲେ ସେ ହେଉଛନ୍ତି- ହନୁମାନ। ବାୟୁ ଦେବତା ତାଙ୍କର ତେଜକୁ ଅଂଜନୀ ଦେବୀଙ୍କ ଗର୍ଭରେ ସ୍ଥାପନ କରିଥିଲେ। ତେଣୁ ହନୁମାନଙ୍କୁ ଅଂଜନୀପୁତ୍ର ଏବଂ କେଶରୀନନ୍ଦନ କୁହାଯାଏ ତଥା ପବନସୁତ ମଧ୍ୟ ନାମ ଦିଆଯାଏ।

'ଅଂଜନୀ'ର ଅର୍ଥ 'ଅଞ୍ଜନ' ବା କଜ୍ଜ୍ୱଳ-କଳା, ଯାହାକୁ ଆଖିରେ ଲଗାନ୍ତି। କିନ୍ତୁ ଏଠାରେ ଯେଉଁ ଅଞ୍ଜନ ସମ୍ବନ୍ଧରେ କୁହାଯାଇଛି, ତାହା ସାମାନ୍ୟ ନୁହେଁ। ଏହାର ବିଶେଷତ୍ୱ ରହିଛି, ଯାହାକୁ ଆଖିରେ ଲଗାଯାଏ ନାହିଁ। କିନ୍ତୁ ଯାହାର କୃପା ବାସହାୟତାରେ ବ୍ରହ୍ମ-ଦର୍ଶନ ରୂପ, ଶ୍ରୀରାମ ଦର୍ଶନରୂପ ସଫଳ ମିଳେ। ଏହି ଅଞ୍ଜନର ଅର୍ଥ ହେଉଛି- ଶୁଦ୍ଧ-ନିର୍ମଳ-ପବିତ୍ର ବୁଦ୍ଧି। ଗୋସ୍ୱାମୀଜୀଙ୍କୁ ଏହି ପବନସୁତ ଅଥବା ହନୁମାନ ନାମ ଦୁଇଟି ଅତ୍ୟନ୍ତ ପ୍ରିୟ। ହନୁମାନର ଅର୍ଥ ଆମେ ପୂର୍ବରୁ ଦେଖିଲେ, ବର୍ତ୍ତମାନ 'ପବନସୁତ' ନାମର ତାତ୍ପର୍ଯ୍ୟ କ'ଣ

ହୋଇପାରେ ? ପବନ ଅଥବା ବାୟୁଦେବତା ଆମର ଚ଼ବିଶ ଘଣ୍ଟା ସେବାରେ ନିୟୋଜିତ ରହନ୍ତି । ପବନ ବିନା କୌଣସି ପ୍ରାଣୀ ବଞ୍ଚି ପାରିବ ନାହିଁ । ଅର୍ଥାତ୍ ଦେହଧାରଣ କରିବା ଅସମ୍ଭବ । କିନ୍ତୁ ପବନକୁ ସ୍ଥୂଳରୂପରେ ଆମେ ଦେଖିବାକୁ ଅସମର୍ଥ । କାରଣ, ପବନର ରୂପ ଏବଂ ଆକାର ନାହିଁ । ଏହା ସର୍ବାନ୍ତର ଓ ସର୍ବରୂପ, ବ୍ୟାପକ ତଥା ସୂକ୍ଷ୍ମ । ଯେଉଁଭଳି ବାହ୍ୟ ଆକାଶରେ ସୂର୍ଯ୍ୟ ଉଦୟ-ଅସ୍ତ ହେବାର ଆମକ ଦେଖାଯାଏ, କିନ୍ତୁ ବାସ୍ତବରେ ସୂର୍ଯ୍ୟଦେବଙ୍କର ଉଦୟ-ଅସ୍ତ ହୁଏ ନାହିଁ । ସେ ସର୍ବଦା ଅନ୍ତରୀକ୍ଷରେ ସ୍ଥିର ହୋଇ ପ୍ରକାଶମାନ ରହନ୍ତି । ଏହିପରି ଆମ ଶରୀରରେ ଆଖି, କାନ, ନାକ ଏସବୁ ଇନ୍ଦ୍ରିୟଗୁଡିକ ଆମର ସେବା କରୁଥାନ୍ତି । ଏଗୁଡ଼ିକର ସେବାକୁ ଆମେ ପ୍ରତ୍ୟକ୍ଷ ଦେଖୁ ବା ଅନୁଭବ କରିଥାଉ । କିନ୍ତୁ ଯେଉଁ ପ୍ରାଣ ବାୟୁ ଚ଼ବିଶ ଘଣ୍ଟା ଆମ ଶରୀରରେ କାର୍ଯ୍ୟ କରୁଛି ଏବଂ ଯାହାର ଉପସ୍ଥିତିରେ ଇନ୍ଦ୍ରିୟଗୁଡ଼ିକ ଅଥବା ଆମର ଜଡ଼-ଶରୀର ସକ୍ରିୟ, ସଚ଼େତନତାକୁ ପ୍ରାପ୍ତ ହେଉଛି, ତାକୁ ଆମେ ଦେଖିବାକୁ ଅସମର୍ଥ ହେଉ । ତେଣୁ ବାୟୁଦେବତା ନିଜକୁ ବ୍ୟକ୍ତ ନକରି, ପ୍ରଦର୍ଶନ ନ କରି ସତତ ଆମର ସେବାରେ ନିୟୋଜିତ । କୌଣସି ଗୋଟିଏ ବା ଦୁଇଟି ଇନ୍ଦ୍ରିୟ ବିନା ବ୍ୟକ୍ତି ବଞ୍ଚିରହିପାରିବ, କିନ୍ତୁ ପ୍ରାଣ ବିନା ରହିପାରିବ ନାହିଁ । ତେଣୁ ହନୁମାନ ସଂପୂର୍ଣ୍ଣ ରାମାୟଣର ପ୍ରାଣ ଅଟନ୍ତି । ଏଥିଲାଗି କୁହାଯାଇଛି କି 'ରାମାୟଣ ମହାମାଲାରତ୍ନଂ ବନ୍ଦେ ଅନିଲାତ୍ମଜଂ"- ଅର୍ଥାତ୍ ରାମାୟଣରୂପୀ ଯେଉଁ ମହାମାଳା, "ତା'ର ରତ୍ନ କିଏ ?- ହନୁମାନଜୀ'

ବର୍ତ୍ତମାନ ବିଚାର କରନ୍ତୁ ଯେ, ଯଦି ପ୍ରକୃତରେ ଆମେ ହନୁମାନଙ୍କର ଭକ୍ତ ରୂପେ ତାଙ୍କର ସେବା କରୁଛୁ, ତେବେ ଆମଠାରେ କେଉଁ ସବୁ ଗୁଣ ରହିବା ଆବଶ୍ୟକ ? ପ୍ରଥମତଃ, ଯେକୌଣସି ପରିସ୍ଥିତିକୁ ସମ୍ମୁଖୀନ ହେବା ଲାଗି ଆମେ ପ୍ରସ୍ତୁତ ରହିବ ଉଚ଼ିତ୍ । ଅର୍ଥାତ୍, ଆମଠାରେ ସେଥିଲାଗି ଅନୁରୂପ ଶକ୍ତି, ସାହସ ଓ ଧୈର୍ଯ୍ୟ ଥିବା ଆବଶ୍ୟକ । କେବଳ ଏତିକି ନୁହେଁ, ହନୁମାନଙ୍କ ଭଳି ଆମର ମଧ୍ୟ ବୁଦ୍ଧି, ଗୁଣ, ଜ୍ଞାନ ଇତ୍ୟାଦି ରହିବା ଉଚିତ୍ । ନହେଲେ

ଆମେ ଉପସ୍ଥିତ ପରିସ୍ଥିତିକୁ ସମ୍ମୁଖୀନ ହୋଇପାରିବା ନାହିଁ। ଏତିକି ହେଲା ପରେ ସ୍ୱାଭାବିକ ରୂପେ ସର୍ବତ୍ର ବ୍ୟକ୍ତିର, (ସେବକ) ଜୟ ଜୟ କାର ହେବ, ଯଶ ବିସ୍ତାର ହେବ। ଗୋସ୍ୱାମୀଜୀ ଆଗକୁ କହୁଛନ୍ତି-

ମହାବୀର ବିକ୍ରମ ବଜରଂଗୀ। କୁମତି ନିୱାର ସୁମତି କେ ସଂଗୀ ॥

କଞ୍ଚନ ବରନ ବିରାଜ ସୁବେଶା। କାନନ କୁଣ୍ଡଲ କୁଞ୍ଚିତ କେଶା ॥

ହନୁମାନ ସାଧାରଣ ବୀର ନୁହଁନ୍ତି, ତୁଳସୀଦାସଙ୍କ ମତରେ 'ମହାବୀର' ଅଟନ୍ତି। ତେଣୁ ଗୋସ୍ୱାମୀଜୀ ରାମଚରିତରେ ବନ୍ଦନା କରିଛନ୍ତି-

"ମହାବୀର ବିନବଉଁ ହନୁମାନା। ରାମ ଜାସୁ ଜସ ଆପ ବଖାନା ॥"

ଏହି ଚୌପାଇର ତାତ୍ପର୍ଯ୍ୟ ହେଉଛି କି 'ଯାହାର ଯଶ ସାମାନ୍ୟ ଲୋକ ଗାନ କରନ୍ତି, ସେ ବୀର ହୋଇପାରେ। କିନ୍ତୁ ଯାହାର ଯଶ ସ୍ୱୟଂ ଭଗବାନ୍ ଗାଆନ୍ତି, ସେହି ପୁରୁଷ ମହାବୀର।' ଅନ୍ୟ ଦୃଷ୍ଟିରୁ ବିଚାର କଲେ, ପ୍ରକୃତରେ ବୀରତା କ'ଣ ? 'ବୀର' ଅର୍ଥାତ୍ ବଡ଼ ସାହସୀ ଓ ଶକ୍ତି-ସାମର୍ଥ୍ୟବାନ୍ ବ୍ୟକ୍ତି। କିନ୍ତୁ ବୀରତା କେବଳ ଯୁଦ୍ଧ ଭୂମିରେ ପ୍ରଦର୍ଶନ ହୋଇ ନ ଥାଏ। ବରଂ, ଜୀବନର ପ୍ରତ୍ୟେକ ସଂକଟ ପରିସ୍ଥିତିରେ ବ୍ୟକ୍ତ ହେବା ଉଚିତ୍। ଏହାର ମଧ୍ୟ ଅନେକ ପ୍ରକାର ଭେଦ ରହିଛି, ଯଥା- ବିଦ୍ୟାବୀରତା, ରଣବୀରତା, ଦାନବୀରତା, ଧର୍ମବୀରତା ବା ତ୍ୟାଗବୀରତା- ଏହିପରି ଚାରି ପ୍ରକାରର ବୀରତା ପ୍ରସିଦ୍ଧ। ସାମାନ୍ୟତଃ ଦେଖାଯାଏ ଯେ, ଜଣେ ବ୍ୟକ୍ତି ରଣବୀର ହୋଇଥିଲେ ମଧ୍ୟ ସେ ଧର୍ମଭୀରୁ ବା ବିଦ୍ୟାଭୀରୁ ହୋଇପାରେ। ଅର୍ଥାତ୍, ତା'ର ବିଦ୍ୟା ଓ ଧର୍ମକ୍ଷେତ୍ରରେ ପାରଙ୍ଗମତା ବା ସାହସିକତା ଶକ୍ତି ନ ଥାଏ। ବୀଦ୍ୟାବୀର ହୋଇ ମଧ୍ୟ ଦାନବୀର ହୋଇ ନପାରେ ଏବଂ ଦାନବୀର ହୋଇ ଧର୍ମ ବା ତ୍ୟାଗବୀର ହୋଇ ନ ପାରେ। ଏପରି ମଧ୍ୟ ହୋଇପାରେ ଯେ, ଉପରୋକ୍ତ ଚାରୋଟି ବୀରତା ଜଣେ ବ୍ୟକ୍ତିଠାରେ ରହିପାରେ। କିନ୍ତୁ ଏଭଳି ବ୍ୟକ୍ତିତ୍ୱ ବିରଳ ଏବଂ ଏସବୁ କ୍ରମାନ୍ୱୟରେ ହନୁମାନଙ୍କଠାରେ ମଧ୍ୟ ଦେଖାଯାଏ। ମହାଭାରତରେ କର୍ଣ୍ଣଙ୍କର ପ୍ରସିଦ୍ଧି ଜଣେ ଦାନବୀର ରୂପେ ଶୁଣାଯାଏ। ସେ

ମଧ୍ୟ ରଣବୀର ଥିଲେ, କିନ୍ତୁ ଧର୍ମବୀରତା ତାଙ୍କ ପାଖରେ ନ ଥିଲା । ଯେହେତୁ ସେ ଅଧର୍ମୀ କୌରବମାନଙ୍କ ସପକ୍ଷରେ ଥିଲେ । ଧର୍ମବୀରଙ୍କୁ ତ୍ୟାଗବୀର ମଧ୍ୟ କହନ୍ତି, କାରଣ ଯେଉଁ ବ୍ୟକ୍ତି ତ୍ୟାଗ କରିବାକୁ ପ୍ରସ୍ତୁତ ନୁହେଁ, ସେ ଧର୍ମ-ପାଳନ କରିପାରିବ ନାହିଁ । ନିଜର ସ୍ୱାର୍ଥ ତ୍ୟାଗ ବିନା ଧର୍ମ-ପାଳନ କରିବା ଅସମ୍ଭବ । ଅତଏବ, ପ୍ରଥମ ପ୍ରକାରର ବୀରତା ହେଉଛି- 'ଦୟାବୀର' । ହନୁମାନ ଯେତେବେଳେ ରାକ୍ଷସମାନଙ୍କୁ ଯୁଦ୍ଧରେ ମାରୁଥିଲେ, ତାଙ୍କ ଉପରେ ଦୟାକରି ତାଙ୍କୁ ସ୍ୱର୍ଗଲୋକ ପ୍ରାପ୍ତି କରାଉଥିଲେ, ମୁକ୍ତି ଦେଉଥିଲେ । ଏହା ତାଙ୍କର ଦୟାବୀରତା । ହନୁମାନଙ୍କଠାରେ ଏହିପରି ଦୟା, ଧର୍ମ, ଦାନ, ବଳ ଓ ବିଦ୍ୟା- ଏ ପାଞ୍ଚଟି ବୀରତା ଥିବାରୁ ତାଙ୍କୁ 'ମହାବୀର' ଆଖ୍ୟା ଭଗବାନ୍ ଶ୍ରୀରାମ ଦେଇଥିଲେ ।

'ମହାବୀର ବିକ୍ରମ'-ର ଅର୍ଥାତ୍ କେହି କେହି ବ୍ୟକ୍ତି ବଳଶାଳୀ ହୋଇ ମଧ୍ୟ ସେମାନଙ୍କଠାରେ ପରାକ୍ରମ ନ ଥାଏ । ଦେଖିବାକୁ ବଡ଼ ମୋଟା-ସୋଟା ଅଟନ୍ତି, କିନ୍ତୁ କୌଣସି ବିଷମ ବା ବିକଟ ପରିସ୍ଥିତିରେ ସେମାନେ ବିବ୍ରତ ହୋଇଯାନ୍ତି । ତେଣୁ କେବଳ ବଳ ବା ଶକ୍ତି ପର୍ଯ୍ୟାପ୍ତ ନୁହେଁ । ତାହା ସହିତ ସାହସ, ସାମର୍ଥ୍ୟ ଅଥବା ପରାକ୍ରମ ଆବଶ୍ୟକ । ଏହି ପରାକ୍ରମ ହନୁମାନଙ୍କଠାରେ ପର୍ଯ୍ୟାପ୍ତ ଥିଲା ।

'ବଜରଙ୍ଗୀ'- ଅର୍ଥାତ୍, ଯାହାର ଅଙ୍ଗ ବଜ୍ରଭଳି ସଶକ୍ତ, କଠୋର । ବାସ୍ତବରେ ସଂସ୍କୃତ ମୂଳ ଶବ୍ଦ ହେଉଛି 'ବଜ୍ର ଅଙ୍ଗ' । ସୁତରାଂ, ହନୁମାନ ଯେହେତୁ ବଜ୍ରାଘାତକୁ ଶୈଶବାବସ୍ଥାରେ ସହନ କରିଥିଲେ ଏବଂ ତାଙ୍କର ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ ବଜ୍ର ଭଳି କଠୋର ଥିଲା, ତେଣୁ ତାଙ୍କୁ 'ବଜରଙ୍ଗୀ' ନାମ ଦିଆଯାଇଛି ।

'କୁମତି ନିୱାର ସୁମତି କେ ସଙ୍ଗୀ'- ହନୁମାନଙ୍କ କୃପାରୁ ତାଙ୍କର ଉପାସକ, ଭକ୍ତଙ୍କର କୁମତି ଦୂର ହୋଇ ସୁମତି ଅର୍ଥାତ୍ ସଦବୁଦ୍ଧି ପ୍ରାପ୍ତ ହୋଇଥାଏ । କେବଳ ଏତିକି ନୁହେଁ- 'ସୁମତି କେ ସଙ୍ଗୀ' ଅର୍ଥାତ୍ ହନୁମାନଜୀ

କୁବୁଦ୍ଧିଯୁକ୍ତ ବ୍ୟକ୍ତିମାନଙ୍କୁ ବିନାଶ କରନ୍ତି ଏବଂ ସୁବୁଦ୍ଧି ସମ୍ପନ୍ନ, ସତ୍‌ସଙ୍ଗୀ ଭକ୍ତମାନଙ୍କର ସେ ସାଙ୍ଗରେ ରହନ୍ତି ।

ଅତଏବ, ଏହି କୁମତି ଓ ସୁମତିର ପରିଭାଷା କ'ଣ ? ଅଧର୍ମ ଆଡ଼କୁ ଯାଉଥିବା ବୁଦ୍ଧି ବା ଅଧର୍ମ, ଅନୀତିରେ ଲିପ୍ତ-ବୁଦ୍ଧିକୁ 'କୁମତି' ଏବଂ ଧର୍ମ-ନ୍ୟାୟରେ ଅନୁପ୍ରାଣିତ, ଅନୁପ୍ରେରିତ ବୁଦ୍ଧିକୁ 'ସୁମତି' କହନ୍ତି । ବିଭୀଷଣ ତା'ର ବଡ଼ଭାଇ ଅତ୍ୟନ୍ତ ଦୁରାଚାରୀ, ଅତ୍ୟାଚାରୀ, ଅହଂକାରୀ ରାବଣକୁ ବୁଝାଇ କହିଥିଲା ଯେ, 'ସୁମତି କୁମତି ସବ କେ ଉର ରହହୀ' । କିନ୍ତୁ ଅଳ୍ପ କେତେକ ଲୋକ ନିଜର ବିବେକ ଦ୍ୱାରା ସଦ୍‌ବୁଦ୍ଧିରେ ଅନୁପ୍ରେରିତ ହୋଇଥାନ୍ତି । ମନରେ କୁବିଚାର ଆସିଲେ ମଧ୍ୟ ତାକୁ ସେମାନେ ଦୂର କରିଦିଅନ୍ତି ଏବଂ ସୁବିଚାର ଅନୁସାରେ ସଂସାରରେ ବ୍ୟବହାର କରନ୍ତି । ଏହି କୁମତି ଓ ସୁମତିକୁ ଗୀତା ଭାଷାରେ 'ଆସୁରୀ ଓ ଦୈବୀ' ସମ୍ପତ୍ତି (ଗୁଣ) ରୂପେ ଭଗବାନ ଶ୍ରୀକୃଷ୍ଣ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ, "ଦୈବି ସମ୍ପଦ୍ୱିମୋକ୍ଷାୟ ନିବନ୍ଧାୟାସୁରୀ ମତା" । ଏହି ଆସୁରୀଗୁଣ ବ୍ୟକ୍ତିକୁ ବାନ୍ଧିଥାଏ ଏବଂ ଦୈବୀଗୁଣ ବିମୁକ୍ତି ପ୍ରଦାନ କରେ ।

'କଞ୍ଚନ ବରନ ବିରାଜ ସୁବେଶା'- ହନୁମାନଙ୍କ ଦେହର ରଙ୍ଗ ସୁନାର ରଙ୍ଗଭଳି ଅତ୍ୟନ୍ତ ପ୍ରକାଶମୟ, ତେଜୋମୟ 'ବିରାଜ' । ଯେଭଳି ଗୋସ୍ୱାମୀଜୀ ସ୍ତୁତି କରିଛନ୍ତି 'ହେମଶୈଳାଭ ଦେହଂ', ଅର୍ଥାତ୍ ତାଙ୍କର ଦେହ ଚମକୁଥିବା ସୁନାର ପର୍ବତ ଭଳି । ତାଙ୍କର ବେଶ ଓ ଆଭୂଷଣ ମଧ୍ୟ ଅତ୍ୟନ୍ତ ଆକର୍ଷଣୀୟ ଓ ସୁନ୍ଦର ।

'କାନନ କୁଣ୍ଡଲ କୁଞ୍ଚିତ କେଶା'- ତାଙ୍କର କାନରେ କୁଣ୍ଡଳ , ଗଳାରେ ମୋତିର ହାର, ହାତରେ ବାହୁଟି କଙ୍କଣ, ଗୋଡ଼ରେ ମଗର (ବଳା) ଇତ୍ୟାଦି ବିଭିନ୍ନ ପ୍ରକାରର ସୁବର୍ଣ୍ଣ ଆଭୂଷଣ ଶୋଭିତ ହେଉଥାଏ । ତାଙ୍କର ମୁଣ୍ଡର କେଶ ମଧ୍ୟ ଦେଖିବାକୁ ଅତି ସୁନ୍ଦର- 'କୁଞ୍ଚିତ କେଶା'- କୁଞ୍ଚୁକୁଞ୍ଚିକା ଓ ଘନ କଳା ।

ହାଥ ବଜ୍ର ଔର ଧ୍ୱଜା ବିରାଜୈ । କାଁଧେ ମୂଁଜ ଜନେଉ ସାଜୈ ॥

ଶଙ୍କର ସୁଓ୍ୱନ କେଶରୀ ନନ୍ଦନ । ତେଜ ପ୍ରତାପ ମହା ଜଗ ବନ୍ଦନ ॥
ବିଦ୍ୟାବାନ ଗୁନୀ ଅତି ଚାତୁର । ରାମ କାଜ କରିବେ କୋ ଆତୁର ॥
ପ୍ରଭୁ ଚରିତ ସୁନିବେ କୋ ରସିୟା । ରାମ ଲଖନ ସୀତା ମନ ବସିୟା ॥

ହନୁମାନଙ୍କ ହାତରେ ସର୍ବଦା ବଜ୍ର ଓ ଧ୍ୱଜା ମଧ୍ୟ ଶୋଭାୟମାନ ହେଉଥାଏ । କିନ୍ତୁ ଏଠାରେ ଶଙ୍କା ହୋଇପାରେ କି ବଜ୍ର ଇନ୍ଦ୍ରଙ୍କ ହାତରେ ରହେ, ହନୁମାନଙ୍କ ହାତରେ ଗଦା ରହେ । ଏହି ଗଦା ଯେହେତୁ ବଜ୍ର ସଦୃଶ କଠୋର ଓ ଭାରି ଥିଲା, ତେଣୁ ଏଠାରେ ଗୋସ୍ୱାମୀଜୀ ଗଦାକୁ ବଜ୍ର ଆଖ୍ୟା ଦେଇଛନ୍ତି । ଏହାର ଅନ୍ୟ ଅର୍ଥ ହେଉଛି- ଯାହାର ହାତ କିମ୍ବା ପାଦରେ କିଛି ପାଦରେ କିଛି ବିଶେଷ ଚିହ୍ନ ଥାଏ, ସେ ଶ୍ରେଷ୍ଠ ପୁରୁଷ ରୂପେ ପରିଚିତ ହୁଏ । ତେଣୁ ଭଗବାନ ଯେତେବେଳେ ଅବତାର ନିଅନ୍ତି, ସେତେବେଳେ ତାଙ୍କର ହାତ ଓ ପାଦରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ତଥା ଧ୍ୱଜ, ବଜ୍ର ଇତ୍ୟାଦି ଚିହ୍ନ ଥାଏ । ଏହିସବୁ ସାମୁଦ୍ରିକ ଲକ୍ଷଣଯୁକ୍ତ ବ୍ୟକ୍ତିକୁ ଶ୍ରେଷ୍ଠ ପୁରୁଷର ମାନ୍ୟତା ଦିଆଯାଏ । ଗଦା ଓ ଧ୍ୱଜ ଉଭୟ ବିଜୟର ପ୍ରତୀକ । ସେଥିପାଇଁ ଆମେ କହୁ କି, 'ଝଣ୍ଡା ଉଁଚା ରହେ ହମାରା'- ଅର୍ଥାତ୍, ଆମର ଧ୍ୱଜା ସର୍ବଦା ଉଚ୍ଚରେ ରହୁ, ଫରଫର ହୋଇ ଉଡୁଥାଉ । କାରଣ, ଯାହାର ଧ୍ୱଜା ଉଚ୍ଚରେ ରହେ, ସେ ବିଜୟୀ ହୁଏ । କହିବାର ତାତ୍ପର୍ଯ୍ୟ ଏତିକି, ହନୁମାନଙ୍କ ହାତରେ ସର୍ବଦା ବିଜୟ-ପତାକା ଫରଫର ହୋଇ ଉଡୁଥାଏ ଏବଂ ଅନ୍ୟ ଏକ ହାତରେ ଇନ୍ଦ୍ରଙ୍କ-ବଜ୍ର ସଦୃଶ ଗଦା ଶୋଭା ପାଉଥାଏ ।

'କାଁଧେ ମୁଁଜ ଜନେଉ ସାଜୈ'- ହନୁମାନ ତାଙ୍କ କାନ୍ଧରେ ଯଜ୍ଞୋପବୀତ (ଜନେଉ) ଧାରଣ କରିଥାନ୍ତି ଏବଂ ସେହି ଜନେଉ ମୁଁଜ ନାମକ ଏକ ପ୍ରକାର ଘାସରେ ତିଆରି ହୋଇଥାଏ । ଏହି ଜନେଉ ହିନ୍ଦୁଧର୍ମରେ, ସନାତନ ବୈଦିକ ସଂସ୍କୃତିରେ ପବିତ୍ରତା, ସୁଦ୍ଧତା ତଥା ଉତ୍ତମ ସଂସ୍କାର ବା ବ୍ରହ୍ମଚର୍ଯ୍ୟର ପ୍ରତୀକ ରୂପେ ଧାରଣ କରାଯାଏ । ମନୁ ସ୍ମୃତି ଆଦିରେ ଅନେକ ପ୍ରକାରର ଜନେଉ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ଏଥିରୁ ପ୍ରମାଣ ମିଳେ

ଯେ, ହନୁମାନଜୀ ବଡ଼ ସଂସ୍କାରୀ ପୁରୁଷ ଥିଲେ। ଆମର ଶାସ୍ତ୍ରରେ କୁହାଯାଇଛି କି ଜନ୍ମରୁ ସମସ୍ତେ ସାମାନ୍ୟ, ଅର୍ଥାତ୍ ଶୁଦ୍ର ଅଟନ୍ତି। କିନ୍ତୁ ବୈଦିକ ରୀତିରେ ସଂସ୍କାରିତ ହେଲା ପରେ ସେମାନଙ୍କୁ ଦ୍ୱିଜ କୁହାଯାଏ- 'ସଂସ୍କାରାତ୍ ଦ୍ୱିଜ ଉଚ୍ୟତେ'। ତେଣ ବାଳକ ମାନଙ୍କର ଯଜ୍ଞୋପବୀତ ସଂସ୍କାର ବା ବ୍ରତୋପନୟନ କରାଯାଏ। ଜନେଉ ଧାରଣ କରିବା ପୂର୍ବରୁ ଜୀବନରେ କିଛି ନିୟମ-ସଂଯମ ନଥାଏ। କିନ୍ତୁ ଯଜ୍ଞୋପବୀତ ଧାରଣ ପରେ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଯାପନ କରିବାକୁ ପଡ଼େ। ହନୁମାନଜୀ ସର୍ବଦା ଧର୍ମ, ନୀତି, ଆଦର୍ଶ, ବ୍ରହ୍ମଚର୍ଯ୍ୟ ଇତ୍ୟାଦି ମର୍ଯ୍ୟାଦାରେ ରହନ୍ତି। କୁହାଯାଇଛି କି 'ଯଜ୍ଞୋପବୀତଂ ପରମଂ ପବିତ୍ରଂ ବଲମସ୍ତୁ ତେଜଂ' ଅର୍ଥାତ୍ ଯଜ୍ଞୋପବୀତ ପରାମ ପବିତ୍ର ଅଟେ ଏବଂ ବ୍ୟକ୍ତିକୁ ମଧ୍ୟ ସଂସ୍କାରିତ, ମର୍ଯ୍ୟାଦିତ, ପବିତ୍ର, ଶୃଙ୍ଖଳିତ କରେ।

'ଶଂକର ସୁୱନ କେଶରୀ ନନ୍ଦନ':- ଗୋସ୍ୱାମୀଜୀ ହନୁମାନଙ୍କୁ ଅଞ୍ଜନୀପୁତ୍ର, ପବନସୁତ କହିବା ପରେ ବର୍ତ୍ତମାନ ଶଂକର ସୁୱନ ଓ କେଶରୀ ନନ୍ଦନ କହି ସମ୍ବୋଧନ କରୁଛନ୍ତି। ହନୁମାନ ହେଉଛନ୍ତି ଭଗବାନ ଶଙ୍କରଙ୍କ ସୁନ୍ଦର ପୁତ୍ର, ଉତ୍ତମ ପୁତ୍ର। ପୁନଃ କହିଛନ୍ତି, ସେ କେବଳ 'ଶଙ୍କର ସୁୱନ' ନୁହଁନ୍ତି, ସ୍ୱୟଂ ଭଗବାନ ଶଙ୍କର ଅଟନ୍ତି। ଏହାର ଅଭିପ୍ରାୟ ହେଉଛି କି, ଯେତେବେଳେ ଭଗବାନ୍ ବିଷ୍ଣୁ ଶ୍ରୀରାମ ରୂପେ ଅବତରିତ ହେଲେ, ସେତେବେଳେ ଶଙ୍କର ଭଗବାନଙ୍କ ମନରେ ଇଚ୍ଛା ପ୍ରକଟ ହେଲା- 'ମୁଁ କିପରି ଭଗବାନ୍‌ଙ୍କ ସେବା କରିବି ?' ଆମେ ଶ୍ରୀରାମଚରିତ ମାନସରେ ବା ରାମାୟଣରେ ଦେଖୁ ଦେଖୁ ଯେ ଶ୍ରୀରାମଙ୍କର ସେବାରେ ଅନେକ ନିୟୋଜିତ ଥିଲେ। କିଏ ମିତ୍ର, କିଏ ଭାଇ ଏବଂ କିଏ ସେବକ ରୂପେ ସେବା କରୁଥିଲେ ? ଯେପରିକି ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ଆଦି ଭାଇ ଥିଲେ। ସୁଗ୍ରୀବ, ବିଭୀଷଣାଦି ମିତ୍ର ତଥା ଅଙ୍ଗଦ, ହନୁମାନ, ନଳ, ନୀଳ, ଜାମ୍ବବାନ ଇତ୍ୟାଦି ସେବକ ରୂପେ ସେବା କରିଥିଲେ। ଏମାନଙ୍କ ମଧ୍ୟରେ ହନୁମାନ ଏଭଳି ସେବକ ଥିଲେ, ଯାହାକୁ ଶ୍ରୀରାମ ତାଙ୍କର ମନକଥା ଖୋଲି କହିବାକୁ ମଧ୍ୟ ସଂକୋଚ

କରୁନଥିଲେ। ଭଗବାନ୍ ଶଙ୍କର ମଧ୍ୟ ଏଭଳି ଜଣେ ଶ୍ରେଷ୍ଠ ଏବଂ ଅନ୍ତରଙ୍ଗ ସେବକ ହେବା ପାଇଁ ମନରେ ସଂକଳ୍ପ କରିଥିଲେ, ଯାହାକି ହନୁମାନଙ୍କ ରୂପରେ ତାଙ୍କର ଇଚ୍ଛା ପୂର୍ଣ୍ଣ ହୋଇଥିଲା। ଏହିପରି ସ୍ୱୟଂ ବ୍ରହ୍ମା ମଧ୍ୟ ବୃଦ୍ଧ ଜାମ୍ବବାନ ରୂପରେ ପ୍ରଭୁ ଶ୍ରୀରାମଙ୍କର ସେବାରେ ନିୟୋଜିତ ଥିଲେ। ସେ ସମସ୍ତ ବାନର ଓ ଭାଲୁ ଦେହଧାରୀ ଦେବତାମାନଙ୍କର ସେନାପତି ରୂପେ କାର୍ଯ୍ୟ ତୁଲାଇଥିଲେ। ହନୁମାନଙ୍କଠାରେ ଯେଉଁ ତେଜ ଥିଲା, ତାହା ହେଉଛି- ଭଗବାନ୍ ଶଙ୍କରଙ୍କ ଅତଏବ 'ଶଙ୍କର' ଅର୍ଥ ମଙ୍ଗଳକାରୀ, କଲ୍ୟାଣକାରୀ (ଶଂ ଶୁଭକରୋତି ୟଃ-ସଃ)। ତେଣୁ ଶଙ୍କର ସୁବନ ବା ପତ୍ର ହୋଇଥିବାରୁ ହନୁମାନ ସମସ୍ତଙ୍କର ସ୍ୱାଭାବିକ କଲ୍ୟାଣ କରିଥାନ୍ତି। ବାୟୁପୁତ୍ର ରୂପେ ସମସ୍ତଙ୍କ ସେବାରେ ସର୍ବଦା ନିଜକୁ ନିୟୋଜିତ ରଖନ୍ତି। 'କେଶରୀ ନନ୍ଦନ'ର ତାତ୍ପର୍ଯ୍ୟ ହେଉଛି- ସିଂହ ପୁତ୍ର। କିନ୍ତୁ ହନୁମାନ ବାନର ପୁତ୍ର ଥିଲେ। ଅଭିପ୍ରାୟ ଏହି ଯେ, ହନୁମାନଙ୍କ ପିତା କେଶରୀ ନାମକ ବାନର ଥିଲେ ମଧ୍ୟ ତାଙ୍କଠାରେ ଶତସିଂହର ବଳ, ପରାକ୍ରମ ଥିଲା।

"ତେଜ ପ୍ରତାପ ମହା ଜଗ ବନ୍ଦନ"- ତାଙ୍କର ତେଜ ଓ ପ୍ରତାପ ମଧ୍ୟ ମହାନ୍ ଥିଲା, ଅର୍ଥାତ୍ ସେ ମହା ତେଜସୀ ଓ ପ୍ରତାପୀ ଥିଲେ। ଯିଏ ତାଙ୍କର ଆଗକୁ ଆସୁଥିଲା, ତା'ର ଶକ୍ତି କ୍ଷୀଣ ହୋଇଯାଉଥିଲା। ସେ ନିଜକୁ ଅକ୍ଷମ, ଅସମର୍ଥ ଅନୁଭବ କରୁଥିଲା। ରାବଣର ଦରବାରରେ ଠିଆ ହୋଇ ସମସ୍ତଙ୍କ ସମ୍ମୁଖରେ ରାବଣକୁ ଭର୍ତ୍ସନା କଲେ ହନୁମାନଜୀ। କିନ୍ତୁ ତ୍ରିଭୁବନ ବିଜୟୀ ମହାପରାକ୍ରମୀ ରାକ୍ଷସ ରାବଣ ତାଙ୍କର କିଛି କରିପାରିଲା ନାହିଁ। ରାବଣର ତେଜ, ବଳ, ସାହସ ସବୁକିଛି ହନୁମାନଙ୍କ ଆଗରେ ହତପ୍ରଭ ହୋଇ ଯାଇଥିଲା। ତେଣୁ ରାବଣ ଅପେକ୍ଷା ହନୁମାନ ଜଗତରେ ଅଧିକ ବଳନୀୟ ହୋଇଗଲେ।

"ବିଦ୍ୟାବାନ ଗୁନୀ ଅତି ଚାତୁର"- ବିଦ୍ୟାବାନର ଅର୍ଥ ଆମେ ପୂର୍ବରୁ ଦେଖିସାରିଛେ। ସାରା ଲୌକିକ ଓ ଆଧ୍ୟାତ୍ମିକ ବିଦ୍ୟା-ଭଣ୍ଡାର, ନିଧାନ

ଥିଲେ ହନୁମାନଜୀ। 'ଗୁଣୀ' ଅର୍ଥାତ୍ ଗୁଣବାନ୍ ବା ଗୁଣର ସାଗର ଥିଲେ। ଏହା ସହିତ ଅତି ଚତୁର ମଧ୍ୟ ଥିଲେ। ଏଠାରେ 'ଚତୁର' ଶବ୍ଦର ଅର୍ଥ ବ୍ୟବହାର କୁଶଳ।ବହୁତ ଲୋକ ବିଦ୍ୟାବାନ୍ ଅର୍ଥାତ୍ ଅଧିକ ପଢ଼ାଲେଖା କରି ମଧ୍ୟ ବ୍ୟବହାର-କୁଶଳି ହୋଇପାରନ୍ତି ନାହିଁ। କାରଣ, ଏହା ଦ୍ୱାରା ତାଙ୍କ ଭିତରେ ବିନମ୍ରତା ଅପେକ୍ଷା ଅହଂକାର ଓ ଦମ୍ଭଭାବ ଆସିଯାଏ।

"ରାମ କାଜ କରିବେ କୋ ଆତୁର"- ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟ (ସେବା) କରିବା ପାଇଁ ହନୁମାନଜୀ ସର୍ବଦା ଆତୁର ଅର୍ଥାତ୍ ବ୍ୟାକୁଳ ହୁଅନ୍ତି, ଆଗଭର ହୋଇଥାନ୍ତି। ସେ ପ୍ରତିକ୍ଷଣ ପ୍ରସ୍ତୁତ ହୋଇ ରହିଥାନ୍ତି ଯେ, ପ୍ରଭୁଙ୍କ ମୁହଁରୁ କିଛି ଆଦେଶ-ନିର୍ଦ୍ଦେଶ ମିଳିବ ଏବଂ ତାକୁ ସେ ଖୁବ୍ ଶୀଘ୍ର ପାଳନ କରିବେ। ତାଙ୍କଠାରେ କର୍ମ ତତ୍ପରତା ଥିଲା ଏବଂ ଆଳସ୍ୟ ବା ପ୍ରମାଦର ତିଳେମାତ୍ର ଚିହ୍ନନଥିଲା। ଏହି ଆତୁରତାର ଅନେକ ଦୃଷ୍ଟାନ୍ତ ରହିଛି, ଯେପରିକି- ସମୁଦ୍ର ଲଂଘନ କରି ଯେତେବେଳେ ସେ ସୀତାମାତାଙ୍କ ଅନ୍ୱେଷଣରେ ଲଙ୍କାକୁ ଯାଉଥିଲେ, ସେତେବେଳେ ମୈନାକ ନାମକ ଏକ ପର୍ବତ ସମୁଦ୍ର ମଧ୍ୟରେ ଉପରୁ ଉଠି ପ୍ରଥମେ ତାଙ୍କର ପଥରୋଧ କରିଥିଲା। ତାଙ୍କ ଉପରେ ଅଳ୍ପ ସମୟ ପାଇଁ ବିଶ୍ରାମ କରିବାକୁ ସେ ହନୁମାନଙ୍କୁ ପ୍ରାର୍ଥନା କରିଥିଲା। କିନ୍ତୁ ସେ କହିଲେ, "ରାମକାଜୁ କୀହ୍ନେଁ ବିନୁ ମୋହି କହାଁ ବିଶ୍ରାମ" ଅର୍ଥାତ୍ ପ୍ରଭୁଙ୍କ କାର୍ଯ୍ୟ ସମାପ୍ତ ନ କରି ମୁଁ କିପରି ବିଶ୍ରାମ କରିବି। ସେହିପରି ଲକ୍ଷ୍ମଣଙ୍କୁ ଯେତେବେଳେ ଶକ୍ତି ଭେଦ ହେଲା, ସେ ଯୁଦ୍ଧଭୂମିରେ ଟଳିପଡ଼ିଲେ। ହନୁମାନଙ୍କୁ ହିମାଳୟରୁ ସଂଜୀବନୀ ବୁଟି ଆଣିବା ପାଇଁ କୁହାଗଲା ଏବଂ ଯଦି ସେହି ରାତିମଧ୍ୟରେ ତାକୁ ସଂଗ୍ରହ କରାଯାଇପାରିବ ନାହିଁ ତେବେ ସକାଳ ହୋଇଗଲେ ଲକ୍ଷ୍ମଣ ଆଉ ଜୀବନଧାରଣ କରିବେ ନାହିଁ ଅଥବା ତାଙ୍କୁ ବଞ୍ଚାଯାଇ ପାରିବ ନାହିଁ। ତେଣୁ କିଏ ଖୁବ୍ ଶୀଘ୍ର ଯାଇ ଏହି କାର୍ଯ୍ୟ କରିପାରିବ- ଏ ବିଷୟରେ ଚର୍ଚ୍ଚା ହେବାରୁ ସେଠାରେ ଉପସ୍ଥିତ ସମସ୍ତ ସେନାମାନେ ତାଙ୍କର ଅସମର୍ଥତା ପ୍ରକଟ କଲେ। କିନ୍ତୁ ଏକ ମାତ୍ର ହନୁମାନ କହିଥିଲେ କି 'ଗରମ ତେଲରେ

ସୋରିଷ ପକାଇଲେ ତାହା ଫୁଟିବାକୁ ଯେତିକି ସମୟ ଲାଗିବ, ସେତିକି ସମୟ ମଧ୍ୟରେ ମୁଁ ଯାଇ ସଂଜୀବନୀ ବୁଟୀ ଆଣିଫେରି ଆସିପାରିବି । ଏଥିରୁ ଜଣାଯାଏ, ହନୁମାନ ରାମକାର୍ଯ୍ୟ କରିବା ପାଇଁ କେତେ ଆତୁର ଥିଲେ' । କିନ୍ତୁ ଆମ୍ଭମାନଙ୍କ ଭଳି ଭକ୍ତ ପ୍ରଭୁ କାର୍ଯ୍ୟ କ'ଣ କରିବେ ? ତାହା ବହୁତ କଷ୍ଟକର, ଦୂରର କଥା । ଆମଦ୍ୱାରା ପ୍ରଭୁଙ୍କର ନାମ ମଧ୍ୟ ନିଆଯାଇପାରୁ ନାହିଁ । ଅଭିପ୍ରାୟ ହେଉଛି କି ଅତି ସହଜ କାମ ପ୍ରଭୁଙ୍କ ନାମ-ସ୍ମରଣ ବା ନାମ-ଜପ ମଧ୍ୟ ଆମେ କରିବାକୁ ଅସମର୍ଥ ।

"ପ୍ରଭୁ ଚରିତ ସୁନିବେ କୋ ରସିୟା"- ହନୁମାନଜୀ କାମ ସମୟରେ କାମ କରନ୍ତି ଏବଂ ଅନ୍ୟବେଳେ ପ୍ରଭୁଙ୍କ ନାମ-କୀର୍ତ୍ତନ, ସ୍ମରଣ କରନ୍ତି, ପ୍ରଭୁଙ୍କ ଲୀଳାଚରିତ ଶୁଣନ୍ତି । ତା'ଦ୍ୱାରା ତାଙ୍କର ଶରୀର ପୁଲକିତ ହୋଇ ଆଖିରୁ ପ୍ରେମାଶ୍ରୁ ନିଗଳିତ ହେଉଥିଲା । ସେ ପ୍ରଭୁ-ପ୍ରେମରେ, ଅନନ୍ୟ ଭକ୍ତିରେ ଦେହଭାବକୁ ବିସ୍ମୃତ ହୋଇଯାଉଥିଲେ, ତାଙ୍କୁ ଭାବ-ସମାଧି ପ୍ରାପ୍ତ ହେଉଥିଲା । ଆମେ ସର୍ବଦା ଭଗବତ୍ କଥା ଶୁଣିବାକୁ ଆଗ୍ରହୀ ହେଉ ଏବଂ ଶୁଣୁ ମଧ୍ୟ । କିନ୍ତୁ ସେଥିରେ ଆମକୁ ରସାନୁଭୂତି ହୁଏ ନାହିଁ । ଆମେ ଅନେକ ସମୟରେ କଥା ସ୍ଥଳରେ କଥା ଶୁଣୁ ଶୁଣୁ ଶୋଇଯାଉ, ବେଳେବେଳେ କଥାସ୍ଥଳୀରୁ ଉଠି ବାହାରକୁ ଚାଲିଯାଉ ଅଥବା ବସି ବିଚାର କରୁ କି ଏକଥା କେତେବେଳେ ସମାପ୍ତ ହେବ ? ଏଥିରୁ ସ୍ପଷ୍ଟ ଜଣାଯାଏ କି ଆମ ଭିତରେ କଥାପ୍ରତି ଶ୍ରଦ୍ଧା-ଆଗ୍ରହ ନାହିଁ ଅଥବା ଆମକୁ କଥାରୁ ରସାନୁଭୂତି ହେଉନାହିଁ । କେହି କେହି ସଂଗୀତରସିକ ଥାଆନ୍ତି, ଯେଉଁମାନେ କଥାସ୍ଥଳିକୁ ଯାଆନ୍ତି ସଂଗୀତ ଶୁଣିବାପାଇଁ । ଏହି ଉଭୟ କଥାରସିକ ଓ ସଂଗୀତରସିକଙ୍କ ମଧ୍ୟରେ କେତେକ ଅରସିକ ଥାଆନ୍ତି, ଯେଉଁମାନଙ୍କୁ ନା କଥା ନା ସଂଗୀତ ପ୍ରିୟ ଲାଗେ । ସେମାନେ କେବଳ ଅନ୍ୟମାନଙ୍କଭଳି ମଝିରେ ବସି ସାଂସାରିକ କଥା ଚର୍ଚ୍ଚା କରିଥାନ୍ତି ।

ପ୍ରତ୍ୟେକ ଶ୍ରୋତାକୁ ପରୀକ୍ଷିତ ମହାରାଜାଙ୍କ ଭଳି କଥାରସିକ ହେବା ଉଚିତ୍ । 'ଶ୍ରୋତା' ଅର୍ଥାତ୍ ଶୁଣିବା ପାଇଁ ଆଗ୍ରହୀ ବା ଇଚ୍ଛୁକ, ଶୋଇବା ବ୍ୟକ୍ତି

ନୁହେଁ । କିନ୍ତୁ ଆମ୍ଭମାନଙ୍କ ମଧ୍ୟରେ କେତେକ ଶ୍ରୋତା ଓ ଆଉ କେତେକ ଶୋତା ଥାଆନ୍ତି । କୁହାଯାଏ କି, ତୁଳସୀଦାସ ମହାରାଜ ଯେତେବେଳେ ଚିତ୍ରକୂଟ ଘାଟରେ ବସି ରାମକଥା ଶୁଣାଉଥିଲେ, ସେତେବେଳେ ହନୁମାନ୍‌ଜୀ ସେଠାରେ ସମସ୍ତଙ୍କ ପଛରେ ଗୁପ୍ତ ରୂପରେ ବସି କଥା ଶୁଣୁଥିଲେ । ହନୁମାନ୍‌ଜୀ ମଧ୍ୟ ଗୋସ୍ୱାମୀଜୀଙ୍କୁ ପ୍ରଭୁ ଶ୍ରୀରାମଙ୍କର ଦର୍ଶନ କରାଇଥିଲେ । ଯେଉଁଠି ଯେଉଁଠି ରାମକଥା ହୁଏ, ସେଠାରେ ହନୁମାନ୍‌ଜୀ ଏହିପରି ଗୁପ୍ତ ରୂପେ ଆସି ବସି କଥା ଶୁଣୁଥିବାର ପ୍ରବାଦ ଅଛି ବୋଲି କଥାକାରମାନେ ତାଙ୍କୁ ପ୍ରାରମ୍ଭରୁ ଆବାହନ କରି ତାଙ୍କ ପାଇଁ ସ୍ୱତନ୍ତ୍ର ଆସନ ସଂରକ୍ଷିତ ରଖିଥାନ୍ତି ।

ଏହି ସମ୍ବନ୍ଧରେ ଏକ ସତ୍ୟ ଘଟଣା ଉପସ୍ଥାପନା କରାଯାଉଛି । ଥରେ ଜଣେ କଥାକାର କଥା କରୁଥିଲେ ଏବଂ ତାଙ୍କର ଶ୍ରଦ୍ଧା ଅନୁସାରେ ତାଙ୍କ କଥାରେ ସର୍ବତ୍ର ସର୍ବଦା ହନୁମାନ୍‌ଙ୍କୁ ସେ ଆରମ୍ଭରେ ଆବାହନ କରନ୍ତି ଏବଂ ତାଙ୍କ ପାଇଁ ଆସନ ରଖନ୍ତି । ଏହିପରି କଥାରେ ଜଣେ ନାସ୍ତିକ ବ୍ୟକ୍ତି କହିଲେ ଯେ ଆପଣ କଥା ସମୟରେ ଯେଉଁ ହନୁମାନ୍‌ଙ୍କୁ ଆବାହନ କରୁଛନ୍ତି ସେ କ'ଣ କଦାପି ଆସି କଥା ଶୁଣନ୍ତି ? କଥାକାର ପ୍ରତ୍ୟୁତ୍ତରରେ କହିଲେ, "ଦେଖନ୍ତୁ ଭାଇ ! ଏହା ହେଉଛି ଶ୍ରଦ୍ଧାର ବିଷୟ । ଏଥିରେ ଏଭଳି ସଂଶୟ କରିବା ଠିକ୍ ନୁହେଁ । ସେ ପୁନଃ କହିଲେ, ହନୁମାନ୍‌ଜୀ କଥା ଶୁଣିବାକୁ ଏଠାକୁ ଆସୁଛନ୍ତି, ଏହାର କ'ଣ ପ୍ରମାଣ ଅଛି ? ଆପଣ ପ୍ରମାଣିତ କରି ଦେଖାନ୍ତୁ କି ଏଠାରେ ବର୍ତ୍ତମାନ ହନୁମାନ୍‌ଜୀ ଅଛନ୍ତି । କଥାକାର ବିନମ୍ର ହୋଇ କହିଲେ, 'ଦେଖ ଭାଇ ! ମୁଁ ତ କୌଣସି ବଡ଼ ଭକ୍ତ ନୁହେଁ ଯେ ତୁମକୁ ମୁଁ ହନୁମାନ୍‌ଙ୍କ ଦର୍ଶନ କରାଇପାରିବି । କିନ୍ତୁ ତାଙ୍କ ପ୍ରତି ମୋର ଏଭଳି ଶ୍ରଦ୍ଧା ଅବଶ୍ୟ ଅଛି କି ସେ ଆସି କଥାସ୍ଥଳରେ ବସି କଥା ଶୁଣନ୍ତି । ତଥାପି ତୁମକୁ ଯଦି ପ୍ରମାଣ ଆବଶ୍ୟକ, ତେବେ ତୁମେ ଧୈର୍ଯ୍ୟରଖ । ତେବେ ନିଶ୍ଚୟ ସେ ତୁମକୁ ଦେଖା ଦେବେ ।' ପର ଦିନ କଥାକାର ହନୁମାନ୍‌ଜୀଙ୍କୁ ବିଶେଷ ପ୍ରାର୍ଥନା କଲେ ଏବଂ ତାଙ୍କ ପାଇଁ ଗୋଟିଏ ଆସନ ସଜାଇ ରଖିଲେ, ଯାହାକୁ କି କୌଣସି ଏକ ବାଳକ

ସହଜରେ ଉଠାଇ ପାରିବ । ତା'ପରେ କଥାକାର କଥାସ୍ଥଳୀକୁ ହନୁମାନ୍‌ଜୀଙ୍କୁ ପୂର୍ବଦିନଭଳି ଆବାହନ କଲେ ଏବଂ ସେହି ନାସ୍ତିକ ବ୍ୟକ୍ତିକୁ କହିଲେ ଦେଖନ୍ତୁ ଭାଇ ! ମୋର ବିଶ୍ୱାସ ହନୁମାନ୍‌ଜୀ ଆସି ତାଙ୍କ ଆସନରେ ବିରାଜମାନ ହୋଇଛନ୍ତି । ପୁନଃ ବ୍ୟକ୍ତି ଜଣକ ତା'ର ପ୍ରମାଣ କ'ଣ ପଚାରିଲେ । କଥାକାର କହିଲେ- 'ବର୍ତ୍ତମାନ ଆପଣ ଏହି ଆସନକୁ ଉଠାଇ ଦେଖନ୍ତୁ' । ଯେତେବେଳେ ସେହି ବ୍ୟକ୍ତି ଆସନ ପାଖକୁ ଯାଇ ଉଠାଇବାକୁ ଚେଷ୍ଟା କଲେ, ତାହା ଏତେ ଭାରି ହୋଇଗଲା ଯେ ତାକୁ ଉଠାଇ ପାରିଲେ ନାହିଁ । ତା'ପରେ ସେହି ଆସନକୁ ଉଠାଇବାକୁ ଅନ୍ୟ ଲୋକମାନଙ୍କୁ ଡ଼ାକାଗଲା । ସେମାନେ ସମସ୍ତେ (ଯେତେ ଶ୍ରୋତାଥିଲେ) ଉଠାଇଲେ ମଧ୍ୟ ଉଠିଲା ନାହିଁ । ଏଭଳି ଘଟଣା ଘଟିବାରୁ ସେହି ନାସ୍ତିକ ବ୍ୟକ୍ତି କଥାକାରଙ୍କ ପାଦଧରି ପ୍ରାର୍ଥନା ପୂର୍ବକ କହିଲା, "ମହାରାଜ ! ଆପଣ ଠିକ୍ କହୁଛନ୍ତି । ହନୁମାନ୍‌ଜୀ ଏହି ଆସନ ଉପରେ ବସିଛନ୍ତି । ଅନ୍ୟଥା ଏହା ଏତେ ଭାରି ହୋଇ ନ ଥାନ୍ତା ।

ଆମର ଚିତ୍ତ ବର୍ତ୍ତମାନ ଏତେ ଶୁଦ୍ଧ ନୁହେଁ ଅଥବା ଦୃଷ୍ଟି ମଧ୍ୟ ସୂକ୍ଷ୍ମ ନୁହେଁ ଯେ, ପ୍ରଭୁ ଆମକୁ ଏହି ଚକ୍ଷ୍ୟୁରେ ଦେଖାଯିବେ । କିନ୍ତୁ ହନୁମାନ୍‌ଙ୍କୁ 'ଚିରଂଜୀବୀ କୁହାଯାଇଛି । "ଯତ୍ର ଯତ୍ର ରଘୁନାଥ କୀର୍ତ୍ତନଂ ତତ୍ର ତତ୍ର କୃତମସ୍ତକାଞ୍ଜଳିମ୍" । ଅର୍ଥାତ୍, ଯେଉଁଠି ଯେଉଁଠି ରଘୁନାଥଙ୍କର କଥା ବା କୀର୍ତ୍ତନ ହୁଏ, ସେଠାରେ ହନୁମାନ୍‌ଜୀ ନତମସ୍ତକ ହୋଇ ଯୋଡ଼ହସ୍ତରେ ବସି କଥାଶ୍ରବଣ କରନ୍ତି । "ବାଷ୍ପବାରି ପରିପୂର୍ଣ୍ଣ ଲୋଚନମ୍"- କଥାଶୁଣି ତାଙ୍କର ଶରୀର ପୁଲକିତ, ରୋମାଞ୍ଚିତ ହୋଇଉଠେ, ନେତ୍ରରୁ ପ୍ରେମାଶ୍ରୁ ନିର୍ଗତ ହେଉଥାଏ । ହନୁମାନ୍‌ଜୀ ଏଭଳି ପ୍ରଭୁଚରିତ୍ରର କଥାରସିକ ।

'ରାମ, ଲଖନ, ସୀତା ମନ ବସିୟା'- ହନୁମାନ୍‌ଙ୍କ ମନରେ ରାମ, ଲକ୍ଷ୍ମଣ ଓ ସୀତା-ମାତା ସର୍ବଦା ବସିଥାନ୍ତି ଅର୍ଥାତ୍ ଏହି ତିନିଜଣଙ୍କୁ ନିରନ୍ତର ସ୍ମରଣ କରୁଥିଲେ ତଥା ମନ-ପ୍ରାଣ ଦେଇ ସେବା କରୁଥିଲେ । ଅନ୍ୟ ଅର୍ଥ ମଧ୍ୟ ହୋଇପାରେ ଯେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମନରେ ହନୁମାନ ସର୍ବଦା

ବସିଥାନ୍ତି । ଏହି ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ହନୁମାନଜୀ ମରଣ ମୁହଁରୁ ରକ୍ଷା କରିଛନ୍ତି । ଯେପରିକି ଅଶୋକ-ବାଟିକାରେ ସୀତା ମାତା ରାବଣ ଦ୍ୱାରା ପ୍ରତାଡ଼ିତ ହୋଇ ବହୁଦିନ ପର୍ଯ୍ୟନ୍ତ କଷ୍ଟ ସହ୍ୟ କରନ୍ତି ପାରି ମରିବାକୁ ଯାଉଥିଲେ । କିନ୍ତୁ ହନୁମାନ ତାଙ୍କ ନିକଟରେ ସୂକ୍ଷ୍ମରୂପ ଧରି ପହଞ୍ଚିବା ପରେ ରାମପ୍ରଭୁଙ୍କ କଥା ଶୁଣାଇ ତାଙ୍କ ମନରେ ଧୈର୍ଯ୍ୟ ଆଣିଲେ ଏବଂ ତାଙ୍କୁ ସେଠାରୁ ଖୁବ୍ ଶୀଘ୍ର ଉଦ୍ଧାର କରିନେବାକୁ ବିଶ୍ୱାସ ଦେଇଥିଲେ । ସେହିପରି ଲକ୍ଷ୍ମଣଙ୍କୁ ଶକ୍ତି ଭେଦ ହେଲାବେଳେ ମଧ୍ୟ ହନୁମାନ ତାଙ୍କର ସାହସିକତା, ବଳ ଓ ବିଦ୍ୟା ପ୍ରଦର୍ଶନ ପୂର୍ବକ ସଂଜୀବନୀ ବଟି ଆଣି ଲକ୍ଷ୍ମଣଙ୍କୁ ବଞ୍ଚାଇଥିଲେ । ଏଥିଲାଗି ଯଦି ସୀତାମାତା ଓ ଅନୁଜ ଲକ୍ଷ୍ମଣ ବଞ୍ଚିନ ଥାନ୍ତେ, ତେବେ ତାଙ୍କ ବିରହରେ ମଧ୍ୟ ଶ୍ରୀରାମ ପ୍ରାଣତ୍ୟାଗ କରିଥାନ୍ତେ । ଏହିପରି ହନୁମାନଙ୍କ ଯୋଗୁଁ ଶ୍ରୀରାମଙ୍କ ରକ୍ଷା ହୋଇଥିଲା । ତେଣୁ ଏମାନଙ୍କ ମନରେ ହନୁମାନ ଓ ହନୁମାନଙ୍କ ମନରେ ଏହି ତିନିଜଣ ସର୍ବଦା ବସିରହନ୍ତି ।

ଏହି ଉକ୍ତିର ଆଉ ଏକ ଅଭିପ୍ରାୟ ହେଉଛି କି ରାମ ଜ୍ଞାନସ୍ୱରୂପ, ସୀତା ଭକ୍ତିସ୍ୱରୂପ ଏବଂ ଲକ୍ଷ୍ମଣ ବୈରାଗ୍ୟସ୍ୱରୂପ । ତେଣୁ ହନୁମାନଙ୍କ ହୃଦୟରେ ନିରନ୍ତର ଏହି ଜ୍ଞାନ, ଭକ୍ତି ଓ ବୈରାଗ୍ୟ ପରିପୂର୍ଣ୍ଣ ହୋଇ ରହିଥାଏ । ଏହିପରି ଯାହାର ହୃଦୟରେ ହନୁମାନଙ୍କ ପ୍ରତି ଭକ୍ତି ଆସିଯାଏ, ତା'ର ହୃଦୟରେ ମଧ୍ୟ ରାମ, ଲକ୍ଷ୍ମଣ ଓ ସୀତା - ତିନିଜଣ ଜ୍ଞାନ, ଭକ୍ତି ଓ ବୈରାଗ୍ୟର ପ୍ରତୀକରୂପେ ନିବାସ କରନ୍ତି । ହନୁମାନଙ୍କର ଏଭଳି ବିଶେଷତା ଅଛି କି ଶ୍ରୀରାମଙ୍କ ମନ୍ଦିର ହନୁମାନଙ୍କ ମୂର୍ତ୍ତି ବ୍ୟତୀତ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ ନାହିଁ । କିନ୍ତୁ ହନୁମାନଙ୍କ ମନ୍ଦିର ଶ୍ରୀରାମ ଓ ଲକ୍ଷ୍ମଣଙ୍କ ବିନା ମଧ୍ୟ ପୂରା ହୋଇଥାଏ । କାରଣ, ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ହୃଦୟରେ ନିରନ୍ତର ନିବାସ କରିଥାନ୍ତି । ଗୋସ୍ୱାମୀଜୀ ରାମଚରିତରେ ଲେଖିଛନ୍ତି :-

"ଜାସୁ ହୃଦୟ ଆଗାର, ବସହିଁ ରାମ ସର ଚାପ ଧର ।"

ହନୁମାନଙ୍କ ହୃଦୟରେ ଶ୍ରୀରାମ ତାଙ୍କର ଧନୁସର ସହିତ ସର୍ବଦା ନିବାସ

କରିଥାନ୍ତି ।

ସୂକ୍ଷ୍ମରୂପ ଧରି ସୀୟହି ଦିଖାୱା । ବିକଟ ରୂପ ଧରି ଲଙ୍କା ଜରାୱା ॥
ଭୀମରୂପ ଧରି ଅସୁର ସଂହାରେ । ରାମଚନ୍ଦ୍ର କେ କାଜ ସଂୱାରେ ॥
ଲାୟ ସଜୀୱନ ଲଖନ ଜିୟାୟେ । ଶ୍ରୀରଘୁବୀର ହରଷି ଉର ଲାୟେ ॥
ରଘୁପତି କିହ୍ନି ବହୁତ ବଡ଼ାଇ । ତୁମ ମମ ପ୍ରିୟ ଭରତହି ସମ ଭାଇ ॥
ସହସ୍ର ବଦନ ତୁହ୍ମରୋ ଜସ ଗାୱେ । ଅସ କହି ଶ୍ରୀପତି କଣ୍ଠ ଲଗାୱେ ॥
ସନକାଦିକ ବ୍ରହ୍ମାଦି ମୁନୀସା । ନାରଦ ସାରଦ ସହିତ ଅହୀସା ॥
ଜମ କୁବେର ଦିଗପାଲ ଜାହାଁତେ । କବି କୋବିଦ କହି ସକେ କହାଁତେ ॥
ତୁମ ଉପକାର ସୁଗ୍ରୀବହିଁ କୀହ୍ନା । ରାମ ମିଲାୟ ରାଜ ପଦ ଦୀହ୍ନା ॥

" ସୂକ୍ଷ୍ମରୂପ ଧରି ସିୟହିଁ ଦିଖାୱା" --- ହନୁମାନଙ୍କଠାରେ ସବୁ ପ୍ରକାରର ସିଦ୍ଧିଗୁଡ଼ିକ ଥିଲା । ତେଣୁ ରାବଣର ଲଙ୍କା - କଟକରେ ପ୍ରବେଶ କରିବା ବେଳେ "ମସକ ସମାନ", ଅର୍ଥାତ୍ ମଶାଭଳି ଅତି ଛୋଟ ସୂକ୍ଷ୍ମରୂପ ଧାରଣ କରିଥିଲେ । ସେହି ରୂପରେ ସେ ଅଶୋକ ବାଟିକାରେ ପ୍ରପେଶ କରି ଗଛ ଉପରକୁ ଚଢ଼ି ଗଛ-ଡ଼ାଳରେ ଲୁଚି ବସିଥିଲେ । କାରଣ, ସେହି ବୃକ୍ଷ ମୂଳରେ ମାତା ସୀତାଙ୍କୁ ରାବଣ ବନ୍ଦିକରି ରଖିଥିଲା । ରାବଣ ତା'ର ଅନୁଚରମାନଙ୍କ ସହିତ ସେଠାକୁ ଆସି ସୀତାଙ୍କୁ ଡ଼ରାଇ-ଧମକାଇ ଚାଲିଗଲା, କିନ୍ତୁ ହନୁମାନଙ୍କୁ ଦେଖିପାରି ନଥିଲା । ଏହି ରାବଣ ଭୟରେ ସୀତାଜୀ ଭୟଭୀତ ହୋଇ ଅତ୍ୟନ୍ତ ଦୁଃଖୀ ହୋଇ ବସି ଯେତେବେଳେ ମନକୁ ମନ କହୁଥିଲେ ଯେ, "ମୋତେ ଯଦି ଅଗ୍ନି ମିଳିଯାଆନ୍ତା ତେବେ ମୁଁ ଏହି ଶରୀରକୁ ସେଥିରେ ଭସ୍ମ କରିଦିଅନ୍ତି" । ଠିକ୍ ଏତିକିବେଳେ ହନୁମାନ ଗଛ ଡାଳରେ ଲୁଚି ରହି ରାମକଥା ଗାନ କରିବାକୁ ଲାଗିଲେ । "ସୁନତହି ସୀତା କର ଦୁଃଖ ଭାଗା"- ଯେଉଁକ୍ଷଣି ସୀତାଜୀ ହନୁମାନଙ୍କ ମୁହଁରୁ ରାମକଥା ଶୁଣିଛନ୍ତି, ତତକ୍ଷଣ ତାଙ୍କର ଦୁଃଖ ଦୂର ହୋଇଗଲା

ଏବଂ ସେ କହିଲେ, ଯିଏ ଏତେ ସୁନ୍ଦର କଥା ଶୁଣାଇଲା, ସେ କାହିଁକି ମୋର ସମ୍ମୁଖକୁ ଆସୁନାହିଁ ? ହନୁମାନ ମଧ୍ୟ ଅତିପ୍ରେମରେ ଭାବାବେଶରେ ଦେହଶୁଦ୍ଧି ଭୁଲିଯାଇ ସେହି ସୂକ୍ଷ୍ମ ରୂପରେ ଗଛତଳକୁ ଡେଇଁ ପଡ଼ିଥିଲେ ଏବଂ ସୀତାଜୀଙ୍କୁ ତାଙ୍କର ଅତି ଲଘୁରୂପ ଦେଖାଇଥିଲେ । ଯଦି ଅଦୃଶ୍ୟରେ ରହି ସୁମଧୁର ସ୍ୱରରେ କେହି କଥା ଶୁଣାଏ ଏବଂ ଆମେ କହିବା କି କଥା ଶୁଣାଉଥିବା ବ୍ୟକ୍ତି ସମ୍ମୁଖକୁ ଆସନ୍ତୁ ! ଯଦି ଏକ ବାନର ସମ୍ମୁଖକୁ ଆସେ, ତେବେ କାହାକୁ ବିଶ୍ୱାସ ହେବ କି ଏହି ବାନର କଥା ଶୁଣାଉଥିଲା ? ସୀତାଜୀ ମଧ୍ୟ ପୂର୍ବରୁ ରାବଣର ମାୟାରେ ପଡ଼ି ସାରିଥିଲେ । ତେଣୁ ସେ ବିଚାର କଲେ ଯେ, ଏହା କୌଣସି ଅନ୍ୟ ଏକ ମାୟା ହୋଇଥାଇପାରେ ? ବେଷ ବଦଳାଇ କୌଣସି ରାକ୍ଷସ ବାନରରୂପରେ ଏଠାକୁ ଆସିଥାଇ ପାରେ । ତେଣୁ ସେ ତାଙ୍କର ମୁହଁ ଅନ୍ୟ ଦିଗକୁ ବୁଲାଇଦେଲେ । ତାତ୍ପର୍ଯ୍ୟ ଏହି କି ସୀତାଜୀ ପ୍ରଥମେ ହନୁମାନଙ୍କର ସେହି ରୂପକୁ ଦେଖି ଅବିଶ୍ୱାସ କରିଥିଲେ । ହନୁମାନଜୀ ସୀତାଙ୍କୁ ତାଙ୍କର ପୂରା ପରିଚୟ ଦେଇ ବିଶ୍ୱାସ କରାଇଲେ ଯେ, ସେ ହେଉଛନ୍ତି ଶ୍ରୀରାମ ପ୍ରଭୁଙ୍କର ଦୂତ "ରାମଦୂତ ମୈଁ ମାତୁ ଜାନକୀ," ମୁଁ କୌଣସି ରାକ୍ଷସ ଅଥବା ମାୟାବୀ ରାକ୍ଷସ ନୁହେଁ ।

'ବିକଟ ରୂପ ଧରି ଲଂକ ଜରାୱା' - ହନୁମାନଜୀ ପ୍ରଥମେ ସୀତାଙ୍କୁ ସୂକ୍ଷ୍ମ-ଲଘୁରୂପ ଦେଖାଇଥିଲେ, କିନ୍ତୁ ସୀତାଙ୍କ ଅନୁରୋଧରେ ତାଙ୍କ ମନରେ ବିଶ୍ୱାସ ଆଣିବା ପାଇଁ ଭୟଙ୍କର ବିକଟରୂପ ଧାରଣ କଲେ ଏବଂ ଲଙ୍କାକୁ ଜଳାଇ ସେହିରୂପରେ ଛାରଖାର କରିଦେଇଥିଲେ । ବର୍ତ୍ତମାନ ଧ୍ୟାନ ଦେବା ଉଚିତ କି ହନୁମାନ ଯେଉଁ ଲଙ୍କାକୁ ଜଳାଇଲେ ସେହି ଲଙ୍କା କ'ଣ ଏବଂ ଏହି ଅଗ୍ନି କ'ଣ ଯାହାଦ୍ୱାରା ଲଙ୍କାକୁ ଜଳାଇଥିଲେ ? କୁହାଯାଇଛି କି –"ଯଃ ଶୋକବହ୍ନିଂ ଜନକାତ୍ମଜାୟାଃ'। ରାମାୟଣ ର ବର୍ଣ୍ଣନା ଅନୁସାରେ ହନୁମାନଙ୍କ ଲାଞ୍ଜରେ ଅଗ୍ନି ସଂଯୋଗ କରି ରାବଣ ଛାଡ଼ିଦେଲା ଏବଂ ହନୁମାନ ସୂକ୍ଷ୍ମରୁ ବିକଟରୂପ ଧାରଣକରି ଘରକୁ ଘର ଡେଇଁ ଡେଇଁ ସଂପୂର୍ଣ୍ଣ ଲଙ୍କା କଟକ ପୋଡ଼ି

ଦେଇଥିଲେ ।ବାସ୍ତବରେ ହନୁମାନଜୀ କାହାକୁ ଜଳାଇଥିଲେ ? ସୀତାଙ୍କର ଯେଉଁ ଶୋକରୂପ ଅଗ୍ନି, ଦୁଃଖରୂପୀ ଅଗ୍ନି ତାକୁ ହନୁମାନଜୀ ନେଇ ସେହି ଦୁଷ୍ଟ ରାବଣର ନଗରୀକୁ ଜଳାଇଥିଲେ । ଏହାର ତାତ୍ପର୍ଯ୍ୟ ହେଉଛି କି ଯଦି ଦୁଷ୍ଟ ବ୍ୟକ୍ତି ନିରପରାଧ, ନିଷ୍ପାପ ସାଧୁ ବ୍ୟକ୍ତିକୁ ଦୁଃଖ କଷ୍ଟ ଦିଏ, ତେବେ ତା'ର ଶୋକାଗ୍ନି ଏତେ ପ୍ରଚଣ୍ଡ-ପ୍ରବଳ ହୁଏ ଯେ ତାହା ସାରା ସାମ୍ରାଜ୍ୟକୁ ଜଳାଇ ଭସ୍ମ କରିଦେବାକୁ ସମର୍ଥ ହୋଇପାରେ । ଅନ୍ୟ ଅର୍ଥ ହେଉଛି - ହନୁମାନଜୀ ଥିଲେ ପ୍ରଖର ବୈରାଗ୍ୟର ପ୍ରତୀକ ବା ମୂର୍ତ୍ତରୂପ, ବୈରାଗ୍ୟରୂପ ଅଗ୍ନି । ସେହି ବୈରାଗ୍ୟରୂପ ଅଗ୍ନି ଦ୍ୱାରା ସେ ରାବଣର ଭୋଗନଗରୀ ମାୟାପୁରୀ (ଲଙ୍କାଗଡ଼)କୁ ପୋଡ଼ି ନଷ୍ଟ କରିଦେଇଥିଲେ ।ଆମେ ମଧ ହନୁମାନଙ୍କୁ ଆବାହନ ପୂର୍ବକ ପ୍ରାର୍ଥନା କରିବା ଉଚିତ୍ କି, "ମହାରାଜ ! ଆମର ହୃଦୟରୂପୀ ନଗରୀ ଅଯୋଧା (ଅବଧ) ନୁହେଁ, ବରଂ ଲଙ୍କାକଟକ ହୋଇଯାଇଛି । ଏଥିରେ ସର୍ବଦା ଭୋଗ-ବୃତ୍ତି ଉତ୍ପନ୍ନ ହେଉଅଛି । ତେଣୁ ଆପଣ କୃପାପୂର୍ବକ ସେହି ବୈରାଗ୍ୟ-ଅଗ୍ନି ଦ୍ୱାରା ଆମର ଏହି ଲଙ୍କାକୁ ଜାଳି ଦିଅନ୍ତୁ !"

'ଭୀମରୂପ ଧରି ଅସୁର ସଂହାରେ' - ଭୟଙ୍କର ରୂପ ଧାରଣ କରି ହନୁମାନଜୀ ଅସୁରମାନଙ୍କୁ ସଂହାର କରିଦେଲେ । ଯିଏ ତାଙ୍କର ସମ୍ମୁଖକୁ ଆସିଲା ତାକୁ ସେ ମାରି ପକାଉଥିଲେ । ଶ୍ରୀରାମ-ରାବଣ ଯୁଦ୍ଧରେ ମଧ ଅସଂଖ୍ୟ ଅସୁରଙ୍କୁ ସେ ମାରିଲେ । ଏହି ପ୍ରକାର ହନୁମାନଜୀ "ରାମଚନ୍ଦ୍ର କେ କାଜ ସଁବାରେ'- ଶ୍ରୀରାମଙ୍କ କାମକୁ ସଂପୂର୍ଣ୍ଣ କରିଥିଲେ । ହନୁମାନଜୀ ଆଉ କ'ଣ କ'ଣ କରିଥିଲେ ? ଗୋସ୍ୱାମୀଜୀ କହୁଛନ୍ତି -

" ଲାୟ ସଜୀବନ ଲଖନ ଜିୟାୟେ' - ଲକ୍ଷ୍ମଣଙ୍କୁ ଯେତେବେଳେ ରାବଣର ପୁତ୍ର ଇନ୍ଦ୍ରଜୀତଙ୍କ ଶକ୍ତି ଭେଦ କଲା, ସେତେବେଳେ ତୁରନ୍ତ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ । ତା'ପରେ ହନୁମାନଜୀ ସଂଜୀବନୀ ବୁଟି ଯାଇ ଗନ୍ଧମାର୍ଦ୍ଦନ ପର୍ବତରୁ ଆଣିଥିଲେ ଯଦ୍ୱାରା କି ଲକ୍ଷ୍ମଣ ଜୀବିତ ହୋଇଥିଲେ । ସେତେବେଳେ ଶ୍ରୀରାମଚନ୍ଦ୍ର ହନୁମାନଙ୍କ ଉପରେ ବହୁତ ହର୍ଷିତ ହୋଇଥିଲେ

ଏବଂ ସେ ହନୁମାନଙ୍କୁ ସଂଗେ ସଂଗେ ହୃଦୟରେ ଲଗାଇଥିଲେ । ଭଗବାନ କହିଲେ – 'ହନୁମାନ ! ତୁମେ ଏତେ ବଡ଼ କାର୍ଯ୍ୟ କଲ ଯେ ତା'ର ପ୍ରତିବଦଳରେ ତୁମକୁ କିଛି ଦେବା ପାଇଁ ମୋ' ପାଖରେ ତତ୍ତୁଲ୍ୟ କିଛି ନାହିଁ ।' ଏହି ଘଟଣାରୁ କେହି ଏଭଳି ଭାବିବା ଅନୁଚିତ୍ କି ଭଗବାନ୍ ତାଙ୍କୁ କିଛି ଦେଲେ ନାହିଁ, କେବଳ ହୃଦୟରେ ଲଗାଇଲେ, ଆଲିଙ୍ଗନ କଲେ । ଏଠାରେ ବିଶେଷ ଧ୍ୟାନ ଦେବା ଉଚିତ୍ କି ଭଗବାନ ଯେତେବେଳେ ଭକ୍ତମାନଙ୍କୁ ହୃଦୟରେ ଲଗାନ୍ତି, ସେତେବେଳେ ସେ ତାଙ୍କ ନିଜକୁ ଭକ୍ତ ହୃଦୟରେ ସ୍ଥାପିତ କରିଦିଅନ୍ତି । ଏହାକୁ କେବଳ ନିରର୍ଥକ ଶାରୀରିକ ଆଲିଙ୍ଗନ ବୁଝିବା ଉଚିତ୍ ହେବ ନାହିଁ । ତେଣୁ ଯଦି କେହି ଭଗବାନ୍‌ଙ୍କର ଦର୍ଶନ ପାଇବାକୁ ଚାହାଁନ୍ତି, ତେବେ ସେ ସେହିପରି ଭଗବାନଙ୍କର ଅନନ୍ୟ ପ୍ରେମୀ ଭକ୍ତଙ୍କୁ ପ୍ରଥମେ ଖୋଜିବା ଉଚିତ୍ । କାରଣ, ଭଗବାନ୍ ସର୍ବଦା ଏଭଳି ଭକ୍ତର ହୃଦୟରେ ନିବାସ କରିଥାନ୍ତି ।

"ରଘୁପିତକୀହ୍ନୀ ବହୁତ ବଡ଼ାଈ' – ପ୍ରଭୁ ଶ୍ରୀରାମ ହନୁମାନଙ୍କର ବହୁତ ପ୍ରଶଂସା କଲେ । ସେ କହିଲେ, "ତୁମ ମମ ପ୍ରିୟ ଭରତହିଁ ସମ ଭାଈ' – ଅର୍ଥାତ୍, ତୁମେ ମୋତେ ଭରତଙ୍କଭଳି ପ୍ରିୟ ଅଟ । ରାମାୟଣରେ ବର୍ଣ୍ଣନା ଆସେ କି ଭରତଜୀ ଦିନରାତି ଶ୍ରୀରାମଙ୍କ ସ୍ମରଣ କରୁଥିଲେ ଏବଂ ପ୍ରଭୁ ଶ୍ରୀରାମ ମଧ୍ୟ ସେହିପରି ସର୍ବଦା ଭରତଙ୍କୁ ତଥା ଅନ୍ୟ ଭକ୍ତମାନଙ୍କର ସ୍ମରଣ କରିଥାନ୍ତି ।

"ସହସ ବଦନ ତୁହ୍ମରୋ ଜସ ଗାୱୈ" – ସହସ୍ର ମୁଖ ଥିବା ଶେଷ ଭଗବାନ୍ ମଧ୍ୟ ତୁମର ଯଶ ଗାଇଥାନ୍ତି । ଏଭଳି କହି ଲକ୍ଷ୍ମୀପତି ଭଗବାନ୍ ଶ୍ରୀରାମ ହନୁମାନଙ୍କୁ ନିଜର ଗଳାରେ ଲଗାଇଥିଲେ । ଏହି ହଜାର ଫଣା ଥିବା ଅନନ୍ତ ବା ଶେଷ ନାଗ ହେଉଛନ୍ତି – 'ସ୍ୱୟଂ ଲକ୍ଷ୍ମଣଜୀ ।' ସେ ଥିଲେ ଶେଷାବତାର, ଯିଏ କି ହନୁମାନଙ୍କର ମଧ୍ୟ ଯଶଗାନ କରନ୍ତି । ଭରତଜୀ ମଧ୍ୟ ହନୁମାନଙ୍କ ସ୍ତୁତି ଗାଇଛନ୍ତି , ଆଗକୁ କୁହାଯିବ କି ଅନ୍ୟ ଋଷି-ମୁନିମାନେ ତାଙ୍କର ଯଶ ନିରନ୍ତର ଗାନ କରନ୍ତି ଏଭଳି ହନୁମାନଙ୍କର ନିର୍ମଳ ଯଶ । ଏହି ଉକ୍ତିର ଅନ୍ୟ ଏକ ଅର୍ଥ ହୋଇପାରେ କି, "ହଜାର ମୁଖରେ ଯଦି ତୁମର ମୁଁ ଯଶ ଗାଏ,

ତେବେ ମଧ୍ୟ ତାହା ପୂରା ହେବ ନାହିଁ," "ଅସ କହି ଶ୍ରୀପତି କଣ୍ଠ ଲଗାୱେଁ'- ଏଭଳି କହି ଶ୍ରୀରାମପ୍ରଭୁ ହନୁମାନଙ୍କୁ ହୃଦୟରେ ଲଗାଇଲେ । ଭଗବାନ୍ ସ୍ୱୟଂ କହିଛନ୍ତି - "ମଦ୍ଭକ୍ତାଃ ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି ନାରଦ'-ନାରଦଙ୍କୁ ଭଗବାନ୍ କହିଲେ ଯେ, "ମୁଁ ବୈକୁଣ୍ଠରେ ଅଥବା ଯୋଗୀମାନଙ୍କର ହୃଦୟରେ ରହେ ନାହିଁ, ବରଂ ମୋର ଭକ୍ତମାନେ ଯେଉଁଠି ମୋର କୀର୍ତ୍ତନ କରନ୍ତି, ମୁଁ ସେଠାରେ ସର୍ବଦା ତାଙ୍କ ହୃଦୟରେ ରହେ ।" ହନୁମାନଙ୍କ ଯଶ ଅନ୍ୟ କେଉଁମାନେ ଗାନ କରନ୍ତି ? ସନକାଦିକ ବ୍ରହ୍ମାଦି ମୁନୀସା"- ସନକ, ସନନ୍ଦନ, ସନାତନ ଓ ସନତ୍କୁମାର ଆଦି ଚାରି ବ୍ରହ୍ମକୁମାରମାନେ, ସ୍ୱୟଂ ବ୍ରହ୍ମାଜୀ ଏବଂ ଅନ୍ୟ ଦେବଗଣ, ବଡ଼ ମୁନି-ଋଷିମାନେ ଯେଭଳି ବାଲ୍ମୀକି, ଦେବର୍ଷି ନାରଦ, ସରସ୍ୱତୀଜୀଙ୍କ ସହିତ ଶେଷ ଭଗବାନ୍, ଯମ, କୁବେର ଏବଂ ଦଶ ଦିଗ୍‌ପାଳଙ୍କ ସହିତ ଲୌକିକ କବିମାନେ, କୋବିଦ ଅର୍ଥାତ୍ ପଣ୍ଡିତ-ଜ୍ଞାନୀମାନେଏସବୁ ମିଶି ସର୍ବଦା ହନୁମାନଙ୍କର ଯଶଗାନ କରନ୍ତି ।

'ତୁମ ଉପକାର ସୁଗ୍ରୀବହିଁ କୀହ୍ନା'- ସୁଗ୍ରୀବହାଁ ହନୁମାନଙ୍କର ରାଜା ଥିଲେ । ତେଣୁ ସେ ତାଙ୍କର ବଡ଼ ଉପକାର କଲେ । କିପରି ଉପରାର ? 'ରାମ ମିଲାୟ ରାଜପଦ ଦୀହ୍ନା'- ଶ୍ରୀରାମ ପ୍ରଭୁଙ୍କ ସହିତ ତାଙ୍କର ପରିଚୟ (ମିଳନ) କରାଇବା ପରେ ତାଙ୍କୁ ପ୍ରଭୁ ରାଜାପଦରେ ଅଭିଷିକ୍ତ କରାଇଥିଲେ ଏବଂ ନିର୍ଭୟ ପ୍ରଦାନ କରିଥିଲେ । ସୁଗ୍ରୀବ ତାଙ୍କର ବଡ଼ ଭାଇ ବାନରରାଜା ବାଳୀଙ୍କ ଭୟରେଏଣେ ତେଣେ ବୁଲୁଥିଲେ, ଅତ୍ୟନ୍ତ ଦୁଃଖୀ ହୋଇଯାଇଥିଲେ ।ଏପରି ବାଳୀ ସୁଗ୍ରୀବର ପତ୍ନୀକୁ ହରଣ କରିନେଇ ନିଜପାଖରେ ରଖିଥିଲା । ବାଳୀ, ସୁଗ୍ରୀବକୁ କେବଳ ରାଜ୍ୟରୁ ବାହାର କରିଦେଇ ନଥିଲା, ବରଂ ତାକୁ ମାରିବା ପାଇଁ ସର୍ବଦା ତାଙ୍କ ପଛରେ ପଡ଼ିଥିଲା । ବେଳେ ବେଳେ ଷଡ଼ଯନ୍ତ୍ର କରି ଅନ୍ୟମାନଙ୍କ ଦ୍ୱାରା ମାରିବାକୁ ମଧ୍ୟ ଚେଷ୍ଟା କରୁଥିଲା । ଏହାର ଅର୍ଥ ହେଉଛି, ଆମର କର୍ମ ସର୍ବଦା ଫଳ ଦେବାଲାଗି ଆମର ପିଛା କରିଥାଏ ।ଆମେ ସେଥିରୁ (ଭୋଗରୁ) ନିଜକୁ ରକ୍ଷା କରିପାରିବା ନାହିଁ । ଆମେ

ଯେମିତି କର୍ମ କରିବା, ସେହି ଅନୁରୂପ ଆମେ ନିଶ୍ଚିତ ଫଳ ପାଇବା, ତାହା ଦୃଷ୍ଟ ହେଉ ବା ଅଦୃଷ୍ଟ । ତେବେ ଆମେ ସେହି ଫଳ ଭୋଗରୁ ବା ବନ୍ଧନରୁ-(ଆସକ୍ତି) କିପରି ମୁକ୍ତ ହେବା, ତା'ର ଉପାୟ କ'ଣ ? ବେଦାନ୍ତ ଭାଷାରେ କହିଲେ - "କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ' (ମୁ.ଉପ.-୨.୨.୮) ଅର୍ଥାତ୍, ଯେତେବେଳେ ପରମାତ୍ମାଙ୍କର ଦର୍ଶନ ହୁଏ, ତା'ପରେ ସାରା କର୍ମ କ୍ଷୟହୋଇ ଯାଏ । ଅତଏବ, ସୁଗ୍ରୀବଙ୍କୁ ରାଜପଦ ଦେବାର ତାତ୍ପର୍ଯ୍ୟ ବାସ୍ତବିକ ଅର୍ଥ ଏହିକି ଜୀବକୁ ତା'ର ସମସ୍ତ ବନ୍ଧନଗୁଡ଼ିକରୁ ମୁକ୍ତ କରାଇ ସର୍ବୋଚ୍ଚ ରାଜପଦ, କିଷ୍କିନ୍ଧାର ରାଜ୍ୟ ଦେଲେ । ଏଠାରେ କିଷ୍କନ୍ଧା'ର ଅର୍ଥନିଜ ସ୍ୱରୂପକୁ ପ୍ରାପ୍ତ କରାଇଥିଲେ । ରାମାୟଣରେ ବର୍ଣ୍ଣନା ମିଳେ କି ଯେତେବେଳେ ଶ୍ରୀରାମଙ୍କ ଉପରେ ସୁଗ୍ରୀବର ପୂର୍ଣ୍ଣ ବିଶ୍ୱାସ ହୋଇଗଲା । ସେତେବେଳେ ତାଙ୍କର ମନରେ ଜ୍ଞାନ ଓ ଭକ୍ତି ଉଦୟ ହେଲା । ସେ ଶ୍ରୀରାମଙ୍କୁ କହିଲେ କି ବର୍ତ୍ତମାନ ବାଳୀ ମଧ୍ୟ ମୋତେ ଶତ୍ରୁରୂପେ ଦେଖାଯାଉ ନାହିଁ, ସେ ମୋତେ ମିତ୍ରଭଳି ଜଣାପଡୁଛି ।କାରଣ, ତା'ଯୋଗୁଁ ମୋତେ ଆପଣଙ୍କର ଦର୍ଶନ ମିଳିଲା, ଆପଣଙ୍କ ସହିତ ମୋର ମିଳନ ହେଲା (ନର ଓ ବାନରଙ୍କର ଅପୂର୍ବ ମିଳନ, ମିତ୍ରତା) । ବର୍ତ୍ତମାନ ମୁଁ ସବୁକିଛି ଛାଡ଼ି ଆପଣଙ୍କ ଚରଣ ସେବା କରିବାକୁ ଚାହୁଁଛି, ମୋତେ ଆଉକିଛି ଆବଶ୍ୟକ ନାହିଁ ବା ମୋର ଅନ୍ୟ କୌଣସି ଇଚ୍ଛା ନାହିଁ । ଏହି ପ୍ରକାର ହନୁମାନଜୀ ଯେଭଳି ସୁଗ୍ରୀବଙ୍କୁ ଶ୍ରୀରାମଙ୍କ ସହିତ ସାକ୍ଷାତ୍କାର କରାଇଲେ, ରାଜପଦ ପ୍ରଦାନ କରାଇଲେ - ଏହାର ତାତ୍ପର୍ଯ୍ୟ ବଡ଼ ଗମ୍ଭୀର । ସେ ସୁଗ୍ରୀବରୂପୀ ଜୀବକୁ କର୍ମବନ୍ଧନରୁ ଅଥବା ଫଳଭୋଗଜନ୍ୟ ଆସକ୍ତିରୁ ଛଡ଼ାଇ ଦେଲେ, ଅସଙ୍ଗ କରାଇଥିଲେ ।

କିଷ୍କିନ୍ଧା କାଣ୍ଡରେ ଏହି ପ୍ରସଙ୍ଗ ଆସେ ଯେ, ହନୁମାନ ଯେତେବେଳେ ପ୍ରଥମଥର ତାଙ୍କର ଶ୍ରୀରାମଙ୍କ ସହିତ ପରିଚୟ ହେଲା, ସେତେବେଳେ ଶ୍ରୀରାମ ଏତେ ପ୍ରସନ୍ନ ହୋଇଗଲେ କି ଲକ୍ଷ୍ମଣଙ୍କ ସମ୍ମୁଖରେ ହିଁ ସେ ହନୁମାନଙ୍କୁ କହିଲେ, "ତୁମେ ମୋତେ ଲକ୍ଷ୍ମଣଠାରୁ ଦୁଇଗୁଣ ପ୍ରିୟ' ।

ଏହାର ଅଭିପ୍ରାୟ ହେଉଛି କି ଲକ୍ଷ୍ମଣ ରାମଙ୍କର ସେବା କରୁଥିଲେ। କିନ୍ତୁ ହନୁମାନ୍ ଏଭଳି ସେବକ ଥିଲେ, ଯିଏ କି ପ୍ରଭୁ ଶ୍ରୀରାମ ଏବଂ ତାଙ୍କର ପ୍ରିୟ ସେବକ ଅନୁଜ ଲକ୍ଷ୍ମଣଙ୍କ ସହିତ ମଧ୍ୟ ମାତା-ସୀତାଙ୍କର ସେବା କରିଥିଲେ। ତାଙ୍କ ମନରେ ରାଗ-ଦ୍ୱେଷ ବା କାମ-କ୍ରୋଧ ନଥିଲା। ସେ ନିଷ୍କପଟ ସେବା କରୁଥିଲେ। କେବଳ ରାମଙ୍କୁ ସେ ତାଙ୍କର କାନ୍ଧଉପରେ ବସାଇ ନ ଥିଲେ , ଲକ୍ଷ୍ମଣଙ୍କୁ ମଧ୍ୟ କାନ୍ଧ ଉପରେ ବସାଇଥିଲେ। ଏହି ହେତୁ ଭଗବାନ୍ କହିଛନ୍ତି, "ମୋତେ ସେହି ଭକ୍ତ ଅତ୍ୟନ୍ତ ପ୍ରିୟ ଯିଏ ମୋର ସେବା କରିବା ସହିତ ମୋ' ଭକ୍ତ ମାନଙ୍କର ମଧ୍ୟ ସେବା କରିବାକୁ କୁଣ୍ଠିତ ହୁଏ ନାହିଁ"। ଅନ୍ୟ ପକ୍ଷରେ ଲକ୍ଷ୍ମଣ ଭଗବାନ୍‌ଙ୍କର ସ୍ୱୟଂ ଭକ୍ତ ବା ସେବକ ଥିଲେ ମଧ୍ୟ ଅନ୍ୟମାନଙ୍କୁ ଆଣି ରାମଙ୍କର ସେବାରେ ଲଗାଉ ନ ଥିଲେ। କିନ୍ତୁ ହନୁମାନଙ୍କର ଏହା ଏକ ବିଶେଷ ଗୁଣ ଥିଲା ଯେ, ସେ ନିଜେ ପ୍ରଭୁଭକ୍ତ ହୋଇ ଅନ୍ୟମାନଙ୍କୁ ଆଣି ଭଗବାନ୍‌ଙ୍କର ଭକ୍ତ କରିଦେଉଥିଲେ।

ଶାସ୍ତ୍ରରେ କୁହାଯାଇଛି କି ଦୁନିଆଁରେ ସବୁଠାରୁ ବଡ଼ ଦାନ ହେଲା "ଅଭୟଦାନ'। ବ୍ୟକ୍ତି ପାଖରେ ଖାଇବା-ପିଇବାକୁ ଖୁବ୍ ଥିଲେ ମଧ୍ୟ ତାକୁ ଯଦି ମୃତ୍ୟୁ ଅଥବା ଅନ୍ୟ କୌଣସିର ଭୟ ଲାଗି ରହେ, ତେବେ ତା'ପାଇଁ ଧନ-ସମ୍ପତ୍ତିର କୌଣସି ଯଥାର୍ଥତା ରହେ ନାହିଁ। ସେସବୁ ତାକୁ ସୁଖ-ଶାନ୍ତି ଦେବାକୁ ଅସମର୍ଥ। ଯେଉଁ ଦାନ ଆମକୁ ସବୁ ଭୟରୁ ବିଶେଷକରି ମୃତ୍ୟୁ-ଭୟରୁ ମୁକ୍ତ କରିଦିଏ, ତାହା ସବୁଠାରୁ ବଡ଼ ଦାନ। 'ଶ୍ରୀରାମଙ୍କ ସହିତ ମିଳାଇ ସୁଗ୍ରୀବଙ୍କୁ ହନୁମାନଜୀ ଅଭୟ କରିଦେଲେ। ଭଗବାନ୍ କହିଲେ - 'ଅଭୟ ସର୍ବଭୂତେଭ୍ୟଃ ଦଦାମି ଏତଦବ୍ରତଂମମ ମୋର ଏହା ବ୍ରତ (ନିଶ୍ଚୟ)କି ଯିଏ ମୋର ଶରଣରେ ଆସେ, ଥରେ ମାତ୍ର ଆସି ମୋତେ କହେ କି "ମୁଁ ତୁମର'। ତାକୁ ମୁଁ ସମସ୍ତ ଭୟରୁ ମୁକ୍ତ କରିଦିଏ। ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି - "ମୁଁ ତାକୁ ସମସ୍ତ ପାପରୁ ମୁକ୍ତ କରିଦିଏ। ଅର୍ଥାତ୍ ଆମେ ଯେତେବେଳେ ପାପକର୍ମ ବା ଭୁଲ୍, କୁକର୍ମ କରୁ, ସେତେବେଳେ ଆମକୁ ଭୟ ଲାଗେ। ଏଥିଲାଗି ଭୟ ଓ ପାପ-

ଏହି ଉଭୟ ଅଲଗା ନୁହେଁ । ଏହି ଦୃଷ୍ଟିରେ ପାପ ଓ ଭୟରୁ – ମୁକ୍ତ ହେବା ଉଭୟ ଏକାର୍ଥବୋଧକ । ଯିଏ ଆମକୁ ଭଗବାନଙ୍କ ସହିତ ମିଳାଇଦିଏ, ତା'ଠାରୁ ବଡ଼ ଉପକାର ଆଉ କିଏ କରିପାରେ ?

"ତୁହ୍ମରୋ ମନ୍ତ୍ର ବିଭୀଷନ ମାନା' – ସାରା ଜଗତ ଜାଣେ କି ହନୁମାନ ଯେଉଁଭଳି ମନ୍ତ୍ରଣା ବା ଉପଦେଶ ବିଭୀଷଣଙ୍କୁ ଦେଇଥିଲେ, ସେସବୁକୁ ସେ ଶ୍ରଦ୍ଧାପୂର୍ବକ ମାନିନେଇଥିଲେ । ତେଣୁ ସେ 'ଲଂକେଶ୍ୱର ଭଏ' – ଲଙ୍କେଶ୍ୱର ହୋଇଗଲେ, ଲଙ୍କାର ଅଧିପତି ହୋଇଗଲେ । ବିଭୀଷଣ ପୂର୍ବରୁ ମଧ୍ୟ ଶ୍ରୀରାମ ପ୍ରଭୁଙ୍କ ଭକ୍ତ ଥିଲେ, ତାଙ୍କରନାମ ସର୍ବଦା ସ୍ମରଣ କରୁଥିଲେ । ତଥାପି ଶ୍ରୀରାମଙ୍କ ନିକଟକୁ ଯିବାକୁ ତାଙ୍କର ସାହସ ନଥିଲା କାରଣ, ସେ ମହା ଅତ୍ୟାଚାରୀ, ଦୁରାଚାରୀ ରାକ୍ଷସ ରାବଣର ସାନଭାଇ ଥିଲେ । ଲଙ୍କା ଛାଡ଼ି ଚାଲିଯିବାକୁ ରାବଣ ତାଙ୍କୁ ଅବସର ଦେଉ ନଥିଲା । ପୁନଃ ସେ ନିଜକୁ ନିଜେ ଭାବୁଥିଲେ କି "ମୁଁ କୌଣସି ବଡ଼ଭକ୍ତ ଅଥବା ସେବା ପ୍ରଭୁଙ୍କର କରିନାହିଁ ତେଣୁ ମୁଁ ଯଦି ପ୍ରଭୁଙ୍କ ପାଖକୁ ଯିବି, ହୁଏତ ସେ ମୋତେ ନିଜର ବୋଲି ଭାବି ନ ପାରନ୍ତି ? ବେଳେ ବେଳେ ବେଳେ ତାଙ୍କୁ ନିଜର ହୀନତା ଦେଖି ମଧ୍ୟ ମନରେ ଶଙ୍କା ହେଉଥିଲା ।

ସୁନ୍ଦର କାଣ୍ଡରେ ଏକ ପ୍ରସଙ୍ଗ ଆସେକି, ଯେତେବେଳେ ବିଭୀଷଣ ଓ ହନୁମାନଙ୍କ ମିଳନ ହେଲା, ସେତେବେଳେ ବିଭୀଷଣଙ୍କ ମନରେ ଶଙ୍କା ହେଲା କି ଯଦି ମୁଁ ଶ୍ରୀରାମଙ୍କ ପାଖକୁ ଯିବି, ତେବେ ସେ କ'ଣ ମୋତେ ନିଜପାଖରେ ସ୍ଥାନ ଦେବେ ? ତେଣୁ ହନୁମାନ ତାଙ୍କୁ କହିଲେ – "ମୋ' ଭଳି ବାନରକୁ ଯାହାର ନାମ ସକାଳୁ ସ୍ମରଣ କଲେ ଦିନସାରା ଖାଇବାକୁ ମିଳେ ନାହିଁ (ପ୍ରାତ ଲେଇ ଜୋ ନାମ ହମାରା) ତାକୁ ମଧ୍ୟ ଭଗବାନ୍ ଗ୍ରହଣ କରିଛନ୍ତି । ଅତଏବ, ତୁମକୁ କାହିଁକି ଗ୍ରହଣ ନ କରିବେ । ତୁମେ ବହୁତ ଶ୍ରେଷ୍ଠ । ଏହିପରି ହନୁମାନଜୀ ବିଭୀଷଣଙ୍କୁ ବିଶ୍ୱାସ ଦେବାରୁ ସେ ଶ୍ରୀରାମଙ୍କ ଶରଣରେ ଯାଇଥିଲେ ଏବଂ ପ୍ରଭୁଙ୍କୁ କହିଲେ–

"ଶ୍ରବଣ ସୁଜସୁ ସୁନି ଆୟଉଁ, ପ୍ରଭୁ ଭଂଜନ ଭବ ଭୀର ।

ତ୍ରାହି ତ୍ରାହି ଆରତି ହରନ, ସରନ ସୁଖଦ ରଘୁବୀର ॥"

ପ୍ରଥମେ ବିଭୀଷଣ ଶ୍ରୀରାମଙ୍କ ଦର୍ଶନରେ କହୁଛନ୍ତି - "ଶ୍ରବଣ ସୁଜସୁ ସୁନି ଆୟଉଁ" - ଭଗବାନ୍ ମୁଁ ଆପଣଙ୍କର ବହୁତ ସୁଯଶ ଶୁଣିଛି, ତା'ପରେ ତୁମ ପାଖକୁ ଆସିଛି । କି ଯଶ ମୁଁ ଶୁଣିଛି ? ମେଁ ହରି ପତିତପାବନ ସୁନେ' - ମୁଁ ଶୁଣିଛି ଯେ, "ଆପଣ ପତିତପାବନ ଏବଂ ଆପଣଙ୍କର ବ୍ରତ ହେଉଛି କି ଯିଏ କେହି ଆପଣଙ୍କ ଶରଣରେ ଆସିବ, ଆପଣ ତାକୁ ମୁକ୍ତ କରି ଅଭୟପଦ ପ୍ରଦାନ କରିବେ ।" "ପ୍ରଭୁ ଭଂଜନ ଭବ ଭୀର' - ଆପଣ ସଂସାର ଭୟରୁ ମୁକ୍ତ କରିଦିଅନ୍ତି । ତେଣୁ ତ୍ରାହି ତ୍ରାହି ଆରତି ହରନ'- ଆପଣ ମୋର ରକ୍ଷା କରନ୍ତୁ! ମୋର ଦୁଃଖ ଦୂର କରନ୍ତୁ !' 'ସରନ ସୁଖଦ ରଘୁବୀର'- ଆପଣ ହେଉଛନ୍ତି ଦୟାବୀର ଯିଏ କେହି ଆପଣଙ୍କ ଶରଣରେ ଆସେ ଆପଣ ତା'ର ସମସ୍ତ ଦୁଃଖ ଦୂର କରି ନିଜ ସୁଖ ପ୍ରଦାନ କରନ୍ତି । ବିଭୀଷଣଙ୍କ ଦୀନବଚନ ଶ୍ରୀରାମପ୍ରଭୁଙ୍କୁ ଖୁବ୍ ଭଲ ଲାଗିଲା ।ସେ ବିଭୀଷଣଙ୍କୁ ନିଜ ପାଖରେ ବସାଇଲେ ଏବଂ ନିଜ ଭାଇ ରୂପେ ସ୍ୱୀକାର କଲେ । ତା'ପରେ ପ୍ରଭୁ ଶ୍ରୀରାମ ଅଙ୍ଗଦାଦିଙ୍କୁ ନିର୍ଦ୍ଦେଶ ଦେଲେ କି ସମୁଦ୍ରରୁ ଜଳ ଆଣି ଆସ, ବିଭୀଷଣଙ୍କୁ ଲଙ୍କାର ରାଜା ଘୋଷିତ କରିବି ।' ତେଣୁ ଲୌକିକ ଦୃଷ୍ଟିରେ ସେ ଲଙ୍କାର ରାଜା ହୋଇଗଲେ ଏବଂ ସୁଗ୍ରୀବ କିଷ୍କିନ୍ଧାର ରାଜା ମଧ୍ୟ ହେଲେ । ବାସ୍ତବରେ ସେହି ଦୁଇଜଣଙ୍କୁ ଭଗବାନ୍ଙ୍କର ଭକ୍ତି ପ୍ରାପ୍ତ ହୋଇଥିଲା, ସେମାନେ ତତ୍କାଳ ଭୟରୁ ମୁକ୍ତ ହୋଇଗଲେ ।

"ଜୁଗ ସହସ୍ର ଜୋଜନ ପର ଭାନୂ । ଲୀଲ୍ୟୋ ତାହି ମଧୁର ଫଲ ଜାନୂ ॥"

ହନୁମାନଙ୍କର ମହିମା ଅତୁଳନୀୟ । ତାଙ୍କର ଜନ୍ମ ହେବା ମାତ୍ରେ ସେ ମହାକାଶର ଉଦୟକାଳୀନ ସୂର୍ଯ୍ୟଙ୍କୁ ଦେଖି, ତାକୁ ପାଚିଲା ଫଳ ଭାବି ଆକାଶକୁ ଡ଼େଇଁ ଗିଳିବାକୁ ଲାଗିଲେ । "ମଧୁର ଫଳ ଜାନୂ'। ଏଥିରେ ଆଶ୍ଚର୍ଯ୍ୟ

ହେବାର କୌଣସି କାରଣ ନାହିଁ । ଯେହେତୁ ହନୁମାନ ବାୟୁପୁତ୍ର (ପବନସୁତ) ଥିଲେ, ତେଣୁ ତାଙ୍କ ପାଇଁ କିଛି ଅସମ୍ଭବ ନୁହେଁ । ସେ ସଂକଳ୍ପ ମାତ୍ରେ ଯେକୌଣସି ସ୍ଥାନରେ ପହଞ୍ଚିଯିବା ପାରିବେ । ଯେଭଳି ବାୟୁର ଅବାଧ ଗତି । ତାଙ୍କୁ କୌଣସି ସ୍ଥାନରେ ପହଞ୍ଚିବା ପାଇଁ ସମୟ ଲାଗେ ନାହିଁ । ବାୟୁଦେବତା ତାଙ୍କର ନିଜସ୍ୱ ଗୁଣ ହନୁମାନଙ୍କୁ ଦେଇଥିଲେ । ଅନ୍ୟ ଏକ ଅର୍ଥହୋଇ ପାରେ କି ଛୋଟ ଛୋଟ ପିଲାମାନେ ସର୍ବଦା ଉଚ୍ଚରେ ଥିବା ବସ୍ତୁକୁ ପାଇବାକୁ ଜିଦ୍ କରନ୍ତି । ଯେପରିକି ଛୋଟ ପିଲାମାନେ 'ଡ଼ଲାର' କ'ଣ ଜାଣିବାକୁ ପଚାରନ୍ତି ନାହିଁ କି ଡଲାର ଆବଶ୍ୟକ କହନ୍ତି ନାହିଁ । କିନ୍ତୁ ସେମାନେ ସୂର୍ଯ୍ୟ, ଚନ୍ଦ୍ର, ତାରକା ଇତ୍ୟାଦିକୁ ଦେଖି ତାକୁ ପାଇବାକୁ ଇଚ୍ଛାକରନ୍ତି । ଏହିପରି ଶ୍ରୀରାମଙ୍କ ଅଥବା ଶ୍ରୀକୃଷ୍ଣ ଭଗବାନ୍‌ଙ୍କ ବାଲ୍ୟଲୀଳା ଦେଖିଲେ, ଅଥବା ଅନ୍ୟ ସାମାନ୍ୟ ବାଳକଙ୍କୁ ଦେଖିଲେ ଜଣାଯାଏ କି ସମସ୍ତେ "ଜହ୍ନ ମାମୁଁଙ୍କୁ ପାଇବାକୁ ଇଚ୍ଛା କରିଥିଲେ । ଅର୍ଥାତ୍, ଉଚ୍ଚ ଜ୍ଞାନ ସମ୍ବନ୍ଧରେ ଜାଣିବାକୁ ଚାହାଁନ୍ତି । ଆମେ ସେମାନଙ୍କୁ ଭୁଲାଇ ଦେଉ । କାରଣ, ସେ ସମ୍ବନ୍ଧୀୟ ଜ୍ଞାନ ଆମର ନଥାଏ, ଯାହାକୁ ସେମାନେ ଚାହାଁନ୍ତି । ଆମେ ସେମାନଙ୍କ ଉଚ୍ଚ ଇଚ୍ଛା ଓ ଉତ୍କୃଷ୍ଟ ଜିଜ୍ଞାସାକୁ ଦବାଇ ଦେଉ ଏବଂ ସେମାନଙ୍କୁ ଖେଳନା ଦେଇ ତାଙ୍କର ମନ ଭୁଲାଇ ସେତିକିରେ ସୀମିତ ରହିବାକୁ ଚେଷ୍ଟାକରୁ ।

ହନୁମାନଜୀ ଯେତେବେଳେ ସୂର୍ଯ୍ୟଙ୍କ ପାଖରେ ପହଞ୍ଚିଗଲେ, ସେତେବେଳେ ଦେବରାଜ ଇନ୍ଦ୍ର ଏବଂ ତାଙ୍କର ଅନ୍ୟ ପାର୍ଷଦ ଦେବଗଣମାନଙ୍କୁ ଠିକ ଲାଗିଲା ନାହିଁ । ତେଣୁ ସେମାନେ ବଜ୍ରାଘାତ କରି ହନୁମାନଙ୍କୁ ତଳକୁ (ପୃଥିବୀ) ଉପରେ ପକାଇଦେଲେ । ଏହି ଛୋଟ ପିଲାମାନେ ଯେବେ ବଡ ବଡ଼ ପ୍ରଶ୍ନ ପଚାରନ୍ତି, ତାଙ୍କ ମନ ଭୁଲାଇବା ପାଇଁ ଆମେ କହୁ କି 'ତୁ ବଡ ହୋଇଗଲେ ନିଜେ ଏହାର ଉତ୍ତର ପାଇଯିବୁ ।' ସ୍ୱତଃ କିପରି ସମାଧାନ ବା ଉତ୍ତର ମିଳିଯିବ ? ଆମେ ଆମର ଅଜ୍ଞାନକୁ ଗୁପ୍ତ ରଖିବାକୁ ପିଲାମାନଙ୍କୁ ଭୟ ଦେଖାଇ ଚୁପ୍ କରିଦେଉ । ବିଚରା ପିଲା ବା କ'ଣ କରିପାରିବ ? ସେ ମଧ୍ୟ ଡ଼ରରେ ମୁହଁ

ଫୁଲାଇ ବସିରହେ । ଏଥିଲାଗି ହନୁମାନଜୀଙ୍କ ମୁହଁ ଫୁଲିଯାଇଛି । ଏହାର ଅଭିପ୍ରାୟ ହେଉଛି – ବାଲ୍ୟାବସ୍ଥାରୁ ତାଙ୍କ ଭିତରେ ଜ୍ଞାନପ୍ରାପ୍ତିର ଜିଜ୍ଞାସା ଥିଲା ଏବଂ ଶରୀରରେ ଅମାପ ଶକ୍ତି ମଧ୍ୟ ଥିଲା । "ବୁଦ୍ଧିମତାମ୍ ବରିଷ୍ଠଃ' – ସେ ସମସ୍ତ ବୁଦ୍ଧିମାନ୍ଙ୍କ ମଧ୍ୟରେ ବରିଷ୍ଠ, ଶ୍ରେଷ୍ଠ ଅଟନ୍ତି । ଗୋସ୍ୱାମୀଜୀ ଆଗକୁ କହୁଛନ୍ତି –

ପ୍ରଭୁ ମୁଦ୍ରିକା ମେଲି ମୁଖ ମାହୀଁ । ଜଳଧି ଲଂଘି ଗୟେ ଅଚରଜ ନାହୀଁ ॥

ଦୁର୍ଗମ କାଜ ଜଗତ କେ ଯେତେ । ସୁଗମ ଅନୁଗ୍ରହ ତୁହ୍ମରେ ତେତେ ॥

ରାମ ଦୁଆରେ ତୁମ ରଖୱାରେ । ହୋତ ନ ଆଜ୍ଞା ବିନୁ ପୈସାରେ ॥

ସବ ସୁଖ ଲହୈ ତୁହ୍ମାରୀ ସରନା । ତୁମ ରକ୍ଷକ କାହୁକୋ ଡ଼ରନା ॥

ଭୂତ ପିସାଚ ନିକଟ ନହିଁ ଆୱେ । ମହାବୀର ଜବ ନାମ ସୁନାୱେ ॥

"ପ୍ରଭୁ ମୁଦ୍ରିକା ମେଲି ମୁଖ ମାହୀଁ" – ଏହି ପ୍ରସଙ୍ଗକୁ ଗୋସ୍ୱାମୀଜୀ ସୁନ୍ଦର କାଣ୍ଡରେ ବର୍ଣ୍ଣନା କରିଛନ୍ତି । ଯେତେବେଳେ ପ୍ରଭୁ ଶ୍ରୀରାମ ସୁଗ୍ରୀବଙ୍କ ସହିତ ମିତ୍ରତା କଲେ ଏବଂ ସୀତାଙ୍କ ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ତାଙ୍କର ଅନୁଚର ବାନରଙ୍କୁ ସବୁ ଦିଗରେ ପ୍ରେରଣ କରିବାକୁ ନିର୍ଦ୍ଦେଶ କଲେ । ସେତେବେଳେ ସୁଗ୍ରୀବ ଅନେକ ବାନରଙ୍କୁ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗରେ ପଠାଇଥିଲେ । ଯେଉଁମାନେ ପୂର୍ବ, ପଶ୍ଚିମ ଓ ଉତ୍ତର ଦିଗରେ ଯାଇଥିଲେ ସେମାନେ ଏକ ମାସ ପରେ ନିରାଶ ହୋଇ ଫେରିଆସିଲେ । କିନ୍ତୁ ଜାମବନ୍ତ, ଅଙ୍ଗଦ, ନଳ, ନୀଳ – ଏସବୁ ସୀତାଙ୍କ ଅନ୍ୱେଷଣରେ ଦକ୍ଷିଣ ଦିଗକୁ ଯାଇଥିଲେ । ଖୋଜି ଖୋଜି ସେମାନେ ସମୁଦ୍ରତଟରେ ପହଞ୍ଚିଗଲେ । ସେଠାରେ ତାଙ୍କ ସମ୍ମୁଖରେ ଆଠଶହ ମାଇଲ୍ ଦୂରତାର ବିସ୍ତାର ସମୁଦ୍ର ଥିଲା, ଯାହକୁ ପାର କରିବା ଅସମ୍ଭବ ବୋଧ ହେଲା । କାରଣ, ତା'ର ଆର ପାରିରେ ଲଙ୍କାନଗରୀ, ଯେଉଁଠି ମାତା – ସୀତାଙ୍କୁ ରାବଣ ତା'ର ସେହି ନଗରୀରେ ଥିବା ଅଶୋକ – ବାଟିକାରେ ବନ୍ଦୀକରି ରଖିଥିଲା ।

ଲୀଳା, ଦୃଷ୍ଟିରେ ସୀତାଜୀ ଶ୍ରୀରାମଙ୍କ ଧର୍ମପତ୍ନୀ ଥିଲେ । କିନ୍ତୁ ତାଙ୍କୁ ବନବାସକାଳରେ- "ଦଶାନନୋ ଅହରତ୍ ସୀତାମ୍' ରାବଣ, ଛଳ ପୂର୍ବକ ପଞ୍ଚବଟୀ- ଆଶ୍ରମରୁ, ଗୋଦାବରୀ ନଦୀତଟରୁ ଅପହରଣ କରି ନେଇ ଯାଇଥିଲା ।କେବଳ ଏତିକି ନୁହେଁ, ସେ ମଧ୍ୟ ସୀତାଙ୍କୁ ରାକ୍ଷସୀମାନଙ୍କ ଦ୍ୱାରା ଭୟଭୀତ କରାଇ ତାଙ୍କୁ ନିଜର ପତ୍ନୀରୂପେ ଗ୍ରହଣ କରିବାକୁ ବାରମ୍ବାର ଚେଷ୍ଟା କରୁଥିଲା ।ଏସବୁ ରାମାୟଣର ଲୀଳା ଚରିତ୍ର । କିନ୍ତୁ, ବାସ୍ତବରେ ସୀତା କିଏ ? ସୀତା ହେଉଛନ୍ତି – 'ଶାନ୍ତି ବା ଭକ୍ତି ସ୍ୱରୂପିଣୀ ।' ଏହି ଶାନ୍ତି ଓ ଭକ୍ତି କାହାର କବ୍‌ଜାକୁ ଚାଲିଗଲେ, କାହାଦ୍ୱାରା ବନ୍ଦୀହେଲେ ? 'ଦଶାନନ' – ରାବଣଦ୍ୱାରା କବଳିତ ହେଲେ । "ଦଶାନନର' ଅର୍ଥ ଯାହାର ଦଶଟି ମୁହଁ ଅଛି (ରାବଣ) ଏବଂ ମୁହଁ ବା ମୁଖ ହେଉଛି "ଭୋଗ'ର ପ୍ରତୀକ । ପାଞ୍ଚ-ଜ୍ଞାନେନ୍ଦ୍ରିୟଗୁଡ଼ିକ ଦ୍ୱାରା ଆମେ ପାଞ୍ଚ-ଭୌତିକ ବିଷୟଗୁଡ଼ିକୁ (ଶବ୍ଦ, ସ୍ପର୍ଶ,ରୂପ,ରସ ଓ ଗନ୍ଧ) ଜଗତକୁ ଭୋଗ କରୁ । ଏହିପରି ପାଞ୍ଚ-କର୍ମେନ୍ଦ୍ରିୟ, ଯଥା:- ହାତ, ପାଦ, ବାକ୍, ପାୟୁ ଓ ଉପସ୍ଥ ଦ୍ୱାରା ଯଥାକ୍ରମେ ଆମେ ବାହ୍ୟ ଜଗତରେ କର୍ମ କରୁ । ଯେପରିକି ଚଳନ-ଗମନ, ଦେବା-ନେବା, କଥା-ବାର୍ତ୍ତା କରିବା, ମଳ-ମୂତ୍ରାଦି ବିସର୍ଜନ କରିଥାଉ ।

ସୀତାମାତା ଯେପର୍ଯ୍ୟନ୍ତ ଶ୍ରୀରାମଙ୍କ ସହିତ ତାଙ୍କର ପାଖେ ପାଖେ ଥିଲେ ସେପର୍ଯ୍ୟନ୍ତ କୌଣସି ସମସ୍ୟା ଉତ୍ପନ୍ନ ହୋଇ ନ ଥିଲା, ଅଘଟଣ ଘଟି ନ ଥିଲା । ଯେତେବେଳେ ତାଙ୍କର ଧ୍ୟାନ ଶ୍ରୀରାମଙ୍କଠାରୁ ଅଲଗା ହୋଇ କାଞ୍ଚନ-ମୃଗ (ମାୟାମୃଗ) ଆଡ଼କୁ ଗଲା, ସେତେବେଳେ ସବୁପ୍ରକାର ବିଘ୍ନ-ସମସ୍ୟା ପ୍ରାରମ୍ଭ ହୋଇଥିଲା । ଅର୍ଥାତ୍, ଆମର ମନ ବହିର୍ମୁଖ ହେବାକ୍ଷଣି, ଈଶ୍ୱରଙ୍କୁ ଛାଡ଼ି ବିଷୟ ଆଡ଼କୁ ଆକର୍ଷିତ ହେଲେ, ଆମେ ରାବଣ (ଦଶାନନ)ର ଅଧୀନରେ ଆସିଯାଉ । ଅଥବା, ରାବଣ ଆମକୁ ଅପହରଣ କରିନେଲେ ଆମର ସମସ୍ତ ଶାନ୍ତି ଦୂର ହୋଇଯାଏ । ଆମେ ଦଶେନ୍ଦ୍ରିୟରୂପ (ଦଶାନନ) ଦ୍ୱାରା ବନ୍ଦୀ ହୋଇ ବିଷୟଭୋଗରୂପ ଲଙ୍କା ଭିତରେ ରହିଥାଉ ।

ଯେବେଠାରୁ ସୀତାଙ୍କ ମନରେ ସ୍ୱର୍ଣ୍ଣମୃଗକୁ ପାଇବାରୁ ଇଚ୍ଛା ହେଲା, ସେହି ସମୟରୁ ସମସ୍ୟା ପ୍ରାରମ୍ଭ ହେଲା । କିନ୍ତୁ ଲକ୍ଷ୍ମଣ କହିଲେ, "ମୁଁ ଏକ ଗାର ଟାଣି ଦେଉଛି, ଆପଣ ସେହି ଗାର ବାହାରୁକୁ ଯିବେ ନାହିଁ । ଏହାର ତାତ୍ପର୍ଯ୍ୟ ହେଉଛି-ଆମ ମନରେ ଯଦି କଦାପି କୌଣସି ଇଚ୍ଛା ଆସେ ତଥାପି ଆମର ସୁରକ୍ଷା ହୋଇପାରିବ, ଯଦି ସେତେବେଳେ ଆମେ ନିଜକୁ ସମ୍ଭାଳି, ନିୟନ୍ତ୍ରଣରେ ରଖି, ମର୍ଯ୍ୟାଦା ବା ସୀମାରୂପଗାର ଭିତରେ ରଖିପାରିବା, (ଲକ୍ଷ୍ମଣରେଖା) ଭିତରେ ନିଜକୁ ରଖିପାରିବା । କିନ୍ତୁ ଆମର ଭୋଗବୃତ୍ତି ପ୍ରବଳ ହୋଇ ଆମକୁ ବାରମ୍ବାର ସୀମା ବାହାରକୁ ଯିବା ପାଇଁ ପ୍ରେରିତ କରେ । ରାବଣ ମଧ୍ୟ ସୀତାମାତାଭକୁ ଏଭଳି କହିଥିଲେ ଯେ, "ଯଦି ତୁମେ ମୋତେ ଭୀକ୍ଷା ଦେବ, ତେବେ ଏହି ଗାର ବାହାରକୁ ଆସି ଦିଅ ।'' କାରଣ, ତାକୁ ଜଣାଥିଲା ଯେପର୍ଯ୍ୟନ୍ତ ସୀତା ଗାର ଭିତରେ ରହିଥିବେ, ସେପର୍ଯ୍ୟନ୍ତ ସେ ତାଙ୍କର କିଛି ଅନିଷ୍ଟ କରିପାରିବ ନାହିଁ । ଯେହେତୁ ସେହି ଗାର ବା ରେଖା ଲକ୍ଷ୍ମଣଙ୍କ ଦ୍ୱାରା ଟଣା ଯାଇଥିଲା ଏବଂ ଲକ୍ଷ୍ମଣଜୀ ଥିଲେ ବୈରାଗ୍ୟର ପ୍ରତୀକ । ଏହାର ତାତ୍ପର୍ଯ୍ୟ ଏତିକି ଯେ, ଯଦି ଆମେ ଆମର ଚତୁପାର୍ଶ୍ୱରେ ବୈରାଗ୍ୟର ପ୍ରତୀକ । ଏକ ନିଶ୍ଚିତ ସୀମା / ପରିଧି ତିଆରି କରି ରଖିଥିବ. ତେବେ ଭୋଗ ଆମକୁ ଗାର ବା ପରିସୀମା ବାହାରକୁ ଆସିବାକୁ ଯେତେ ବାଧ୍ୟକଲେ ମଧ୍ୟ ଆମେ ତା'ର କଥା ମାନିବା ନାହିଁ । ଯଦି ଏଭଳି ନ ହୁଏ, ତେବେ ଜୀବନରେ ପରମୁହର୍ତ୍ତରେ କେବଳ ଆମକୁ ଦୁଃଖ ଭୋଗିବାକୁ ପଡ଼ିବ ।

ଆମର ଶାନ୍ତି ଯଦି ଥରେ ମାତ୍ର ଭୋଗର ଅଧୀନତା ସ୍ୱୀକାର କରିଯାଏ, ତେବେ ତାକୁ ପୁନର୍ବାର ସେଥିରୁ ଫେରାଇ ଆଣିବା କଠିନ ହୋଇଥାଏ । କାରଣ, ମଝିରେ ପ୍ରତିବନ୍ଧକ ଆସିଯାଏ- 'ମୋହରୂପୀ ବିଶାଳ ସମୁଦ୍ର ।' ପୁନର୍ବାର ଜୀବନରେ ଶାନ୍ତିକୁ ଫେରାଇ ଆଣିବାକୁ ଚାହିଁ ମଧ୍ୟ ଆମର ମନ ମୋହ, ଅବିଚାର ଏବଂ ବିଷୟ ଆସକ୍ତିରେ ବୁଡ଼ିଯାଏ । ଏହି ବିଶାଳ ମୋହରୂପୀ ସମୁଦ୍ରକୁ ପାର କରିବା ବହୁତ କଠିନ ହୁଏ । ଏହାକୁ ସେହି ପାର କରିପାରେ,

ଯିଏ ହନୁମାନଙ୍କ ସଦୃଶ ବ୍ରହ୍ମଚାରୀ ହୋଇଥିବ, ବିବେକୀ, ଜ୍ଞାନବାନ୍, ବୈରାଗ୍ୟବାନ୍, ଭକ୍ତ ତଥା ନିରନ୍ତର ପ୍ରଭୁଙ୍କର ଆଶ୍ରିତ ରହୁଥିବ । ଏହିପରି ଶ୍ରୀରାମଙ୍କ କାର୍ଯ୍ୟ ପାଇଁ ସୁଗ୍ରୀବ ଯେଉଁ ବାନରଦଳକୁ ଦକ୍ଷିଣଦିଗରେ ପ୍ରେରିତ କରିଥିଲେ, ସେମାନେ ଶେଷରେ ସମୁଦ୍ରତଟରେ ପହଞ୍ଚି ଥିଲେ । ବିସ୍ତୀର୍ଣ୍ଣ ସମୁଦ୍ରକୁ ଦେଖି ହତୋତ୍ସାହ ହୋଇଗଲେ ଯେ, "ବର୍ତ୍ତମାନ ସେମାନେ କିପରି ସମୁଦ୍ର ପାର ହୋଇ ଲଙ୍କାଗଡ଼ରେ ପହଞ୍ଚିବେ ? ଏହାକୁ କିଏ ପାରକରି ପାରିବ ?" ଏତେ ସାମର୍ଥ୍ୟ ତାଙ୍କ ମଧ୍ୟରେ କାହାଠାରେ ନ ଥିଲା । ଏହିପରି ସମୁଦ୍ର ତଟରେ ବସି ବିଚାର କରୁଥିବା ସମୟରେ ସେଠାରେ ଉପସ୍ଥିତ ଥିବା ଗିଧ ଜଟାୟୁର ଭାଇ ସମ୍ପାତି କହିଲେ –"ଯିଏ ଆମ ଭିତରେ ବଳବାନ୍, ବୁଦ୍ଧିମାନ୍ ଓ ଭକ୍ତିମାନ୍, ସେ ହିଁ ଏହି ସମୁଦ୍ରକୁ ପାର କରିପାରିବ' । ସେହି ଦଳର ଅଧିନାୟକ (ଦଳପତି) ଥିଲେ ବାଳୀପୁତ୍ର ଅଙ୍ଗଦ । ତେଣୁ ସେ ଜଣ ଜଣ କରି ସମସ୍ତ ବାନରମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ବଳ-ସାମର୍ଥ୍ୟ ବିଷୟରେ ପଚାରିଥିଲେ । ସେଥିମଧ୍ୟରୁ କେହି କହିଲା – "ମୁଁ ଦଶ ମାଇଲ ଯାଇପାରିବି ।" କେହି କହିଲା ମୁଁ କୋଡ଼ିଏ ମାଇଲ ଯାଇପାରିବି ଏହି ପରି ପରିଶେଷରେ ଅଙ୍ଗଦ ନିଜେ କହିଲେ, ଏହି ଆଠଶହ ମାଇଲ ଦୂରତାର ବିସ୍ତୃତ ସମୁଦ୍ରକୁ ମୁଁ ପାର କରିଯାଇପାରିବି, କିନ୍ତୁ ଫେରି ପାରିବି କି ନାହିଁ,ଏଥିରେ ମୋର ସନ୍ଦେହ ହେଉଛି । ତେବେ ଅଙ୍ଗଦଙ୍କ ଯିବାର ମଧ୍ୟ କିଛି ସାର୍ଥକତା ରହିବ ନାହିଁ । ସେତେବେଳେ ହନୁମାନଜୀ ତାଙ୍କ ମଧ୍ୟରେ ଚୁପ୍‌ଚାପ୍ ବସିରହି ସବୁ ବିଚାର ଓ ସମସ୍ତଙ୍କ ମତାମତକୁ ଶୁଣୁଥିଲେ । ତେଣୁ ବୃଦ୍ଧ ଜାମ୍ବବାନ୍‌ଜୀ, ଯିଏ କି ଭାଲୁମାନାଙ୍କର ଦଳପତି ଥିଲେ, ହନୁମାନଙ୍କୁ କହିଲେ – 'ତୁମେ କାହିଁକି କିଛି କହୁନାହଁ ।' ଯେହେତୁ ସମସ୍ତଙ୍କୁ ନିଜ ନିଜର ବ୍ୟକ୍ତିଗତ ବଳ ବା ସାମର୍ଥ୍ୟ ସମ୍ବନ୍ଧରେ ପଚରା ଯାଉଥିଲା, ତେଣୁ ହନୁମାନ ଚୁପ୍ ହୋଇ ବସିଥିଲେ । କାରଣ, ତାଙ୍କ ଜାଣିବାରେ ତାଙ୍କର ନିଜର କିଛି ବଳ-ବୁଦ୍ଧି ନଥିଲା । ସେ ପ୍ରଭୁଙ୍କ ସେବକରୂପେ ନିଜକୁ ପୂର୍ଣ୍ଣ ସମର୍ପିତ କରିଦେଇଥିବାରୁ ସେ ଭାବୁଥିଲେ ଏସବୁ ଶରୀର, ମନ-ବୁଦ୍ଧି, ବଳ-ବିବେକ ଇତ୍ୟାଦି ପ୍ରଭୁ ଶ୍ରୀରାମଙ୍କର । ମୁଁ ନିମିତ୍ତ ମାତ୍ର । ତେଣୁ ତାଙ୍କୁ ପଚରାଯିବାରୁ ସେ

କହିଲେ, ମୋର କିଛି ବଳ-ବିବେକ ନାହିଁ । ଯେଉଁ ବଳ ଏ ଶରୀରରେ ତୁମକୁ ଦେଖାଯାଉଛି-ଏସବୁ ଭଗବାନ୍‌ଙ୍କର ତଥା ପୌରାଣିକ କଥା ଅନୁସାରେ ତାଙ୍କୁ ନିଜର ବଳ-ସାମର୍ଥ୍ୟ ସମ୍ବନ୍ଧୀୟ ଜ୍ଞାନ ବିସ୍ମୃତ ହୋଇଯାଇଥିଲା, ସ୍ମରଣ କରାଇବା ପରେ ତାଙ୍କୁ ପୁନଃ ଜ୍ଞାତ ହେଲା । ଏହିପରି ଜାମ୍ବବାନଜୀ ହନୁମାନଙ୍କ ବଳ ବିଷୟରେ ସ୍ମରଣ କରାଇଥିଲେ ଯେ, "ହନୁମାନଙ୍କ ଜନ୍ମ ପ୍ରଭୁ ଶ୍ରୀରାମଙ୍କ ସେବା-କାର୍ଯ୍ୟ ପାଇଁ କେବଳ ଉଦ୍ଦିଷ୍ଟ ।" ତା'ପରେ ସେ ତୁରନ୍ତ ବିଶାଳ ରୂପ ଧାରଣ କଲେ ଏବଂ କହିଲେ କି ମୁଁ ଏହି ସମୁଦ୍ରକୁ ଏକ କ୍ଷଣରେ ପାର କରିପାରିବି । ଏକ ରାବଣ କାହିଁକି, ଦଶ ରାବଣଙ୍କୁ ମାରି ଲଙ୍କାକୁ ଧ୍ୱଂସକରି, ଛାରଖାର କରି ଫେରି ଆସିବି ।

"ପ୍ରଭୁ ମୁଦ୍ରିକା ମେଲି ମୁଖ ମାହୀଁ'- ହନୁମାନଙ୍କର ଏହି ଉକ୍ତିରୁ ଜଣାପଡ଼େ ଯେ, ତାଙ୍କର ସମସ୍ତ ସାହାସ, ବଳ, ବୁଦ୍ଧି ଇତ୍ୟାଦି ନିଜର ନଥିଲା । ଭଗବାନ୍‌ଙ୍କ ମୁଦ୍ରିକା ତାଙ୍କ ପାଖରେ ଥିଲା ଏବଂ ସେହି ମୁଦ୍ରିକା ଉପରେ ରାମନାମ ଲେଖାଯାଇଥିଲା । ତେଣୁ ତାଙ୍କର ବଳ, ବୁଦ୍ଧି, ସାହସାଦି ଏହି ରାମନାମ ଅଙ୍କିତ ମୁଦ୍ରିକା ଉପରେ ଆଶ୍ରିତ ଥିଲା । "ପ୍ରଭୁ" ର ଅର୍ଥ ସମର୍ଥ, ଭଗବାନ୍ ହେଉଛନ୍ତି ସର୍ବସମର୍ଥ, ସର୍ବଶକ୍ତିମାନ୍ ଏବଂ ତାଙ୍କର ମୁଦ୍ରିକା ହେଉଛି ସେହି ଗୁଣର ପ୍ରତୀକ ବା ପ୍ରତିନିଧି ସ୍ୱରୂପ । ଯଦି ରାଜା ତାଙ୍କର ଚିହ୍ନ ଅନ୍ୟ କାହାକୁ ଦେଇଦିଅନ୍ତି, ତେବେ ସେ ହିଁ ରାଜାପଦରେ ଅଧିଷ୍ଠିତ ହୋଇପାରିବେ । ଯେପରିକି ଯଦି କୌଣସ ବ୍ୟକ୍ତିଙ୍କୁ ରାଷ୍ଟ୍ରପତିଙ୍କର ପ୍ରବେଶ ପତ୍ର ମିଳିଯାଏ, ତେବେ ତାକୁ ରାଷ୍ଟ୍ରପିତିଙ୍କ ଭବନକୁ ଯିବାରେ କେହି ପ୍ରତିରୋଧ କରିପାରିବେ ନାହିଁ । ସେହି ଚିହ୍ନ ବା ପତ୍ର ଦେଖାଇବା ମାତ୍ରକେ ତାଙ୍କୁ ସର୍ବତ୍ର ପ୍ରବେଶ ଅଧିକାର ମିଳିଯିବ । ଏଠାରେ ଗୋସ୍ୱାମୀଜୀ ଲେଖିଛନ୍ତି ଯେ, ପ୍ରଭୁଙ୍କ ପ୍ରଦତ୍ତ ସ୍ୱହସ୍ତ ମୁଦ୍ରିକାଟିକୁ ହନୁମାନଜୀ ତାଙ୍କର ମୁଁହରେ ଧାରଣ କରିଥିଲେ । ଏହାର ତାତ୍ପର୍ଯ୍ୟ ହେଉଛି କି, ସେ ରାମ ନାମର ଆଶ୍ରିତ ହୋଇ ସମୁଦ୍ର ପାର ହୋଇ ଲଙ୍କାରେ ପ୍ରବେଶ କରିଥିଲେ । ଭଗବାନ୍‌ଙ୍କ ନାମର ମହିମା ଏଭଳି ଯେ, ପ୍ରତାପ ଏତେ ଯେ,

ତାହା ଆମର ସ୍ମରଣ ହେଉ ବା ନ ହେଉ ଅଥବା ଆମେ ତାକୁ ବିଶ୍ୱାସ କରୁ ବା ନକରୁ, କିନ୍ତୁ ତା' ବଳରେ ସବୁ କାମ ସହଜରେ ହୋଇଯାଏ ।

ଆମର ଭଗବାନ୍‌ଙ୍କ ନାମ ଉପରେ ବିଶ୍ୱାସ ନାହିଁ, କିନ୍ତୁ ଆମ ନିଜନାମ ଉପରେ ସର୍ବାଧିକ ବିଶ୍ୱାସ ରହେ । ଆମେ କହୁ କି "ସେଠାକୁ ଯାଇ ମୋ' ନାମ କହିଦେଲେ ତୁମର ସବୁ କାମ ହୋଇଯିବ' । ଯେହେତୁ ହନୁମାନଙ୍କ ଅବତାର ଭଗବାନ୍‌ଙ୍କ କାର୍ଯ୍ୟ (ସେବା) ପାଇଁ ଉଦ୍ଦିଷ୍ଟ ଥିଲା, ତେଣୁ ସେ ସର୍ବଦା ସର୍ବତ୍ର ଭଗବାନ୍‌ଙ୍କ ନାମ ସ୍ମରଣ କରିବା ସଂଗେ ସଂଗେ ପ୍ରଭୁଙ୍କ ପ୍ରତି ଆଶ୍ରିତ ରହୁଥିଲେ । ସୁତରାଂ, ଯେତେବେଳେ ହନୁମାନଙ୍କୁ ସୀତାମାତା ପଚାରିଲେ କି ତୁମେ ସମୁଦ୍ର କିପରି ପାର ହେଲ ? ସେ କହିଥିଲେ, 'ପ୍ରଭୁଙ୍କ ନାମକୁ ଆଶ୍ରୟକରି" । ଏହିପରି ସୀତାଙ୍କୁ ପ୍ରଭୁଙ୍କର ପରିଚୟର ସଂକେତ ମୁଦ୍ରିକା ଦେଇ ହନୁମାନଜୀ ପୁନଃ ସୀତାଙ୍କ ଠାରୁ ତାଙ୍କର ଚୂଡାମଣି ପ୍ରଭୁରାମଙ୍କ ପାଇଁ ଫେରିଲାବେଳେ ମାଗି ଆଣିଥିଲେ । ତେଣୁ ହନୁମାନଙ୍କ ଲଙ୍କାରୁ ଫେରିବା ସମୟରେ ହନୁମାନଙ୍କର ଆଶ୍ରୟ ଥିଲା ସୀତାଙ୍କ ପ୍ରଦତ୍ତ ଚୂଡାମଣି । ଯାହାର ଆଶ୍ରୟରେ ସେ ନିର୍ବିଘ୍ନରେ ସମୁଦ୍ରକୁ ପାର ହୋଇ ଆସି ପ୍ରଭୁ ଶ୍ରୀରାମଙ୍କ ନିକଟରେ ପହଞ୍ଚିଲେ ।

"ଜଳଧି ଲାଂଘି ଗୟେ ଅଚରଜ ନାହିଁ' - ହନୁମାନଜୀ ସମୁଦ୍ରକୁ ଲଂଘନ ଅର୍ଥାତ୍ ପାର ହୋଇଗଲେ, ଏହା କୌଣସି ଆଶ୍ଚର୍ଯ୍ୟ ନୁହେଁ । ଆଶ୍ଚର୍ଯ୍ୟ ତାକୁ କୁହାଯିବ, ଯଦି କେହି ଭଗବାନ୍‌ଙ୍କ ଆଶ୍ରୟ ବିନା, ଭରସା ବିନା, ସହାୟତା ବିନା ଏଭଳି ଦୁଃସାହସିକ କାର୍ଯ୍ୟ କରିଦିଏ । କିନ୍ତୁ ହନୁମାନଜୀ ପ୍ରଭୁ ଶ୍ରୀରାମଜୀଙ୍କ ପୂର୍ଣ୍ଣ ଆଶ୍ରିତ ହୋଇ ସମୁଦ୍ର ପାର ହୋଇଥିଲେ । ତେଣୁ ତାଙ୍କୁ କେହି ବାଧା ଦେବାକୁ ସମର୍ଥ ନ ଥିଲେ । ସେଥିଲାଗି ଗୋସ୍ୱାମୀଜୀ ଲେଖିଛନ୍ତି - "ଜବ ଜାନକୀନାଥ ସହାୟ କରେ, ତବ କୌନ ବିଗାର କରେ ନର ତେରୋ ।" ଏହିପରି 'ଦୁର୍ଗମ କାଜ ଜଗତ କେ ଜେତେ । ସୁଗମ ଅନୁଗ୍ରହ ତୁହ୍ମରେ ତେତେ ।' ଅର୍ଥାତ୍, କଠିନରୁ କଠିନ କାର୍ଯ୍ୟ ମଧ୍ୟ ପ୍ରଭୁଙ୍କ ଅନୁଗ୍ରହରୁ ଅତ୍ୟନ୍ତ

ସହଜ-ସରଳ ହୋଇଯାଏ । "ଅନୁଗ୍ରହ' ଶବ୍ଦରେ- "ଗ୍ରହ' ମାନେ ଧରିବା ଏବଂ "ଅନୁ' ମାନେ ପଶ୍ଚାତ୍ ବା ପରେ । ଏହିପରି ଆମେ ଭଗବାନଙ୍କ ଚରଣ ଧରିବା ବା ଗ୍ରହଣ କରିବା ପରେ ଭଗବାନ୍ ଆମ ପାଇଁ ଯାହା କରନ୍ତି, ତାକୁ ଆମପ୍ରତି ଭଗବାନ୍‌ଙ୍କ 'ଅନୁଗ୍ରହ' କୁହାଯାଏ । ଆମ ମନରେ ପ୍ରଶ୍ନ ଆସିପାରେ କି, ଭଗବାନ୍ କାହିଁକି ସ୍ୱୟଂ ଅନୁଗ୍ରହ ବା କୃପା କରନ୍ତି ନାହିଁ ? ଏଭଳି ଶଙ୍କା କରିବା ସମୀଚିନ ହେବ ନାହିଁ । କାରଣ, ଭଗବାନ୍‌ଙ୍କ କୃପା ଆମ ସମସ୍ତଙ୍କ ଉପରେ ସଦା-ସର୍ବଦା ସର୍ବତ୍ର ସମାନ ଭାବରେ ରହିଛି । କିନ୍ତୁ ଆମକୁ ତାହା ଦେଖାଯାଉନାହିଁ ଅଥବା ଅନୁଭବହେଉ ନାହିଁ । ଅନ୍ୟ ଦୃଷ୍ଟିରୁ ବିଚାର କଲେ ଭଗବାନ୍ ଯଦି ତାଙ୍କ ତରଫରୁ କୃପା କରିବେ, ତେବେ ଆମେ ତାଙ୍କ ଉପରେ "ପକ୍ଷପାତ ଦୋଷ' ଆରୋପ କରିବାକୁ କୁଣ୍ଠିତ ହେବା ନାହିଁ ଯେ - "ସେ ତା'ଉପରେ ଏଭଳି କୃପା କଲେ, ଏହା ଉପରେ କୃପା କଲେ ନାହିଁ ।"

"ରାମ ଦୁଆରେ ତୁମ ରଖୱାରେ ହୋତ ନ ଆଜ୍ଞା ବିନୁ ପୈସାରେ । ଅର୍ଥାତ୍, ଶ୍ରୀରାମଙ୍କ ଦରବାରରେ ହନୁମାନଜୀ ସେବକରୂପେ ଦ୍ୱାରପାଳ କାର୍ଯ୍ୟ କରିଥାନ୍ତି ।ତେଣୁ ତାଙ୍କ ଆଜ୍ଞା ବା ଅନୁମତି ବିନା ଶ୍ରୀରାମ ପ୍ରଭୁଙ୍କ ଦର୍ଶନ ମିଳେ ନାହିଁ ।ଏଥିରେ 'ପୈସାରେ' ଶବ୍ଦ ଲୋକ ଭାଷା ଅଟେ, ଅର୍ଥାତ୍ "ପ୍ରବେଶ' । ଏହି ଶବ୍ଦର ତାତ୍ପର୍ଯ୍ୟକୁ ବୁଝି ନ ପାରି ଜଣେ ବ୍ୟକ୍ତି ମୋତେ ପଚାରିଲେ କି ଦେଖନ୍ତୁ ସ୍ୱାମୀଜୀ ! ରାମଜୀଙ୍କ ସମୟରେ ବହୁତ ଭ୍ରଷ୍ଟାଚାର ଥିଲା । କାରଣ, ଏଠାରେ କୁହାଯାଇଛି, "ହୋତ ନ ଆଜ୍ଞା ବିନୁ ପୈସାରେ' ଅର୍ଥାତ୍ ଯେପର୍ଯ୍ୟନ୍ତ ଆମେ ହନୁମାନଙ୍କୁ ପଇସା ନ ଦେବା, ସେପର୍ଯ୍ୟନ୍ତ ସେ ଶ୍ରୀରାମ ଦର୍ଶନଲାଗି ଆମକୁ ଅନୁମତି ଦେବେ ନାହିଁ । କିନ୍ତୁ ଏହା ବର୍ତ୍ତମାନର ସାମାଜିକ ସ୍ଥିତି । ବିଶେଷରୂପେ ଆମ ଦେଶରେ ବହୁତ ଦୁର୍ନୀତି, ଦୁଃସ୍ଥିତି ହୋଇଛି । ଯେପର୍ଯ୍ୟନ୍ତ କୌଣସି କାର୍ଯ୍ୟାଳୟରେ କାଗଜପତ୍ର କାମ ପାଇଁ କିଛି ଟଙ୍କା ଲାଞ୍ଚ ନ ଦିଆଯାଇଛି, ସେପର୍ଯ୍ୟନ୍ତ ତାହା ଉଚ୍ଚ କାର୍ଯ୍ୟାଳୟକୁ ପ୍ରେରିତ ହେଉନାହିଁ । କିନ୍ତୁ ଏହି ପ୍ରସଙ୍ଗରେ ଏଭଳି ଅର୍ଥ କରିବା ଅନୁଚିତ । ହନୁମାନ୍‌ଜୀ ପରମ ଭକ୍ତ,

ବିରକ୍ତ ଓ ବ୍ରହ୍ମଚାରୀ ତଥା ପରମ କାରୁଣିକ, ପରୋପକାରୀ ଥିଲେ। ତେଣୁ ତାଙ୍କର ଟଙ୍କା-ପଇସା ସହିତ କୌଣସି ସମ୍ବନ୍ଧ ନ ଥିଲା ଅଥବା ଧନସମ୍ପତ୍ତି ପ୍ରତି ତାଙ୍କ ମନରେ ଆସକ୍ତି, ଲୋଭ ନ ଥିଲା। କୁହାଯାଏ ଜି, ସୀତା ମାତା ତାଙ୍କୁ ଯେତେବେଳେ ନିଜଗଳାର ମୋତି-ମାଳା ଉପହାର ଦେଲେ, ହନୁମାନଜୀ ତାକୁ ଚୋବାଇ-ଚୋବାଇ ଦାନ୍ତରେ ଭାଙ୍ଗି ଦେଖିବାକୁ ଲାଗିଲେ କି ସେଥିରେ ରାମଜୀ ଅଛନ୍ତି କି ନାହାଁନ୍ତି ? ତାଙ୍କ ପାଇଁ ସବୁଠାରୁ ବଡ଼ ଧନ ଥିଲା- ପ୍ରଭୁ ଶ୍ରୀରାମ। ହନୁମାନଜୀ ତାଙ୍କ ଦର୍ଶନ କରାଇବା ପାଇଁ ଭକ୍ତଙ୍କ ଠାରୁ କିଛି ପ୍ରତିବଦଳରେ ଲାଞ୍ଚ ବା ଉତ୍କୋଚ୍ ନିଅନ୍ତି ନାହିଁ। ବରଂ, ଲୋକମାନଙ୍କୁ ସେ ତାଙ୍କ ତରଫରୁ ଟାଣି ଆଣି ପ୍ରଭୁଙ୍କ ପାଖରେ ପହଞ୍ଚାଇ, ସେମାନଙ୍କୁ ପ୍ରଭୁଙ୍କ କୃପାଭାଜନ କରାଉଥିଲେ। ଦର୍ଶନ କରାଇ ସେମାନଙ୍କୁ କୃତକୃତ୍ୟ କରାଇ ଦେଉଥିଲେ। ଏଭଳି ସେ ସୁଗ୍ରୀବ, ବିଭୀଷଣ ଇତ୍ୟାଦିଙ୍କୁ ଆଣି ଶ୍ରୀରାମଙ୍କ ସହିତ ମିତ୍ରତା କରାଇଥିଲେ ଓ ସେମାନଙ୍କର ଜୀବନ ଧନ୍ୟ ହୋଇଥିଲା। ସ୍ୱୟଂ ଗୋସ୍ୱାମୀଜୀ ଲେଖିଛନ୍ତି ଯେ, ତାଙ୍କୁ ମଧ୍ୟ ହନୁମାନଙ୍କ ଅଶେଷ କୃପାରୁ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ମିଳିଥିଲା।

'ସବ ସୁଖ ଲହୈ ତୁମ୍ହାରୀ ସରନା'- ଗୋସ୍ୱମୀଜୀ କହିଛନ୍ତି କି ହନୁମାନ୍‌ଙ୍କ ଶରଣରେ ଆସିଲେ ସବୁପ୍ରକାର ସୁଖ-ଶାନ୍ତି ପ୍ରାପ୍ତ ହୋଇଯାଏ। ତାହା ଲୌକିକ ହେଉ ଅଥବା ପାରଲୌକିକ, ପାରମାର୍ଥିକ ସୁଖ, ଅର୍ଥାତ୍ ଆଧ୍ୟାତ୍ମିକ ସୁଖ। 'ତୁମ ରକ୍ଷକ କାହୁ କୋ ଡ଼ରନା'- ଅର୍ଥାତ୍, ହନୁମାନଙ୍କ ଭଳି ରକ୍ଷକ ଆମକୁ ଯଦି ପ୍ରାପ୍ତ ହୁଅନ୍ତି, ତେବେ ଅନ୍ୟ 'କାହାକୁ ଭୟ' କରିବାର କୌଣସି ଅବକାଶ ରହେ ନାହିଁ। 'ଆପନ ତେଜ ସହ୍ମାରୋ ଆପୈ'- ହନୁମାନଙ୍କୁ ଯେଉଁ ତେଜ ଅର୍ଥାତ୍ ଶକ୍ତି ପ୍ରାପ୍ତ ହୋଇଛି, ତାକୁ କେବଳ ସେ ହିଁ ସମ୍ଭାଳିବାରେ ସମର୍ଥ। ସେଭଳି ତେଜକୁ ଅନ୍ୟ କେହି ସମ୍ଭାଳି ପାରିବେ ନାହିଁ। ଏହାର ଅନ୍ୟ ଏକ ଅର୍ଥ ହୋଇପାରେ କି ଯଦି ଭଗବାନ୍‌ଙ୍କର କୌଣସି କାର୍ଯ୍ୟ (ସେବା) କରିବାକୁ ଆମ ମନରେ ସଂକଳ୍ପ ଆସିଛି, ତେବେ ଆମେ ସେହି ପ୍ରଭୁଙ୍କୁ

ପ୍ରାର୍ଥନା କରିବା ଉଚିତ୍ କି "ଏହା ଆପଣଙ୍କ କାର୍ଯ୍ୟ। ତେଣୁ ଆପଣଙ୍କ ପ୍ରତାପରେ ହିଁ ପୂର୍ଣ୍ଣ ହୋଇ ପାରିବ,- ମୁଁ ନିମିତ୍ତ ମାତ୍ର"। 'ତିନୋଁ ଲୋକ ହାଁକ ତେ କାଁପୈ'- ହନୁମାନଜୀ ଯେତେବେଳେ ଗର୍ଜନ କରନ୍ତି, ସେତେବେଳେ ତିନି ଲୋକ କମ୍ପିତ ହୋଇଯାଏ। ଏହିପରି ରାବଣର ଲଙ୍କାଗଡ଼ରେ ସେ ଏକବାର ଖୁବ୍ ଗର୍ଜନ କରି ସମସ୍ତ ରାକ୍ଷସମାନଙ୍କୁ ଭୟଭୀତ କରାଇଥିଲେ। ତାଙ୍କ ପରେ ଅନ୍ୟ କେହି ସାମାନ୍ୟ ବାନର ମଧ୍ୟ ସେଠାକୁ ଗଲେ, ରାକ୍ଷସମାନେ ଭୟରେ ଥରି ଯାଉଥିଲେ। ହନୁମାନଙ୍କ ପରେ ଦ୍ୱିତୀୟ ଥର ଭଗବାନ୍ ଶ୍ରୀରାମ ଅଙ୍ଗଦକୁ ଲଙ୍କାକୁ ପଠାଇଥିଲେ। ତେଣୁ ତାଙ୍କୁ ଦେଖି ଲଙ୍କାର ରାକ୍ଷସମାନେ ଭାବିଲେ ଯେ ପୁନର୍ବାର ସେହି ବାନର ଆସିଛି, ଏବେ ଆମର ବିନାଶ ନିଶ୍ଚିତ। ସମସ୍ତ ରାକ୍ଷସମାନେ ମିଶି ଅଙ୍ଗଦଙ୍କୁ ରାବଣର ଦରବାରକୁ ପାଛୋଟି ନେଇଥିଲେ।

'ଭୂତ ପିସାଚ୍ ନିକଟ ନହିଁ ଆୱୈ'- ଭୂତ, ପ୍ରେତ, ପିସାଚ୍ ଆଦି ହନୁମାନଙ୍କ ନାମ ସ୍ମରଣ ମାତ୍ରେ ଆମର ପାଖକୁ ଆସନ୍ତି ନାହିଁ। 'ମହାବୀର ଜବ ନାମ ସୁନାବୈ-' ବେଳେ ବେଳେ ଅନେକଙ୍କ ମନରେ ପ୍ରଶ୍ନ ଆସେ କି ଭୂତ ପ୍ରେତ ପ୍ରକୃତରେ ଅଛନ୍ତି, ଅଥବା ଏହା କାଳ୍ପନିକ? ମନୁଷ୍ୟ, ପଶୁ, ଦେବତାଦିଙ୍କ ସଦୃଶ ଏମାନଙ୍କର ମଧ୍ୟ ସୂକ୍ଷ୍ମ-ଶରୀର ରହିଛି। ଏହି ଶରୀର ତ୍ୟାଗ କରିବା ପରେ ଜୀବାତ୍ମା ଅନ୍ୟ କୌଣସି ଶରୀର ଧାରଣ କରିବା ପୂର୍ବରୁ ତା'ର ପୂର୍ବ କର୍ମ-ବାସନା ଅନୁସାର ଏଭଳି ସୂକ୍ଷ୍ମ-ଦେହରେ ରହେ। କିନ୍ତୁ ପ୍ରତ୍ୟେକ ଜୀବତ୍ମା ଭୂତ-ପ୍ରେତ ଯୋନୀରେ ଭୟଙ୍କର ନ ହୋଇ କେତେକ ଶାନ୍ତ ସ୍ୱଭାବର ମଧ୍ୟ ହୋଇଥାନ୍ତି। ପ୍ରତ୍ୟେକ ଜୀବାତ୍ମା ଭୂତ-ପ୍ରେତ, ପିସାଚ୍ ହୁଅନ୍ତି ନାହିଁ ଏବଂ ସେମାନଙ୍କର ମଧ୍ୟ ମୁକ୍ତି ହୁଏ। ଏଭଳି ଯୋନିରୁ ମୁକ୍ତି ହେବାର ସବୁଠାରୁ ଉତ୍ତମ ସାଧନ ହେଉଛି- 'ଭାଗବତକଥା ଶ୍ରବଣ'। ଯେଭଳି ଭାଗବତ କଥା ଶ୍ରବଣ କରିବା ଦ୍ୱାରା 'ଗୋକର୍ଣ୍ଣର ଭାଇ ଧୁନ୍ଧୁକାରୀ ପ୍ରେତ-ଯୋନି' ରୁ ମୁକ୍ତ ହୋଇଥିଲା। ତେଣୁ ଭୂତ-ପ୍ରେତ ଭୟରୁ ନିବୃତ୍ତ ହେବା ପାଇଁ ହନୁମାନ ଚାଳିଶା ପାଠ କରିବା ଉଚିତ୍। ଆମର ପରମ ପୂଜ୍ୟ ଗୁରୁଦେବ

ସ୍ୱାମୀ ଚିନ୍ମୟାନନ୍ଦଜୀ ପ୍ରଥମଥର ଯେତେବେଳେ ମାଡ୍ରାସ ସହରକୁ ଯାଇଥିଲେ, ତାଙ୍କୁ ଯେଉଁ ଘରେ ରଖାଯାଇଥିଲା ସେହି ଘର ଏକ ଭୂତବଙ୍ଗଳା ଥିଲା। ସେଥିରେ ଅନ୍ୟ କେହି ବ୍ୟକ୍ତି ଭୂତଭୟରେ ରହିପାରୁ ନ ଥିଲେ। କିନ୍ତୁ ଗୁରୁଦେବ କହିଥିଲେ ଯେ, "ମୁଁ ହେଉଛି ପଞ୍ଚମହାଭୂତ, ତେଣୁ ଗୋଟିଏ ଭୂତକୁ ମୋର ଭୟ ନାହିଁ"। କୁହାଯାଇଛି କି 'ମଙ୍ଗଳମ୍ ଭଗବାନ ବିଷ୍ଣୁଃ ମଙ୍ଗଳମ୍ ଗରୁଡ଼ଧ୍ୱଜଃ'- ଭଗବାନ୍ ମଙ୍ଗଳମୟ ଅଟନ୍ତି। ତାଙ୍କର ଯିଏ ନାମନିଏ 'ନ ଅସି ତେଷାଂ ଅମଙ୍ଗଳମ୍'- ତାଙ୍କର କୌଣସି ଅମଙ୍ଗଳ ହୁଏ ନାହିଁ। ତେଣୁ ସେହି କଲ୍ୟାଣକାରୀ ପ୍ରଭୁଙ୍କ ନାମ ନିରନ୍ତର ସ୍ମରଣ ପୂର୍ବକ ଆମେ ସଂସାରରେ କର୍ମ କିବାବା ଉଚିତ୍।

"ନାସୈ ରୋଗ ହରୈ ସବ ପୀରା"- ହନୁମାନଙ୍କ କୃପାରୁ ଅସାଧ ରୋଗ-ବ୍ୟାଧି ମଧ୍ୟ ଦୂର ହୋଇଯାଏ। 'ଜପତ ନିରନ୍ତର ହନୁମତ ବୀରା'- ଯଦି କେହି ନିରନ୍ତର ହନୁମାନଙ୍କର ନାମ ଜପ କରେ, ତେବେ ତା'ର ଶାରୀରିକ ବ୍ୟାଧି ଓ ମାନସିକ ଆଧି ଦୂର ହୋଇ ଅର୍ଥାତ୍ ତ୍ରିତାପରୁ ସେ ମୁକ୍ତ ହୋଇ ଜୀବନରେ ସୁଖ-ଶାନ୍ତି ପାଏ। ତା'ର ସମସ୍ତ ଅଜ୍ଞାନ, ସଂଶୟ ଏବଂ ମୋହଜନିତ ଶୋକ ଦୂର ହୋଇଥାଏ। "ସଙ୍କଟ ତେ ହନୁମାନ ଛୁଡ଼ାବୈ। ମନ କ୍ରମ ବଚନ ଧ୍ୟାନ ଜୋ ଲାବୈ"- ଯଦି କେହି ହନୁମାନଙ୍କର ମନ, କର୍ମ ଓ ବଚନ ଦ୍ୱାରା ଧ୍ୟାନ ବା ସ୍ମରଣ କରେ, ତେବେ ସେ ତାକୁ ସବୁ ପ୍ରକାରର ସଙ୍କଟରୁ ରକ୍ଷା କରନ୍ତି, ଉଦ୍ଧାର କରନ୍ତି।

'ସବ ପର ରାମ ତପସ୍ୱୀ ରାଜା। ତିନ କେ କାଜ ସକଲ ତୁମ ସାଜା ॥
ଔର ମନୋରଥ ଜୋ କୋଇ ଲାୱେ। ସୋଇ ଅମିତ ଜୀବନ ଫଲ ପାୱେ॥"
ଚାରୋ ଯୁଗ ପରତାପ ତୁହ୍ମାରା। ହୈ ପରସିଦ୍ଧ ଜଗତ ଉଜିୟାରା ॥
ସାଧୁ ସନ୍ତ କେ ତୁମ ରଖୱାରେ। ଅସୁର ନିକନ୍ଦନ ରାମ ଦଲ୍ଲାରେ ॥

'ସବ ପର ରାମ ତପସ୍ୱୀ ରାଜା'- ସଂସାରରେ ଯଦି ଶ୍ରେଷ୍ଠତାର ତାରତମ୍ୟ ଦେଖାଯାଏ, ତେବେ ଏହି ମନୁଷ୍ୟ ସବୁଠାରୁ ଶ୍ରେଷ୍ଠ ଜୀବ। କିନ୍ତୁ

ମନୁଷ୍ୟ ଉପରେ ମଧ୍ୟ ଶ୍ରେଷ୍ଠ ଅର୍ଥାତ୍ ପ୍ରଭୁ ଶ୍ରୀରାମ । ସେ ଲୀଳାରୂପରେ ତପସ୍ୱୀ ବେଶ ଧାରଣ କରିଥିଲେ ମଧ୍ୟ ସମସ୍ତଙ୍କର ଈଶ୍ୱର-ଶାସନ କର୍ତ୍ତା ହେଉଛନ୍ତି ପ୍ରଭୁ ଶ୍ରୀରାମ ଏବଂ ଶ୍ରେଷ୍ଠ ନରପତି ମଧ୍ୟ ଶ୍ରୀରାମ । ତାଙ୍କ ଉପରେ ଅନ୍ୟ କେହି ନାହିଁ । ଥରେ ନାରଦ କ୍ରୋଧିତ ହୋଇ ଭଗବାନ୍‌ଙ୍କୁ କହିଥିଲେ, "ପରମ ସ୍ୱତନ୍ତ୍ର ନ ସିରପର କୋଇ", ଅର୍ଥାତ୍ ଆପଣ ହେଉଛନ୍ତି ପରମ ସ୍ୱତନ୍ତ୍ର । ତେଣୁ ଆପଣଙ୍କ ମନରେ ଯାହାକିଛି ବିଚାର ଆସୁଛି, ଆପଣ ତଦନୁସାରେ କରୁଛନ୍ତି । ସେତେବେଳେ ବିଷ୍ଣୁ ଭଗବାନ୍ (ଶ୍ରୀରାମ) କ'ଣ କରିଥିଲେ ? ନାରଦଙ୍କ ମନରେ ବଡ଼ ଗର୍ବ ଥିଲା ଯେ, ସେ କାମ-ବାସନାକୁ ଜୟ କରିଛନ୍ତି । ତେଣୁ ଭଗବାନ୍ ତାଙ୍କର ଅଭିମାନ ଦୂର କରିବାକୁ ଚାହୁଁଥିଲେ । ସେହି ପ୍ରଭୁ ତାଙ୍କର ମାୟାରେ ସେଥିଲାଗି ଏକ ବିଶାଳ ନଗରୀ ଓ ସେଥିରେ ଏକ ଅତ୍ୟନ୍ତ ସୁନ୍ଦରୀ ରାଜକୁମାରୀ ସୃଷ୍ଟି କଲେ । ନାରଦ ସେହି ମାୟାରେ ମୋହିତ ହୋଇ କହିଲେ କି ମୁଁ ସେହି ରାଜକୁମାରୀକୁ ବିବାହ କରିବି ।' କିନ୍ତୁ ସେହି ରାଜକୁମାରୀ ଭଗବାନ୍‌ଙ୍କଭଳି ଅତି ସୁନ୍ଦର ଓ ସର୍ବଗୁଣ ସମ୍ପନ୍ନ ଜଣେ ପାତ୍ର ସହିତ ବିବାହ କରିବାକୁ ସଙ୍କଳ୍ପ କରିଥିଲେ । ତେଣୁ ନାରଦ ଭଗବାନ୍‌ଙ୍କୁ ପ୍ରାର୍ଥନା କରିଥିଲେ, 'ହେ ହରି ! ଆପଣ ମୋତେ ନିଜର ସୌନ୍ଦର୍ଯ୍ୟ ପ୍ରଦାନ କରନ୍ତୁ ! ଭଗବାନ୍ ମଧ୍ୟ 'ତଥାଽସ୍ତୁ' କହି ନାରଦଙ୍କୁ ବର ପ୍ରଦାନ କରି ତାଙ୍କର ମନୋକାମନା ପୂର୍ଣ୍ଣ କରିଥିଲେ ।

ଦେବର୍ଷି ନାରଦ ଭଗବାନ୍‌ଙ୍କୁ 'ହରି' କହି ସମ୍ବୋଧନ କରିଥିବାରୁ ଏବଂ 'ହରି' ଶବ୍ଦର ଏକ ଅର୍ଥ ବାନର ହୋଇଥିବାରୁ ଭଗବାନ୍ ତାଙ୍କୁ ବାନରଭଳି ମୁହଁ କରିଦେଲେ । କିନ୍ତୁ ତାଙ୍କର ଅନ୍ୟସବୁ ଅଙ୍ଗ ମନୁଷ୍ୟଭଳି ଥିଲା । ସେହି ରାଜକୁମାରୀ ତେଣୁ ନାରଦଙ୍କ ଆଡ଼କୁ ଦେଖି ନ ଥିଲେ । ଯେଉଁ ଧାଡ଼ିରେ (ପଙ୍‌କ୍ତି) ନାରଦ ରାଜାମାନଙ୍କ ସହିତ ବସିଥିଲେ, ସେହି ଧାଡ଼ିକୁ ମଧ୍ୟ ରାଜକୁମାରୀ ଦେଖି ନ ଥିଲେ । ତେଣୁ ଅନ୍ୟ ସବୁ ରାଜାମାନେ ମଧ୍ୟ ନିରାଶ ହୋଇଯାଇ ଥିଲେ । ଭଗବାନ ବଡ଼ ଦୟାଳୁ, ତେଣୁ ତାଙ୍କର ମାୟାରେ ନାରଦଙ୍କ

ସହିତ ବସିଥିବା ଅନ୍ୟ ଦୁଇ ରୁଦ୍ରଗଣଙ୍କର ମଧ୍ୟ ବାନର ମୁହଁଭଳି ରାଜକୁମାରୀଙ୍କୁ ଦେଖାଯାଇଥିଲା। ନାରଦଙ୍କୁ ଯେତେବେଳେ ଏସବୁ ଘଟଣା ପରେ ଜ୍ଞାତ ହେଲା, ସେ ଭଗବାନଙ୍କ ଉପରେ ଅତ୍ୟଧିକ କ୍ରୋଧିତ ହୋଇଥିଲେ ଏବଂ ଅଭିଶାପ ଦେଇଥିଲେ।

"ସବ ପର ରାମ ତପସ୍ୱୀ ରାଜା"- ଏହି ପଙ୍‌କ୍ତିକୁ ଆମେ ବେଦାନ୍ତ ଦୃଷ୍ଟିରେ ବିଚାର କଲେ ଏହାର ଗମ୍ଭୀର ଅର୍ଥ ପ୍ରକାଶ ପାଏ। କାହା ଉପରେ କିଏ ? ଏହାର କ୍ରମ କଠୋପନିଷଦ୍‌ରେ ବଡ଼ ସୁନ୍ଦର ରୀତିରେ ବର୍ଣ୍ଣନା କରାଯାଇଛି। "ଇନ୍ଦ୍ରିୟେଭ୍ୟଃ ପରା ହି ଅର୍ଥାଃ"- ଇନ୍ଦ୍ରିୟଗୁଡ଼ିକ ପରେ ଇନ୍ଦ୍ରିୟଗୁଡ଼ିକର ବିଷୟ ଅଟନ୍ତି। ଏହିପରି ଆମର କାନ, ନାକ, ଆଖି ଇତ୍ୟାଦି ସୀମିତ ହେଲେ ମଧ୍ୟ ଏଗୁଡ଼ିକର ବିଷୟ (ଅର୍ଥ)-ଶବ୍ଦ, ଗନ୍ଧ, ରୂପାଦି ବହୁତ ବିସ୍ତୃତ। ସେହିପରି "ଅର୍ଥେଭ୍ୟଶ୍ଚ ପରଂ ମନଃ"- ବିଷୟକୁଡ଼ିକ ପରେ ହେଉଛି ମନ। ଏହି ମନ ଏଭଳି ବିଷୟଗୁଡ଼ିକର କଳ୍ପନା କରିପାରେ ଯେ, ତା'ର ସୀମା ନାହିଁ। "ମନସସ୍ତୁ ପରା ବୁଦ୍ଧିଃ"- ମନଠାରୁ ପରେ ବୁଦ୍ଧି ଏବଂ ଏହି ବ୍ୟକ୍ତିଗତ ବୁଦ୍ଧିଠାରୁ ମଧ୍ୟ ପରେ ସମଷ୍ଟି ବୁଦ୍ଧି। "ବୁଦ୍ଧେଃ ଆତ୍ମା ମହାନ୍ ପରଃ"- ଜୀବ ବୁଦ୍ଧିର ପରେ ହେଉଛି ଈଶ୍ୱରଙ୍କ ବୁଦ୍ଧି, ଅର୍ଥାତ୍ ମହାନ୍ ଆତ୍ମା। "ମହତଃ ପରମ୍ ଅବ୍ୟକ୍ତମ୍"- ସେହି ମହତ୍ ତତ୍ତ୍ୱ ପରେ ଅବ୍ୟକ୍ତ ପ୍ରକୃତି ଏବଂ "ଅବ୍ୟକ୍ତାତ୍ ପୁରୁଷଃ ପରଃ"। ଅର୍ଥାତ୍, ଅବ୍ୟକ୍ତ ପ୍ରକୃତି ପରେ ଶ୍ରେଷ୍ଠ ପରମ-ପୁରୁଷ। "ପୁରୁଷାତ୍ ନ ପରମ୍ କିଞ୍ଚିତ୍"- ଭଗବାନ୍‌ଙ୍କ ପରେ ଅନ୍ୟ କିଛି ନାହିଁ ବା କେହି ନାହିଁ। ଭଗବାନ୍ ହେଉଛନ୍ତି - 'ଏକମେବାଦ୍ୱିତୀୟ, ସଚ୍ଚିଦାନନ୍ଦ ସ୍ୱରୂପ, ପୁରୁଷୋତ୍ତମ।' 'ସବ ପର ରାମ ତପସ୍ୱୀ ରାଜା'- କହିବାର ତାତ୍ପର୍ଯ୍ୟ ଉପରୋକ୍ତ ବ୍ୟାଖ୍ୟାରେ ନିହିତ। ତେଣୁ ଏସବୁ ପରେ ଶ୍ରୀରାମ।

"ତିନ କେ କାଜ ସକଲ ତୁମ ସାଜା"- କିନ୍ତୁ ଏହାହିଁ ଆଶ୍ଚର୍ଯ୍ୟ ଯେ, ଯେଉଁ ଶ୍ରୀରାମ ସମସ୍ତଙ୍କ ପରେ ତାଙ୍କର ସବୁ କାର୍ଯ୍ୟ ହନୁମାନ ଏକାକୀ ସମ୍ଭାଳି ନେଇଥିଲେ। ସେ ସମୁଦ୍ର ପାର କରି ସୀତାଙ୍କ ଅନୁସନ୍ଧାନ କଲେ,

ସୀତାଙ୍କୁ ଶ୍ରୀରାମଙ୍କ ସନ୍ଦେଶ ଦେଇଥିଲେ ଏବଂ ସୀତାଙ୍କ ସନ୍ଦେଶ ଆଣି ପ୍ରଭୁଙ୍କ ନିକଟରେ ମଧ୍ୟ ପହଞ୍ଚାଇ ଥିଲେ। ଲକ୍ଷ୍ମଣଙ୍କୁ ମୃତ୍ୟୁରୁ ବଞ୍ଚାଇଥିଲେ। ଭରତ ମଧ୍ୟ ଶ୍ରୀରାମଙ୍କ ବିୟୋଗରେ ଚଉଦ ବର୍ଷ ପର୍ଯ୍ୟନ୍ତ କଷ୍ଟ ସହନ କରିବା ପରେ ନିଜକୁ ଅସହାୟ ମନେକରି ପ୍ରାଣତ୍ୟାଗ କରିବାକୁ ଯିବା ପୂର୍ବରୁ ହନୁମାନ୍ ତାଙ୍କ ନିକଟରେ ପହଞ୍ଚି "ଶ୍ରୀରାମ ପ୍ରଭୁ ଅଯୋଧ୍ୟାକୁ ଖୁବ୍ ଶୀଘ୍ର ଫେରି ଆସୁଛନ୍ତି" କହି ଭରତଙ୍କର ପ୍ରାଣ ରକ୍ଷା କରିଥିଲେ। "ଔର ମନୋରଥ ଜୋ କୋଇ ଲାୱୈ"- ଏହିପରି ହନୁମାନ କେବଳ ପ୍ରଭୁଙ୍କ କାର୍ଯ୍ୟ ବା ଇଚ୍ଛା ପୂରଣ କରିବାକୁ ସମର୍ଥ ନ ଥିଲେ, ବରଂ ଯିଏ ଯେଉଁଭଳି କାମନା କରିବ ତା'ର ସେସବୁ ଇଚ୍ଛା ମଧ୍ୟ ସେ ପୂର୍ଣ୍ଣ କରିଥାନ୍ତି। କେବଳ ଏତିକି ନୁହେଁ, ଗୋସ୍ୱାମୀଜୀଙ୍କ ଭାଷାରେ "ସୋଇ ଅମିତ ଜୀବନ ଫଲ ପାୱୈ" ଅର୍ଥାତ୍, ତାଙ୍କ କୃପାରୁ ଆମକୁ ଅନନ୍ତ ଜୀବନ, ଅସୀମ ଫଳ (ଚାରିପୁରୁଷାର୍ଥ) ପ୍ରାପ୍ତ ହୋଇଥାଏ।

"ଚାରୋ ଜୁଗ ପରତାପ ତୁମ୍ହାରା, ହୈ ପରସିଦ୍ଧ ଜଗତ ଉଜିୟାରା"- ଜଗତରେ ପ୍ରସିଦ୍ଧ କି ଚାରିଯୁଗରେ ହନୁମାନଙ୍କ ପ୍ରତାପ ରହେ। ତ୍ରେତା ଯୁଗରେ ରାମାବତାର ସମୟରେ ହନୁମାନଙ୍କ ଅବତାର ହୋଇଥିଲା- ଏହା ସୁପ୍ରସିଦ୍ଧ। କିନ୍ତୁ ଦ୍ୱାପର ଯୁଗରେ, କଳିଯୁଗରେ ଏବଂ ସତ୍ୟଯୁଗରେ ମଧ୍ୟ ହନୁମାନଙ୍କ ପ୍ରତାପ ରହେ। ଯେହେତୁ ଚାରିଯୁଗରେ ବାୟୁଦେବତାଙ୍କର ସତ୍ତା ଅଛି, ତେଣୁ ବାୟୁପୁତ୍ର ହନୁମାନଙ୍କ ମଧ୍ୟ ସତ୍ତା ବା ପ୍ରଭାବ ରହେ। "ସାଧୁ ସନ୍ତ କେ ତୁମ ରଖୱାରେ, ଅସୁର ନିକନ୍ଦନ ରାମ ଦୁଲାରେ"- ହନୁମାନଜୀ ସାଧୁ-ସନ୍ଥମାନଙ୍କର ରକ୍ଷା କରନ୍ତି ଏବଂ ଅସୁରଙ୍କୁ ବିନାଶ କରନ୍ତି। କେହି କେହି ବଳବାନ ହୋଇ ନିର୍ବଳମାନଙ୍କ ଉପରେ ଅତ୍ୟାଚାର କରିଥାନ୍ତି। କିନ୍ତୁ ହନୁମାନ ଅତୁଳନୀୟ ବଳର ଅଧିକାରୀ ହୋଇ ମଧ୍ୟ କେବଳ ରାକ୍ଷସ ବା ଆସୁରୀ ସ୍ୱଭାବର ଲୋକମାନଙ୍କୁ ବିନାଶ କରନ୍ତି। ତେଣୁ ଶ୍ରୀରାମଙ୍କର ସେ ଅତ୍ୟନ୍ତ ପ୍ରିୟପାତ୍ର ହୋଇପାରିଥିଲେ।

"ଅଷ୍ଟ ସିଦ୍ଧି ନୌ ନିଧି କେ ଦାତା। ଅସ ବର ଦୀନ ଜାନକୀ ମାତା।।

ରାମ ରସାୟନ ତୁହ୍ମରେ ପାସା । ସଦା ରହୋ ରଘୁପତି କେ ଦାସା ।।
ତୁହ୍ମରେ ଭଜନ ରାମ କୋ ପାୱେଁ । ଜନମ-ଜନମ କେ ଦୁଖ ବିସରାୱେଁ ।।"

ହନୁମାନଜୀ ଯେତେବେଳେ ଲଙ୍କାରେ ସୀତାଙ୍କୁ ଖୋଜି ଖୋଜି ପରିଶେଷରେ ଅଶୋକ ବାଟିକାରେ ପହଞ୍ଚିଥିଲେ ଏବଂ ସେଠାରେ ସୀତାଙ୍କୁ ଦେଖି ଶ୍ରୀରାମକଥା ଶୁଣାଇଥିଲେ । ସେତେବେଳେ ସୀତାମାତା ହନୁମାନଙ୍କ ଉପରେ ବଡ଼ ପ୍ରସନ୍ନ ହୋଇଥିଲେ ଏବଂ ତାଙ୍କୁ ବଳ, ବୁଦ୍ଧି ଓ ଗୁଣବାନ ହେବାଲାଗି ବରପ୍ରଦାନ କରିଥିଲେ, ଅର୍ଥାତ୍ ଆଶୀର୍ବାଦ ଦେଇଥିଲେ । ତେଣୁ ସେ ଶ୍ରୀରାମଙ୍କର ପ୍ରିୟ 'ରାମ ଦୁଲ୍ଲାରେ' ହୋଇପାରିଥିଲେ । କେବଳ ଏତିକି ନୁହେଁ ସୀତାମାତା ତାଙ୍କୁ କହିଥିଲେ,ଯେ, "କରହୁଁ ବହୁତ ରଘୁନାୟକ ଛୋହୂ" ଅର୍ଥାତ୍ ଶ୍ରୀରାମ ତୁମକୁ ଅତ୍ୟନ୍ତ ଭଲ ପାଆନ୍ତୁ ! ତାଙ୍କୁ ଅଷ୍ଟ-ସିଦ୍ଧି ଏବଂ ନବ-ନିଧିର ତାତା ହେବାଲାଗି ମଧ୍ୟ ସୀତାଙ୍କଠାରୁ ବର ପ୍ରାପ୍ତ ହୋଇଥିଲା । ସେହି ସିଦ୍ଧିଗୁଡ଼ିକ ହେଉଛି- ଅଣିମା, ମହିମା, ଲଘିମା, ଗରିମା, ପ୍ରାପ୍ତି, ପ୍ରକାମ୍ୟ, ଈଶିତ୍ୱ ଏବଂ ବଶିତ୍ୱ । 'ଅଣିମା'- ଅର୍ଥାତ୍ ଅତ୍ୟନ୍ତ ସୂକ୍ଷ୍ମ ଛୋଟରୂପ ହୋଇଯିବା । 'ମହିମା'- ବିଶାଳରୂପ ଧାରଣ କରିବା । ସମୁଦ୍ର ଲଘିଂବା ବେଳେ ହନୁମାନ ଏତେ ବଡ଼ ହୋଇଯାଇଥିଲେ ଯେ ସୁରସା ରାକ୍ଷସୀ ମଧ୍ୟ ତାଙ୍କୁ ଗିଳି ପାରିଲା ନାହିଁ । "ଜସ ଜସ ସୁରସା ବଦନୁ ବଢ଼ାୟା । ତାସୁ ଦୂନ କପି ରୂପ ଦେଖାୟା ।।" ତେଣୁ ସେ ସଂକଳ୍ପ ମାତ୍ରେ ଛୋଟ ଏବଂ ବଡ଼ ହୋଇ ପାରୁଥିଲେ । "ଗରିମା"- ଭାରି ହୋଇଯିବା, ଗୁରୁ ହେବା । ମହାଭାରତ ଯୁଦ୍ଧ ବେଳେ ହନୁମାନ ତାଙ୍କର ଲାଙ୍ଗୁଳକୁ ଏତେ ଭାରି କରିଦେଲେ କି ଭୀମସେନ ମଧ୍ୟ ତାକୁ ଉଠାଇପାରି ନ ଥିଲେ । 'ଲଘିମା'- ହାଲୁକା ହେବା । ଯେଭଳି ମୟୁର ପୁଚ୍ଛ ଅଥବା ଅନ୍ୟ କୌଣସି ପଙ୍ଖ । ଯେତେବେଳେ ସେ ଲଙ୍କାକୁ ଜଳାଇଥିଲେ, ସେତେବେଳେ "ଦେହ ବିଶାଳ ପରମ ହରୁଆଈ । ମନ୍ଦିର ତେ ମନ୍ଦିର ଚଢ଼ଧାଈ" । କେହି ଅଧିକ ମୋଟା, ଭାରି ହୋଇଥିବାରୁ ନିଜକୁ ମଧ୍ୟ ଉଠାଇପାରନ୍ତି ନାହିଁ । ଉଠିବା ବେଳେ ଅନ୍ୟର ସହାୟତା ନିଅନ୍ତି । ଅର୍ଥାତ୍ କୌଣସି ବାଡ଼ି, କାନ୍ଥ ଅଥବା

ବ୍ୟକ୍ତିକୁ ଧରି ଉଠନ୍ତି ।

'ପ୍ରାପ୍ତି'- ଅର୍ଥାତ୍, ଇଚ୍ଛିତ ବସ୍ତୁକୁ ପ୍ରାପ୍ତ କରିବା ଶକ୍ତି । ଏକ ସ୍ଥାନରେ ରହି ଲୋକ-ଲୋକାନ୍ତରଗୁଡ଼ିକର ଦର୍ଶନ କରିବା । ଅର୍ଥାତ୍, ବର୍ତ୍ତମାନ ଏବଂ ଭବିଷ୍ୟତ ସବୁକିଛି ଦେଖିପାରିବା । 'ପ୍ରକାମ୍ୟ'- ଯେଭଳି ଇଚ୍ଛା ସେଭଳି ହେବାର ଶକ୍ତି । କାମନା ଅନୁସାରେ ରୂପ, ଶକ୍ତି, ବସ୍ତୁ ଇତ୍ୟାଦି ପ୍ରାପ୍ତ କରିବା । 'ଈଶିତ୍ୱ'- ଶାସନ କରିବା ଏବଂ 'ବଶିତ୍ୱ'ର ଅର୍ଥ ସମସ୍ତଙ୍କୁ ନିଜ ବଶରେ, ଅଧୀନରେ ଆଣିବାର ଶକ୍ତି (ବଶୀକରଣ) । ଯୋଗଶାସ୍ତ୍ରରେ ଏଭଳି ଅଷ୍ଟସିଦ୍ଧି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ଓ ଏହା କେବଳ ଭଗବାନ୍‌ଙ୍କ କୃପାରେ ବ୍ୟକ୍ତିକୁ ମିଳିପାରେ ତଥା ପ୍ରାଣାୟାମ, ମନ୍ତ୍ରଜପ ଦ୍ୱାରା, କର୍ମାନୁଷ୍ଠାନ, ତପ ଦ୍ୱାରା ଏଥିମଧ୍ୟରୁ କିଛି କିଛି ସିଦ୍ଧି ମିଳିପାରେ ।

ଅଷ୍ଟ ସିଦ୍ଧି ସହିତ ନବନିଧି ମଧ୍ୟ ହନୁମାନଙ୍କୁ ପ୍ରାପ୍ତ ଥିଲା ଓ ସେସବୁର ସେ ମଧ୍ୟ ଦାତା ଥିଲେ । ସାମାନ୍ୟତଃ କୁବେରଙ୍କ ପାଖରେ ନବନିଧି ଥାଏ ଏବଂ ସେ ହେଉଛନ୍ତି ଦେବତାମାନଙ୍କ କୋଷାଧ୍ୟକ୍ଷ । ତେଣୁ କୁବେରଙ୍କ ପାଖରେ ନବନିଧିର ଭଣ୍ଡାର ଥାଏ । ସେଗୁଡ଼ିକ ହେଉଛି- ମହାପଦ୍ମ, ପଦ୍ମ, ଶଙ୍ଖ, ମକର, କଚ୍ଛପ, ମୁକୁନ୍ଦ, କୁନ୍ଦ, ନୀଳ ଓ ଖର୍ବ । ଏହିପରି ନବରତ୍ନ ହେଉଛି- ମୁକ୍ତା, ମାଣିକ୍ୟ, ବୈଦୁର୍ଯ୍ୟ, ଗୋମେଦ, ବଜ୍ର (ହୀରା), ବିଦ୍ରୁମ, ପଦ୍ମରାଗ, ମରକତ, ପନ୍ନା ଓ ନୀଳମ୍ । ମରକତ ମଣି ସବୁଜ ରଙ୍ଗର ହୋଇଥାଏ, ଯାହାକୁ ଇଂରେଜୀରେ ଇମେରାଲଡ୍ କହନ୍ତି । ମୁକ୍ତା ଅର୍ଥ ମୋତୀ ।

'ରାମ ରସାୟନ' ଅର୍ଥାତ୍, ରାମପ୍ରେମ (ରାମରସ) ହନୁମାନଙ୍କ ପାଖରେ ଥିଲା । ତେଣୁ ଗୋସ୍ୱାମୀ କହିଛନ୍ତି କି ଏଥିଲାଗି ସେ ରଘୁପତିଙ୍କର ସର୍ବଦା ଦାସଭାବରେ ସେବାରତ ଥିଲେ । "ତୁହ୍ମରେ ଭଜନ ରାମ କୋ ପାୱେଁ"- କେତେକ ସ୍ଥଳରେ 'ପାୱେଁ ଏବଂ ଭାୱେଁ' ଉଭୟ ପାଠ କରାଯାଇଥାଏ । ହନୁମାନଙ୍କ ଭଜନ କଲେ ଭଗବାନ ଶ୍ରୀରାମ ପ୍ରସନ୍ନ ହୁଅନ୍ତି । ଏହାର ଅନ୍ୟ ଅର୍ଥ ହେଉଛି କି ହନୁମାନଙ୍କର ଭଜନ କରିବା ଦ୍ୱାରା ଶ୍ରୀରାମଙ୍କ ପ୍ରାପ୍ତି

ହୋଇଥାଏ। 'ଜନମ ଜନମ କେ ଦୁଖ ବିସରାୱୈ'- ଭଗବାନଙ୍କ ପ୍ରାପ୍ତିର ଫଳସ୍ୱରୂପ ଜନ୍ମ-ଜନ୍ମାନ୍ତରର ଦୁଃଖ ଦୂର ହୋଇ ଜୀବ ମୁକ୍ତ ହୋଇଯାଏ। 'ଅନ୍ତକାଲ ରଘୁବର ପୁର ଜାଈ'- ଅନ୍ତକାଳରେ ଦେହତ୍ୟାଗ ପରେ ଭଗବାନ୍‌ଙ୍କ "ସାକେତ' ଧାମକୁ ଜୀବ ଯାତ୍ରା କରେ, ଅର୍ଥାତ୍ ପ୍ରାପ୍ତ ହୁଏ। ବିଷ୍ଣୁଙ୍କ ଧାମ ବୈକୁଣ୍ଠ ଧାମକୁ ପ୍ରାପ୍ତ ହୋଇଥାଏ। "ଜହାଁ ଜନ୍ମ ହରି-ଭକ୍ତ କହାଈ"- ଭଗବାନଙ୍କ ଧାମକୁ ପ୍ରାପ୍ତ ହେଲାପରେ ଜୀବ ଜନ୍ମରୁ ହିଁ ହରି-ଭକ୍ତ ହୁଏ। କାରଣ, ସେସବୁ ସ୍ଥାନରେ କେବଳ ହରି-ଭକ୍ତ ହିଁ ପହଞ୍ଚି ପାରନ୍ତି।

"ଔର ଦେବତା ଚିତ୍ତ ନ ଧରଈ। ହନୁମତ ସେଇ ସର୍ବ ସୁଖ କରଈ॥" ହନୁମାନଙ୍କ ଦ୍ୱାରା ହିଁ ସବୁ ପ୍ରକାରର ସୁଖ ମିଳିପାରେ। ତେଣୁ କୁହାଯାଇଛି କି ଅନ୍ୟ ଦେବତାଙ୍କୁ ମନରେ ଧ୍ୟାନ କରିବା କିଛି ଆବଶ୍ୟକ ନାହିଁ। ଅର୍ଥାତ୍, ଜଣଙ୍କ ପ୍ରତି ଅନନ୍ୟ ଭକ୍ତି ରଖିଲେ ମନରେ ଶ୍ରଦ୍ଧା-ବିଶ୍ୱାସ ଓ ସମର୍ପଣ ଭାବ ବଢ଼େ। ଦିନ ପ୍ରତିଦିନ ବିଭିନ୍ନ ଦେବା-ଦେବୀ ଅଥବା ଭୂତ-ପ୍ରେତଙ୍କର ଉପାସନା କରିବା ଅନୁଚିତ୍। ଏଠାରେ 'ଅନ୍ୟ ଦେବତା'ର ଅର୍ଥ ଇନ୍ଦ୍ର, ବରୁଣ, ଅଗ୍ନି, ବାୟୁ, କୁବେର, ଦଶଦିଗ୍‌ପାଳ ଇତ୍ୟାଦି। ଏମାନଙ୍କ ପାଖରେ ଆଂଶିକ ଶକ୍ତି ଥାଏ। ତେଣୁ, ଏମାନେ ବ୍ୟକ୍ତିର ସବୁ ମନୋକାମନା ପୂର୍ଣ୍ଣକରିବାକୁ ଅସମର୍ଥ। "ସଙ୍କଟ କଟେ ମିଟେ ସବ ପୀରା। ଜୋ ସୁମିରୈ ହନୁମତ ବଲବୀରା" ॥- ଏଭଳି ବଳବାନ ଓ ବୀର ହନୁମାନଙ୍କ ସ୍ମରଣ ଦ୍ୱାରା ଆମର ସବୁ ସଙ୍କଟ ଦୂର ହୋଇ ଦୁଃଖ-କଷ୍ଟ ମଧ୍ୟ ସମାପ୍ତ ହୋଇଯାଏ।

"ଜୈ ଜୈ ଜୈ ହନୁମାନ ଗୋସାଈଁ। କୃପା କରହୁ ଗୁରୁଦେବ କୀ ନାଈଁ॥

ଜୋ ସତବାର ପାଠ କର କୋଈ। ଛୁଟହି ବନ୍ଦି ମହା ସୁଖ ହୋଈ॥

ଜୋ ୟହ ପଢ଼ୈ ହନୁମାନ ଚାଳୀସା। ହୋୟ ସିଦ୍ଧି ସାଖୀ ଗୌରୀସା॥

ତୁଳସୀଦାସ ସଦା ହରି ଚେରା। କୀଜୈ ନାଥ ହୃଦୟ ମହଁ ଡ଼େରା॥"

"ଜୟ ଜୟ ଜୟ ହନୁମାନ ଗୋସାଈଁ"- ଏହି ଚୌପାଈରେ ହନୁମାନଙ୍କର ଜୟ ଜୟକାର କରିଛନ୍ତି ଗୋସ୍ୱାମୀଜୀ। ଏଠାରେ 'ଗୋସାଈଁ'

ଅର୍ଥାତ୍, ଗୋସ୍ୱାମୀ। 'ଗୋ'ର ଅର୍ଥ ଇନ୍ଦ୍ରିୟ। ତେଣୁ 'ଗୋସ୍ୱାମୀ'ର ଅର୍ଥ ଇନ୍ଦ୍ରିୟଗୁଡ଼ିକର ସ୍ୱାମୀ। ତାତ୍ପର୍ଯ୍ୟ ଏହି କି ହନୁମାନଜୀ ସବୁ ଇନ୍ଦ୍ରିୟଗୁଡ଼ିକୁ ନିଜ ବଶରେ ରଖିଥିଲେ ଏବଂ ଜିତେନ୍ଦ୍ରିୟ ହୋଇ ପାରିଥିଲେ। ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କି ଯେଉଁ ବ୍ୟକ୍ତି ତା'ର ଇନ୍ଦ୍ରିୟଗୁଡ଼ିକୁ ନିଜ ବଶରେ ରଖେ ସେ ହିଁ ହନୁମାନଙ୍କ ଭଳି ହୋଇପାରେ। ଯେଉଁଭଳି ସମସ୍ୟା, ପରିସ୍ଥିତି ଆସିଲେ ମଧ୍ୟ ସେଗୁଡ଼ିକୁ ସମ୍ମୁଖୀନ ହେବାଲାଗି ତା'ଠାରେ ଶକ୍ତି ତଥା ସାହସ ଆସିଯାଏ। 'ଗୋସ୍ୱାମୀ'ର ଅନ୍ୟ ଏକ ପ୍ରତିଶବ୍ଦ ହେଉଛି ହୃଷିକେଶ, ଅର୍ଥାତ୍ "ହୃଷିକାଣାଂ ଈଶଃ" ଇନ୍ଦ୍ରିୟଗୁଡ଼ିକର ସ୍ୱାମୀ। ଭଗବାନ୍ ଶ୍ରୀକୃଷ୍ଣଙ୍କର ମଧ୍ୟ ଗୋଟିଏ ନାମ-ହୃଷିକେଶ।

"କୃପା କରହୁ ଗୁରୁ ଦେବ କୀ ନାଇଁ"- ହେ ହନୁମାନଜୀ! ଆପଣ ଗୁରୁଦେବଙ୍କ ଭଳି ଆମ ଉପରେ କୃପା କରନ୍ତୁ! ଗୁରୁ ଏଭଳି ଅଟନ୍ତି କି ଭଗବାନ୍‌ଙ୍କ ଯଦି ଆମ ଉପରେ କୋପଦୃଷ୍ଟି ପଡ଼େ, ତଥାପି ମଧ୍ୟ ଗୁରୁ ଆମକୁ ରକ୍ଷା କରନ୍ତି। କିନ୍ତୁ ଗୁରୁ କଦାପି ସେବକ ବା ଶିଷ୍ୟ ଉପରେ ଦ୍ୱେଷ ଭାବ ରଖନ୍ତି ନାହିଁ। ଏହାହିଁ ଗୁରୁଦେବଙ୍କ ବିଶେଷତା। ତେଣୁ ତାଙ୍କୁ କାରୁଣ୍ୟସିନ୍ଧୁ, କୃପାସାଗର ଇତ୍ୟାଦି କୁହାଯାଇଥାଏ। ଅନ୍ୟ ଏକ ଦୃଷ୍ଟିରୁ ହନୁମାନଜୀ ଶଙ୍କର ଭଗବାନ୍‌ଙ୍କ ଅବତାର ଏବଂ ଶଙ୍କର ଭଗବାନ୍ ହେଉଛନ୍ତି- ଗୁରୁରୂପ। "ବନ୍ଦେ ବୋଧମୟଂ ନିତ୍ୟଂ ଗୁରୁଂ ଶଙ୍କର ରୂପୀଣମ୍"- ଏଭଳି ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ ବନ୍ଦନା କରିଛନ୍ତି।

"ଜୋ ସତ ବାର ପାଠ କର କୋଇ। ଛୁଟହି ବନ୍ଦି ମହା ସୁଖ ହୋଇ।।" ଅର୍ଥାତ୍, ଯଦି କେହି ବନ୍ଧନରେ ପଡ଼ିଥାଏ, ଲୌକିକ ଦୃଷ୍ଟିରେ କେହି କାରାଗାରରେ ବନ୍ଦୀ ହୋଇ ରହିଥିଲେ, ସେ ଯଦି ସେଠାରେ ହନୁମାନଙ୍କ ଧ୍ୟାନ କରେ, ତେବେ ସେ ସେହି ବନ୍ଧନରୁ ମୁକ୍ତ ହୋଇଯାଏ। କିନ୍ତୁ ଏହାର ବାସ୍ତବିକ ଅର୍ଥ ହେଉଛି- ସମସ୍ତ ସାଂସାରିକ ବନ୍ଧନଗୁଡ଼ିକରୁ ମୁକ୍ତ ହେବା। ଯଦି କେହି ଶହେଥର ହନୁମାନ ଚାଳିଶା ପାଠ କରିପାରିବ, ତେବେ ସେ ନିଶ୍ଚିତ ବନ୍ଧନରୁ ମୁକ୍ତ ହେବ। କିନ୍ତୁ ପାଠ ସଂକଳ୍ପ ପୂର୍ବକ ନିଷ୍ଠାବାନ୍ ହୋଇ

ଶ୍ରଦ୍ଧା ଓ ଭକ୍ତିରେ ହେବା ଉଚିତ୍। "ଜୋ ଯହ ପଢ଼ୈ ହନୁମାନ ଚାଳୀସା। ହୋୟ ସିଦ୍ଧି ସାଖୀ ଗୌରୀସା" ।। ଯଦି କେହି ଶରୀର, ମନ ଓ ବାଣୀରେ ଏହି ଚାଳିଶାକୁ ପଢ଼େ, ତେବେ ତାକୁ ସବୁ ସିଦ୍ଧି ପ୍ରାପ୍ତ ହୋଇଥାଏ। ଅର୍ଥାତ୍, ମନୋକାମନା ପୂର୍ଣ୍ଣ ହେବା ସହିତ ଅଷ୍ଟ-ସିଦ୍ଧି ମଧ୍ୟ ପ୍ରାପ୍ତ ହୋଇଥାଏ। ଭଗବାନ୍ ରମଣ ମହର୍ଷିଙ୍କ ଅନୁସାରେ ସବୁଠାରୁ ବଡ଼ ସିଦ୍ଧି ହେଉଛି- 'ନିଜର ଶୁଦ୍ଧ-ଚୈତନ୍ୟ-ଆତ୍ମସ୍ୱରୂପ, ସଚ୍ଚିଦାନନ୍ଦ ସ୍ୱରୂପର ଜ୍ଞାନ ହୋଇ ସେଥିରେ ଦୃଢ଼ ସ୍ଥିତି ପ୍ରାପ୍ତ ହେବା'। ଅନ୍ୟସବୁ ସିଦ୍ଧିଗୁଡ଼ିକ ସ୍ୱପ୍ନତୁଲ୍ୟ, କ୍ଷଣସ୍ଥାୟୀ, ଯାହାକି ସମୟାନୁସାର ଆସେ ଏବଂ ଚାଲିଯାଏ। ଗୋସ୍ୱାମୀଙ୍କ ମତରେ ଏହାର ପ୍ରମାଣ ହେଉଛନ୍ତି 'ସାଖୀ ଗୌରୀଶା' ଅର୍ଥାତ୍ ସ୍ୱୟଂ ଶଙ୍କର ଭଗବାନ୍।

"ତୁଳସୀଦାସ ସଦା ହରି ଚେରା। କୀଜୈ ନାଥ ହୃଦୟ ମହଁ ଡେ଼ରା" ।।- ଗୋସ୍ୱାମୀଜୀ କହୁଛନ୍ତି କି 'ମୁଁ ଆପଣଙ୍କ ସର୍ବଦା ସେବକ (ନିତ୍ୟଦାସ)।' 'ଚେ଼ରା'- ଅର୍ଥାତ୍, ଚେ଼ଲା ବା ସେବକ, ଶିଷ୍ୟ ମଧ୍ୟ କୁହାଯାଏ। ତେଣୁ ଆପଣ ସର୍ବଦା ମୋର ହୃଦୟରେ 'ଡେ଼ରା'- ନିବାସ କରନ୍ତୁ! ପରିଶେଷରେ ଗୋସ୍ୱାମୀଜୀ ଏକ ଦୋହା ମାଧ୍ୟମରେ ଶ୍ରୀହନୁମାନ ଚାଳିଶାର ପରିସମାପ୍ତି କରି କହିଛନ୍ତି-

'ପବନ ତନୟ ସଙ୍କଟ ହରନ, ମଙ୍ଗଲ ମୂରତି ରୂପ।
ରାମ ଲଖନ ସୀତା ସହିତ, ହୃଦୟ ବସହୁ ସୁର ଭୂପ ।।'

"ହେ ହନୁମାନଜୀ! ଆପଣ ହେଉଛନ୍ତି ପବନପୁତ୍ର, ସମସ୍ତ ସଙ୍କଟ ଦୂର କରିଥାନ୍ତି। ଆପଣ ମଙ୍ଗଳର ମୂର୍ତ୍ତିମାନ ରୂପ, ଆପଣଙ୍କର ନାମ ମଧ୍ୟ ମଙ୍ଗଳକାରୀ, ଗୁଣ ଓ ଲୀଳା ମଙ୍ଗଳମୟ। ଆପଣ ସ୍ୱୟଂ ମଙ୍ଗଳ ଧାମ ଅଟନ୍ତି। ତେଣୁ ଆପଣଙ୍କୁ ମୋର ବିନମ୍ର ନିବେଦନ କି 'ହେ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଦେବ! ଆପଣ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ସହିତ ମୋର ହୃଦୟରେ ନିରନ୍ତର ନିବାସ କରନ୍ତୁ!" ଅର୍ଥାତ୍, ଜ୍ଞାନ, ବୈରାଗ୍ୟ ଓ ଭକ୍ତି ତଥା ସେବାରେ ମୋର ହୃଦୟକୁ (ଜୀବନ) ପରିପୂର୍ଣ୍ଣ କରନ୍ତୁ! କାରଣ,

ହନୁମାନଜୀ ରାମସେବାର ଶ୍ରେଷ୍ଠ ଆଦର୍ଶ। ଏହିପରି କୌଣସି ବ୍ୟକ୍ତିର ଜୀବନରେ ଜ୍ଞାନ, ଭକ୍ତି, ବୈରାଗ୍ୟ ଓ ସେବାଭାବ ଆସିଗଲେ ଜୀବନ ଧନ୍ୟହୋଇ ଆନନ୍ଦରେ ପରିପୂର୍ଣ୍ଣ ହୋଇ ମଙ୍ଗଳମୟ ହୋଇଯାଏ।

'ସୀୟାବର ରାମଚନ୍ଦ୍ରକୀ-ଜୟ ! ପବନସୁତ ହନୁମାନ୍‌କୀ-ଜୟ ! ଉମାପତି ମହାଦେବକୀ-ଜୟ ! ଶ୍ରୀ ସଦ୍‌ଗୁରୁନାଥ ମହାରାଜକୀ ଜୟ ! ବୋଲ୍ ଭାଇ ସବ ସନ୍ତନ କୀ-ଜୟ !' ଓଁ ନମଃ ପାର୍ବତୀ ପତୟେ- ହର ହର ମହାଦେବ !

(ହରିଃ ଓଁ ତତ୍ ସତ୍ ! !)